

ଦୀପିକାଙ୍କୁ ପଛରେ ପକାଇଲେ ପ୍ରିୟଙ୍କା

▸ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-268 ◆BHUBANESWAR ◆THURSDAY ◆27 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୮ ◆ଭୁବନେଶ୍ୱର ◆ଗୁରୁବାର ◆୨୭ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଭୂପେଶ ବଘେଲଙ୍କ ଘରେ ସିବିଆଇ ଚଢ଼ଉ

**ମହାଦେବ ବେଟିଂ ଆପ୍ ମାମଲା**

**୪ ରାଜ୍ୟର ୬୦ ସ୍ଥାନରେ କାର୍ଯ୍ୟାନୁଷ୍ଠାନ**

**୪ ଆଇପିଏସଙ୍କ ଘର ମଧ୍ୟ ସାମିଲ**

■ **ରାୟପୁର, ୨୬।୩ (ଏଜେନ୍ସି):** ମହାଦେବ ବେଟିଂ ଆପ୍ ମାମଲାରେ ସିବିଆଇ ବୁଧବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୬ ହଜାର କୋଟିର ଏହି ଦୁର୍ନୀତି ମାମଲାରେ ଛତିଶଗଡ଼ ସହିତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଦିଲ୍ଲୀର ୬୦ ସ୍ଥାନରେ ଚଢ଼ଉ କରିଛି। ଏଥିରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ତାଙ୍କର ୨ ଓଏସ୍‌ଡି ଥିବା ଆଶିଷ ବର୍ମା ଓ ମନୀଷ ବଞ୍ଚୋର, ସଚିବ ସୌମ୍ୟା ଚୌରାସିଆଙ୍କ ଘରେ ସିବିଆଇ ଅଧିକାରୀ ତଲାସୀ ନେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ରାୟପୁର ଏବଂ ଭିଲାଇ ସ୍ଥିତ ଘରେ ▸ପୃଷ୍ଠା-୯




## ଶପଥନେଲେ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ



■ **କଟକ,୨୬ ।୩(ସମିସ):** ଓଡ଼ିଶା ହାଇକୋର୍ଟର ୩୫ତମ ନୂତନ ମୁଖ୍ୟ ବିଚାରପତି ଭାବେ ଆଜି ଜଷ୍ଟିସ ହରିଶ ଟଣ୍ଡନ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନୂତନ ମୁଖ୍ୟ ବିଚାରପତିଙ୍କୁ ଶପଥପାଠ କରାଇଥିଲେ। ହାଇକୋର୍ଟରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ହାଇକୋର୍ଟର ସମସ୍ତ ବିଚାରପତି ଯୋଗ ଦେଇଥିଲେ। ଉତ୍ସବରେ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ଆଦେଶନାମାକୁ ପାଠ କରିଥିଲେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ଉନ୍ନୟନ କମିସନର ଅନୁ ଗର୍ଗ, ପୁଲିସ ଡିଜି ୱାଇ.ବି.ଖୁରାନିଆ, ▸ପୃଷ୍ଠା-୯

# ବିଧାନସଭା ସମ୍ମୁଖ ରଣକ୍ଷେତ୍ର



## ପୁଲିସ-କଂଗ୍ରେସ କର୍ମୀ ଧସ୍ତାଧସ୍ତି; ବିଜେଡି ବିଧାୟକଙ୍କୁ ତାଲା

■ **ଭୁବନେଶ୍ୱର, ୨୬।୩ (ସମିସ):** ବିଧାନସଭାରେ କଂଗ୍ରେସର ବିଧାୟକଙ୍କୁ ନିଲମ୍ବନ, ପୁଲିସର ମାଡ଼ ପ୍ରସଙ୍ଗକୁ ନେଇ ବିଧାନସଭା ବାହାରେ ଶକ୍ତି ପ୍ରଦର୍ଶନ କରିଛି କଂଗ୍ରେସ। ଆଜି ବିଧାନସଭାକୁ ନିଲମ୍ବିତ କଂଗ୍ରେସ ବିଧାୟକମାନେ ପ୍ରବେଶ କରିବାକୁ ଉଦ୍ୟମ ବେଳେ ପୁଲିସ ସେମାନଙ୍କ ବାଟ ଓଗାଳିବାକୁ ନେଇ ସୃଷ୍ଟି ହୋଇଛି ଖଣ୍ଡଯୁଦ୍ଧ। ଉଭୟ ପୁଲିସ ଓ କଂଗ୍ରେସ କର୍ମୀ ରାସ୍ତା ଉପରେ ଗଡ଼ାପଡ଼ା ହୋଇଛନ୍ତି। କଂଗ୍ରେସ ବିଧାୟକଙ୍କୁ ବିଧାନସଭା ୧ ନମ୍ବର ଫାଟକ ନିକଟରେ

ଆଜି ସକାଳ ପ୍ରାୟ ୧୦ଟା ୨୦ ମିନିଟରେ ବିଧାନସଭାରୁ ନିଲମ୍ବିତ କଂଗ୍ରେସ ବିଧାୟକଙ୍କ ସହ ବିଧାୟକ ତାରା ପ୍ରସାଦ ବାହିନୀପତି, ରମେଶ ଜେନା ଏବଂ କଂଗ୍ରେସ କର୍ମୀମାନେ ବିଧାନସଭା ଆଡ଼କୁ ମାଡ଼ି ଆସିଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୁଲିସ କର୍ମୀଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ବିଧାନସଭା ବାହାରେ ବିଏନଏସର ଧାରା ୧୬୩ ଲାଗୁ ହୋଇଥିବା କାରଣରୁ ପୁଲିସ ଫାଟକ ଭିତରକୁ କାହାରିକୁ ଯିବାକୁ ଅନୁମତି ଦେଇ ନ ଥିଲା। କେବଳ

**ଧାରଣାରତ କଂଗ୍ରେସ ବିଧାୟକଙ୍କୁ ଉଠାଇ ନେଲା ପୁଲିସ**

**ବିଧାନସଭାକୁ ପଶି ପାରିଲେନି ସାଂସଦ ସପ୍ତଗିରି ଉଲ୍ଲାକା**

**ଟ୍ରେଲର ଦେଖିଲ, ଆସନ୍ତାକାଲି ଦେଖିବ ଫିଲ୍ମ: କଂଗ୍ରେସ**

**ବିଧାନସଭା ଘେରିବେ ୩୦ ହଜାର କଂଗ୍ରେସ କର୍ମୀ**

ପୁଲିସ ରୋକିବା ପରେ ସେମାନେ ସେଠାରେ ଧାରଣାରେ ବସିଛନ୍ତି। ଏପରିକି କଂଗ୍ରେସର କୋରାପୁଟର ଏକମାତ୍ର ସାଂସଦ ସପ୍ତଗିରି ଉଲ୍ଲାକା ବିଧାନସଭା ମଧ୍ୟକୁ ପ୍ରବେଶ କରିବାକୁ ଅଡି ବସିଥିବା ବେଳେ ତାଙ୍କୁ ମଧ୍ୟ ପୁଲିସ ଛାଡ଼ିନଥିଲା। ପ୍ରାୟ ଏକ ଘଣ୍ଟା କାଳ ଧରି ଏହି ହାଇ ଭୋଲଟେଜ ଡ୍ରାମା ବିଧାନସଭା ଫାଟକ ନିକଟରେ ଜାରି ରହିବା ପରେପୁଲିସ ସମସ୍ତ କଂଗ୍ରେସ କର୍ମୀ ଏବଂ ବିଧାୟକଙ୍କୁ ବଳପୂର୍ବକ ଉଠାଇ ନେଇଥିଲା।

ଫାଟକ ଦେଇ ବିଧାୟକ ତାରା ବାହିନୀପତି ଏବଂ ରମେଶ ଜେନା ଯାଇଥିଲେ। ଯାହାକୁ ନେଇ ତାତିଥିଲେ କଂଗ୍ରେସ ବିଧାୟକ ଏବଂ କଂଗ୍ରେସ କର୍ମୀ ତାତିଥିଲେ। ଫାଟକ ସାମ୍ନାରେ କଂଗ୍ରେସ ବିଧାୟକମାନେ ଧାରଣା ଦେଇଥିଲେ। ପୁଲିସ ସେମାନଙ୍କୁ ଫାଟକ ଛାଡ଼ି ଚାଲିଯିବାକୁ ଅନୁରୋଧ କରିଥିଲେ ହେଁ କେହି ଏହାକୁ କର୍ଣ୍ଣପାତ କରି ନ ଥିଲେ। ଶେଷରେ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା ▸ପୃଷ୍ଠା-୯



**ବିଧାନସଭା ଇତିହାସରେ ବିରଳ ଅଧ୍ୟାୟ**

## କଂଗ୍ରେସର ସମସ୍ତ ୧୪ ବିଧାୟକ ନିଲମ୍ବିତ

■ **ଭୁବନେଶ୍ୱର, ୨୬।୩ (ସମିସ):** ନାରୀ ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ଗୃହ କମିଟି ଗଠନ ଦାବିରେ ପ୍ରତିବାଦ କରୁଥିବା କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ବାଚସ୍ପତି ସୁରମା ପାଢ଼ୀ ମଙ୍ଗଳବାର ୭ ଦିନିଆ ନିଲମ୍ବନ ଆଦେଶ ଶୁଣାଇଥିଲେ। ବୁଧବାର ଆଉ ୨ ଜଣ ଅର୍ଥାତ୍ ସମସ୍ତ ୧୪ ଜଣ ସଦସ୍ୟଙ୍କୁ ଗୃହରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ହୋଇଥିବା ଆଉ ୨ ବିଧାୟକ ହେଲେ କୋରାପୁଟ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଜେନା। ଆଜି ଗୃହରେ ପ୍ରଶ୍ନକାଳ ଆରମ୍ଭରୁ ଉଭୟେ ଘଣ୍ଟା ମାଡ କରିବା ସହ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସେମାନଙ୍କୁ ନିଲମ୍ବନ କରିବା ପାଇଁ ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରସ୍ତାବ ଆଣିଥିଲେ। ଅସଂସଦୀୟ ଆଚରଣ, ବାଚସ୍ପତିଙ୍କ ଆସନର କର୍ତ୍ତୃତ୍ୱ ପ୍ରତି ଅବମାନନା , ବିଧାନସଭା କାର୍ଯ୍ୟରେ ବାଧା ଉପୁଜ କରୁଥିବାରୁ ଦୁଇ ବିଧାୟକଙ୍କୁ ନିଲମ୍ବନ କରାଯାଉ ବୋଲି ପ୍ରସ୍ତାବରେ ଉଲ୍ଲେଖ କରିଥିଲେ ମୁଖ୍ୟ ସଚେତକ। ଏହାପରେ ବାଚସ୍ପତି ପ୍ରସ୍ତାବକୁ ମଞ୍ଜୁର କରିଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟକୁ ଯିବାକୁ ବିଜେଡି ବିଧାୟକଙ୍କୁ ବାଧା



■ **ଭୁବନେଶ୍ୱର, ୨୬।୩ (ସମିସ):** ରାଜ୍ୟ ସରକାରଙ୍କ ଏକଛତ୍ରବାଦୀ ନୀତିର ଆଉ ଏକ ନମୂନା ଆଜି ବିଧାନସଭା ବାହାରେ ଦେଖିବାକୁ ମିଳିଛି। କଂଗ୍ରେସର ସବୁ ବିଧାୟକଙ୍କୁ ନିଲମ୍ବନ କରାଯାଇଥିବାବେଳେ ଫାଟକରେ ତାଲା ଦେଇ ମୁଖ୍ୟ ବିରୋଧୀ ବିଜେଡି ବିଧାୟକମାନଙ୍କୁ ରୋକିଛନ୍ତି। ବିଜେଡି ବିଧାୟକମାନେ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବାକୁ ଯାଉଥିବାବେଳେ ସେମାନଙ୍କୁ ପୁଲିସ ଲଗାଇ ଅଟକାଯାଇଛି । ଫଳରେ ପୁଲିସ ସହ ବିଜେଡି ବିଧାୟକଙ୍କ ଧସ୍ତାଧସ୍ତି ହୋଇଥିଲା ଓ ଶେଷରେ ବିଧାୟକମାନେ ଫାଟକ ଠେଲି ବାହାରକୁ ବାହାରିଥିଲେ। କାହା ନିର୍ଦ୍ଦେଶରେ ସେଠାରେ ଉପସ୍ଥିତ ପୁଲିସ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି, ସେନେଇ କୌଣସି ପୁଲିସ ଅଧିକାରୀ କୌଣସି ଉତ୍ତର ଦେଇ ନ ଥିଲେ। ଶାସକ ବିଜେପି ଓ ରାଜ୍ୟ ସରକାରଙ୍କ ଏପରି ମନୋଭାବକୁ ନେଇ ବର୍ଷିଛି ବିଜେଡି। ହିଟଲରୀ, ଏକଛତ୍ରବାଦ ଶାସନରେ ବିଶ୍ୱାସ ରଖୁଥିବା ବିଜେପିର

**ବିଧାନସଭାରେ ପୁଲିସ ପ୍ରବେଶ ଅର୍ଥ ଗଣତନ୍ତ୍ରକୁ ହତ୍ୟା କରାଯିବା**

**ଅନୁସୂଚୀତ ଜାତି ଓ ଜନଜାତିଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି ସରକାର**

ଏହା ଅସଲ ଚେହେରା। ତେବେ ବିଜେଡି ଏହାକୁ ଡରିଯିବ ନାହିଁ। ଗଣତନ୍ତ୍ରର ମନ୍ଦିରକୁ ସୁରକ୍ଷା ଦେବାକୁ ଯାହା ଆବଶ୍ୟକ, ତାହା ବିଜେଡି କରିବ ବୋଲି ଦଳୀୟ ବିଧାୟକମାନେ ଚେତାବନୀ ଦେଇଛନ୍ତି। ▸ପୃଷ୍ଠା-୯

## ଦୁର୍ଘଟଣାରେ ୩ ବିଦ୍ୟୁତ୍ କର୍ମଚାରୀ ମୃତ

■ **ବିନିକା/ସୋନପୁର,୨୬ ।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟୁପାଲି ଛକରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସୋନପୁର ପଟୁ ଆସୁଥିବା ଏକ ହଇୱା ଏବଂ ସିଣ୍ଡୋଲ ପଟରୁ ଆସୁଥିବା ଏକ ବୋଲେରୋ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବୋଲେରୋରେ ଥିବା ୩ ଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିଲେ। ତାଙ୍କର ମଧ୍ୟ ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସମସ୍ତ ମୃତକ ଟାଟା ପାୱାରର କର୍ମଚାରୀ। ସ୍ଥାନୀୟ ଲୋକେ ଉଲୁଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଗୁରୁତରଙ୍କୁ ପଠାଇଛନ୍ତି। ଅନ୍ୟପକ୍ଷରେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସାଙ୍ଘାତିକ ଥିବାରୁ ଗୁରୁତର ଆହତଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ ଦମ୍ପତି ମୃତ

■ **କବିସୂର୍ଯ୍ୟନଗର, ୨୬ ।୩ (ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନିକଟସ୍ଥ ବୁଢ଼ାମ୍ବ ଠାରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦମ୍ପତିଙ୍କ ମୃତ୍ୟୁ ଘଟିଥିବାବେଳେ ୪ ବର୍ଷର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ କୋଦଳା ଥାନା ଅନ୍ତର୍ଗତ ଶାଳବଣ ଗ୍ରାମର କାହ୍ନୁ ଡାକୁଆ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଡାକୁଆ। ଘଟଣାପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ତେବେ ପୁଲିସର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। କାହ୍ନୁ ଡାକୁଆ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଡାକୁଆ ଏବଂ ଚାରି ବର୍ଷର ଝିଅ ଏକ ସ୍କୁଟି ଯୋଗେ ନିଜ ଗ୍ରାମ ଶାଳବଣରୁ ବାହାରି କାକରପାଣି ବନ୍ଧୁ ଘରକୁ ଯାଉଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ବୁଢ଼ାଆମ୍ବ ▸ପୃଷ୍ଠା-୯


SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT,
Please visit: www.soa.ac.in


**କହୁଣିରେ ନେଡ଼ିଗୁଡ଼**

## କଂଗ୍ରେସ ଫାଶରେ ବିଜେପି

**ମୁମୂର୍ଷୁ କଂଗ୍ରେସ ତୁଣ୍ଡରେ 'ନିଲମ୍ବନ ସଞ୍ଜୀବନୀ'**

■ **ଭୁବନେଶ୍ୱର, ୨୬।୩ (ସମିସ):** ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ ତାରିଖରେ ଆରମ୍ଭ ହେବା ଦିନଠାରୁ ରାଜ୍ୟରେ ମହିଳା ବିରୋଧୀ ହିଂସା ବିରୋଧରେ ଗୃହ କମିଟି ଦାବି କରିଥିଲା କଂଗ୍ରେସ। ପ୍ରସଙ୍ଗଟି ଏତେ ଗୁରୁତର ନ ଥିଲା କିମ୍ବା ଏହି କମିଟି ଗଠନ ହୋଇଥିଲେ ସରକାରଙ୍କର ସମ୍ମାନରେ ଆଞ୍ଚ ଆସି ନ ଥାନ୍ତା। ମାତ୍ର ଅହଂକାରର ବଶବର୍ତ୍ତୀ ହୋଇ ସରକାର ଏହି ପ୍ରସଙ୍ଗକୁ ଯେତେ ଉପେକ୍ଷା କରି ଚାଲିଲେ, କଂଗ୍ରେସ ଏହାକୁ ସରକାରଙ୍କ ଦୁର୍ବଳତା ମନେକରି ସେହି ପ୍ରସଙ୍ଗକୁ ସେତେଆଘାତ କରି ଚାଲିଲା। ପ୍ରତିଦିନ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ସରକାରଙ୍କୁ ଅଡୁଆରେ ପକାଇବାକୁ ଚେଷ୍ଟା କଲା। କେବେ କଳା ପୋଷାକରେ ପ୍ରତିବାଦ ତ କେବେ ପୁଣି ଘଣ୍ଟ ପିଟା, କେବେ ପୁଣି ଗୃହ ମଧ୍ୟରେ ହଟ୍ଟଗୋଳ ଓ ବଂଶୀବାଦନ। ଏହାକୁ କଂଗ୍ରେସର ନାଟକ ମନେକରି ସରକାର ଗୁରୁତ୍ୱ ଦେଲେ ନାହିଁ; ବାଚସ୍ପତି ଏହାକୁ ହୃଦବୋଧ କଲେ ନାହିଁ। ମାତ୍ର କଂଗ୍ରେସ ଅଧିକ ଆକ୍ରମଣାତ୍ମକ ଢ଼ଙ୍ଗରେ ବିଧାନସଭାରେ ସରକାରଙ୍କୁ ସମାଲୋଚନା କଲା। ତାରାପ୍ରସାଦ ବାହିନୀପତିଙ୍କ କଲର ଧରି ଶାସକ ଦଳ ବିଧାୟକଙ୍କ ଆକ୍ରମଣ ଓ ପରବର୍ତ୍ତୀ ସମୟରେ ତାଙ୍କୁ ବିଧାନସଭାରୁ ୭ ନିଲମ୍ବନ ଜନିତ ଆତ୍ମତୃପ୍ତିରେ ହାକୁଟି ମାରୁଥିବା ସରକାରଙ୍କୁ ଛନ୍ଦିବା ପାଇଁ କଂଗ୍ରେସ ଯେଉଁ ଫାନ୍ଦ ବୁଣି ଚାଲିଥିଲା, ସେଇ ଫାନ୍ଦରେ ଫଶିଗଲେ ସରକାର। ପରିଣତିରେ ତାହା ହିଁ ଘଟିଲା, ଯାହା କଂଗ୍ରେସ ଚାହୁଁଥିଲା। ରାଜନୈତିକ ଅଭିଜ୍ଞତାର ଅଭାବ, ବିଧାନସଭା ପରିଚାଳନାରେ ଅଜ୍ଞାନତା ଯୋଗୁଁ ସରକାର ଏବେ ଖାଲି ଅଠାକାଠିରେ ଛନ୍ଦି ହୋଇ ଯାଇ ନାହାନ୍ତି; ମୁମୂର୍ଷୁ କଂଗ୍ରେସ ତୁଣ୍ଡରେ ସରକାର ସଞ୍ଜିବନୀ ଦେଇ ନିଜର ଓ ନିଜ ଦଳର ଭବିଷ୍ୟତ ପଥରେ କଣ୍ଟା ବିଛାଇଛି ବିଜେପି।

ଚଳିତ ବିଧାନସଭାରେ ମୁଖ୍ୟ ବିରୋଧୀ ବିଜେଡି ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିଛି । ବିଭିନ୍ନ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଆଣିଛି । ସରକାରଙ୍କୁ କଟୁ ଶବ୍ଦରେ ସମାଲୋଚନା କରିଛି। ଅପରପକ୍ଷରେ କଂଗ୍ରେସ ଆରମ୍ଭରୁ କେବଳ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ବିରୋଧୀ ହିଂସାକୁ ନେଇ ସରକାରଙ୍କୁ ଲକ୍ଷ୍ୟଭେଦୀ ▸ପୃଷ୍ଠା-୯

# କାଳ ହେଲା କଲର୍ ବମ୍

## ଫଟୋସୁଟ୍ ବେଳେ ଜଳିଗଲା କନିଆର ଶରୀର



ବିବାହ ଦିନକୁ ସ୍ମରଣୀୟ ଓ ନିଆରା କରିବା ପାଇଁ ଆଜିକାଲି ଯୁବକ-ଯୁବତୀମାନେ ଅନେକ କିଛି କରୁଛନ୍ତି । କିଏ ବେଶପୋଷାକ ଉପରେ ଗୁରୁତ୍ୱ ଦେଉଛନ୍ତି ତ ଆଉ କିଏ ସାଜସଜ୍ଜା, ବିବାହ କାର୍ଡ ଭୋଜିଭାତ ଉପରେ । ଏହି କ୍ରମରେ କାନାଡାର ପିୟା ଏବଂ ଭିକି ନିଜ ବିବାହ ଫଟୋସୁଟ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ କଲର୍ ବମ୍ ବ୍ୟବହାର କରିଥିଲେ । ଯାହାକି ସେମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଭିକି ଓ ପ୍ରିୟା ବାହାଘର ପାଇଁ ବେଙ୍ଗାଲୁରୁ ଆସିଥିଲେ । ଦୁହେଁ ବାହାଘର ଫଟୋକୁ ସ୍ୱତନ୍ତ୍ର କରିବାକୁ ଚାହିଁ କଲର ବମ୍ ବ୍ୟବହାର କରିବାକୁ ଚାହିଁଲେ । ଏଥିଯୋଗୁଁ ସେମାନେ ଯେଉଁ ଅଘଟଣକୁ ସାମ୍ନା କରିଛନ୍ତି, ସେଥିରୁ ସେମାନେ କେବଳ ଶିକ୍ଷାଲାଭ କରି ନାହାନ୍ତି, ବରଂ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଆଗକୁ ଆସିଛନ୍ତି । ସେମାନେ ନିଜର ଏହି ଯନ୍ତ୍ରଣାଦାୟକ ଅନୁଭୂତିକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ତେବେ କଲର ବମ୍‌ରୁ ବିଭିନ୍ନ ରଙ୍ଗର ନିଆଁ ଧୂଆଁ ବାହାରେ । ଏହା ସଂସ୍ପର୍ଶରେ ଆସିଲେ ଜଳିବା ଥୟ । ଫଟୋସୁଟ୍ ସମୟରେ ଭିକି ପିୟାଙ୍କୁ ନିଜ ବାହୁରେ ଟେକି ଧରିଥିଲେ, ଏହି ସମୟରେ କଲର ବମ୍ ଫୁଟିଲା । ତେବେ ବାଣଟି ଠିକ୍ ଦିଗରେ ନ ଯାଇ ପିୟାଙ୍କ ପାଖକୁ ଚାଲିଗଲା । ଫଳରେ ପିୟାଙ୍କ ଚୁଟି ଓ ଶରୀର ନିଆଁ ସଂସ୍ପର୍ଶରେ ଆସିଯାଇଥିଲା । ଭିଡିଓରେ ପିୟାଙ୍କୁ ଗଭୀର ଭାବେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି । ତାଙ୍କ ଅଣ୍ଟା ଓ ପିଠି ପୋଡ଼ି ଯାଇଛି । ଏହାଯୋଗୁଁ ସେମାନଙ୍କର ଏହି ଖାସ୍ ଦିନ ନଷ୍ଟ ହୋଇଛି । ଏହି ଘଟଣାକୁ ନେଇ ଦୁଃଖିତ ଥିବା ପିୟା ଏବଂ ଭିକି ଅନ୍ୟମାନଙ୍କୁ ବାଣ ବ୍ୟବହାରକୁ ନେଇ ସଚେତନ କରୁଛନ୍ତି । ଆଜିକାଲି ବାହାଘରରେ ଏସବୁର ବ୍ୟବହାର ବଢୁଥିଲେ ବି ସୁରକ୍ଷା ବ୍ୟବସ୍ଥା କରାଯାଉନାହିଁ । ବାଣ ଓ ରଙ୍ଗିନ ଧୂଆଁ ବାହାଘରର ଉତ୍ସାହକୁ ଦ୍ୱିଗୁଣିତ କରୁଥିଲେ ହେଁ ଏହାଯୋଗୁଁ ବେଳେବେଳେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇପାରେ ବୋଲି ସେମାନେ କହିଛନ୍ତି ।

# ବିଶ୍ୱ ରଙ୍ଗମଞ୍ଚ ଦିବସ



ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖକୁ 'ବିଶ୍ୱ ରଙ୍ଗମଞ୍ଚ ଦିବସ' ଭାବେ ପାଳନ କରାଯାଏ । ରଙ୍ଗମଞ୍ଚକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ । ନାଟକ ଓ ନାଟ୍ୟକଳାର ମୂଲ୍ୟବୋଧ, ମନୋରଞ୍ଜନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ନାଟ୍ୟଧାରାରେ ଆସିଥିବା ପରିବର୍ତ୍ତନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଫିନ୍‌ଲାଣ୍ଡର ହେଲସିଙ୍କି ଠାରେ ଆୟୋଜିତ ଆନ୍ତର୍ଜାତିକ ଥିଏଟର ପ୍ରତିଷ୍ଠାନର ବିଶ୍ୱ ସମାବେଶରେ ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନର ପରିକଳ୍ପନା କରାଯାଇଥିଲା । ସେହିଦିନଠାରୁ ନିରନ୍ତର ଭାବେ ପ୍ରତିବର୍ଷ ବିଭିନ୍ନ ଦେଶରେ ନାଟକ ମଞ୍ଚସ୍ଥ ପୂର୍ବକ ଏପରି ଦିବସ ପାଳିତ ହୋଇ ଆସୁଛି । ଏହାଦ୍ୱାରା ନାଟ୍ୟକଳାର ମହତ୍ତ୍ୱ, ମନୋରଞ୍ଜନରେ ତାହାର ଭୂମିକା ଏବଂ ଲୋକଙ୍କ ଜୀବନରେ ତାହାଦ୍ୱାରା ଗ୍ରହଣ କରାଯାଉଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଜନସଚେତନତା ସୃଷ୍ଟି ହୋଇପାରୁଛି । ରଙ୍ଗମଞ୍ଚ ହେଉଛି ମନୋରଞ୍ଜନର ପୁରୁଣା ମାଧ୍ୟମ । ଚଳଚ୍ଚିତ୍ରର ବିକାଶ ପୂର୍ବରୁ ମନୋରଞ୍ଜନ ଲାଗି ଲୋକେ ଥିଏଟର ଉପରେ ନିର୍ଭରଶୀଳ ଥିଲେ । ସେହିପରି ରଙ୍ଗମଞ୍ଚ କେବଳ ଲୋକଙ୍କ ମନୋରଞ୍ଜନ କରି ନ ଥାଏ, ଏହା ସମାଜିକ ପ୍ରସଙ୍ଗ ଉପରେ ଲୋକଙ୍କୁ ସଚେତନ କରାଏ । ଭାରତରେ ରଙ୍ଗମଞ୍ଚର ଇତିହାସ ଖୁବ୍ ପୁରୁଣା । ଭରତ ମୁନିଙ୍କ ରଚିତ ଆମ ଭାରତୀୟ ନାଟ୍ୟଶାସ୍ତ୍ର ହେଉଛି ବିଶ୍ୱର ସର୍ବପୁରାତନ ନାଟ୍ୟଶାସ୍ତ୍ର । ଯେଉଁଥିରେ ଭାବ ଆଉ ରସକୁ ପ୍ରମୁଖତାର ସହ ବ୍ୟାଖ୍ୟା କରାଯାଇଛି । ସେହିଭଳି 'ବାବାଜୀ'ରୁ ଆରମ୍ଭ ହୋଇଥିଲା ଓଡ଼ିଆ ନାଟକର ଅଭିଯାନ । ଦିନ ଥିଲା ଓଡ଼ିଶାରେ ମଞ୍ଚନାଟକର ଲୋକାଦୃତି ଥିଲା । ହେଲେ ଏବେ କାଁ ଭାଁ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ଧୀରେ ଧୀରେ ନାଟକର ଚାହିଦା କମୁଥିବାରୁ ନାଟକ ଲେଖୁଥିବା ନାଟ୍ୟକାର, ମଞ୍ଚକାର ଏବଂ କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁ ନାହିଁ । ଏହାକୁ ଦୃଷ୍ଟିରେ ରଖି ରଙ୍ଗମଞ୍ଚ ସହ ଜଡ଼ିତ କଳାକାରଙ୍କୁ ଏହିଦିନ ସମ୍ମାନିତ କରାଯାଏ । ଅନ୍ୟପଟେ ଆଜି ମନୋରଞ୍ଜନର ଏକାଧିକ ମାଧ୍ୟମ ଆସିବା ସତ୍ତ୍ୱେ ରଙ୍ଗମଞ୍ଚର ଆଦର ସମ୍ପୂର୍ଣ୍ଣ ହଜି ନାହିଁ । ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ଅଛି 'ଥିଏଟର୍ ଆଣ୍ଡ ଏ କଲଚର୍ ଅଫ୍ ପିସ୍ ।'

# ଦୀପିକାଙ୍କୁ ପଛରେ ପକାଇଲେ ପ୍ରିୟଙ୍କା



ସାଧାରଣତଃ ଦେଖାଯାଏ ଯେ, ନାୟକମାନଙ୍କଠାରୁ ନାୟିକାମାନେ କମ୍ ପାରିଶ୍ରମିକ ନିଅନ୍ତି । ତେବେ କିଛି ଅଭିନେତ୍ରୀ ଏଭଳି ଅଛନ୍ତି, ଯେଉଁମାନେ ପାରିଶ୍ରମିକ ବାବଦରେ ଅଭିନେତାଙ୍କୁ ପଛରେ ପକାଇଛନ୍ତି । ଏବେ ସୁଦ୍ଧା ଦୀପିକା ପାଦୁ୍ୟକୋନ୍ ଦାମୀ ଅଭିନେତ୍ରୀ ଭାବେ ପରିଚିତ ଥିବାବେଳେ ତାଙ୍କୁ ପଛରେ ପକାଇଛନ୍ତି ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା । ପାଖାପାଖି ଛଅ ବର୍ଷ ପରେ ସେ ଏସ୍‌ଏସ୍ ରାଜମୌଲୀଙ୍କ ଆଗାମୀ ସିନେମା 'ଏସ୍‌ଏସ୍‌ଏମ୍‌ବି ୨୯' ସହିତ ଭାରତୀୟ ସିନେମାକୁ ଫେରୁଛନ୍ତି । ତାଙ୍କ ବିପକ୍ଷରେ ନଜର ଆସିବେ ତେଲୁଗୁ ସୁପରଷ୍ଟାର୍ ମହେଶ ବାବୁ । ଦୀର୍ଘ ବର୍ଷର ଅନ୍ତରାଳରେ ଭାରତୀୟ ସିନେମାକୁ ଫେରିବା ପରେ ବି ତାଙ୍କ ପାରିଶ୍ରମିକ କିନ୍ତୁ କମି ନାହିଁ, ବରଂ ବୃଦ୍ଧି ପାଇଛି । ସେ ପୁଣି ଏତେ ବେଶି ଯେ, ତାଙ୍କୁ ଦାମୀ ଅଭିନେତ୍ରୀର ପରିଚୟ ପ୍ରଦାନ କରିଛି । ରାଜମୌଲୀଙ୍କ ସିନେମା ପାଇଁ ସେ ୩୦ କୋଟି ଟଙ୍କା ନେଇଛନ୍ତି । ଏବେ ସୁଦ୍ଧା ଏତେ ଟଙ୍କା ପାରିଶ୍ରମିକ କୌଣସି ବଲିଉଡ୍ ଅଭିନେତ୍ରୀ ନେଇ ନାହାନ୍ତି । ତାଙ୍କ ପୂର୍ବରୁ ଦୀପିକା 'କଲ୍‌କି ୨୮୯୮ ଏଡି' ପାଇଁ ୨୦ କୋଟି ଟଙ୍କା ନେଇଥିଲେ । ଏବେ ତାଙ୍କର ଏହି ପାରିଶ୍ରମିକକୁ ପ୍ରିୟଙ୍କା ପଛରେ ପକାଇ ସବୁଠୁ ଦାମୀ ଅଭିନେତ୍ରୀ ପାଲଟିଛନ୍ତି । ଅନ୍ୟପଟେ ଏହା ପୂର୍ବରୁ ପ୍ରିୟଙ୍କା ତାଙ୍କର ହଲିଉଡ୍ ୱେବ୍ ସିରିଜ୍ 'ସିଟାଡେଲ୍' ପାଇଁ ୪୧ କୋଟି ଟଙ୍କା ନେଇଥିଲେ ।

## ଆଜିର ଇତିହାସ

- ୧୭୯୪- ଆମେରିକୀୟ ନୌସେନାର ସ୍ଥାପନା ।
- ୧୮୭୧- ପ୍ରଥମ ଅନ୍ତଃରାଷ୍ଟ୍ରୀୟ ରଗ୍‌ବି ମ୍ୟାଚ୍ ସ୍କଟ୍‌ଲ୍ୟାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଗଲା ।
- ୧୯୬୧- ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନ ଆରମ୍ଭ ହେଲା ।
- ୧୯୬୪- ଆଲାସ୍କାରେ ୮.୪ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୧୮ ଲୋକଙ୍କ ପ୍ରାଣହାନି ।
- ୧୯୭୭- ୟୁରୋପୀୟ ଫାଇଟର ଏୟାରକ୍ରାଫ୍ଟ 'ୟୁରୋଫାଇଟର' ପ୍ରଥମ ଥର ପାଇଁ ଉଡ଼ାଣ କଲା ।
- ୨୦୦୪- ନାସା ସବୁଠୁ ଦ୍ରୁତ ମାନବ ରହିତ ଜେଟ୍ 'ଏକ୍ସ-୪୩'ର ବିକଶିତ କଲା ।

# ବିଳମ୍ବ ଶୟନ ଅବସାଦର କାରଣ



ଅବସାଦ ହେଉଛି ଏକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା । ଏଥିରେ ପୀଡ଼ିତ ବ୍ୟକ୍ତି ପ୍ରତି ସମୟରେ ଦୁଃଖ ଅନୁଭବ କରେ । ନିଜକୁ ଏକାକୀ ଭାବିବା ସହ ଏକୁଟିଆ ରହିବାକୁ ଲାଗେ । ସମ୍ପ୍ରତି ଯୁବପିଢ଼ି ଅବସାଦ ଦେଇ ବେଶୀ ଗତି କରୁଛନ୍ତି । ଏହାର ପ୍ରମୁଖ କାରଣଟି ହେଉଛି ଅସମୟରେ ଶୋଇବା ଏବଂ ଉଠିବା । ନିକଟରେ ଏକ ଅଧ୍ୟୟନରୁ ବ୍ରିଟେନର ଗବେଷକମାନେ ଏହି କଥାର ପ୍ରମାଣ ପାଇଛନ୍ତି । ଗବେଷକଙ୍କ ମତରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶୋଉ ନ ଥିବା ଲୋକେ ମଦ୍ୟପାନ କରନ୍ତି । ଯଦ୍ୱାରା ସେମାନଙ୍କ ଶୋଇବାର ଗୁଣବତ୍ତା ଖରାପ ହୋଇଥାଏ । ଏହାଯୋଗୁଁ ମାନସିକ ସ୍ୱାସ୍ଥ୍ୟ ଖରାପ ହୁଏ ଏବଂ ଅବସାଦ ବୃଦ୍ଧି ପାଏ । ୮୪୦ ହଜାର ବୟସ୍କଙ୍କ ଉପରେ କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଡେରିରେ ଉଠୁଥିବା ଲୋକଙ୍କ ତୁଳନାରେ ଶୀଘ୍ର ଉଠୁଥିବା ଲୋକଙ୍କଠାରେ ଅବସାଦ ଆଶଙ୍କା କମ୍ ଥାଏ । ରାତିରେ ଅଧିକ ଡେରିରେ ଶୋଉଥିବା ଲୋକେ ଚିନ୍ତାରେ ରହନ୍ତି । ବିଶେଷକରି ସେମାନଙ୍କର ଯେଉଁ ସମସ୍ୟା ଥାଏ, ତା'ର ନିଷ୍କର୍ଷ ବାହାର କରିବା ପାଇଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶୋଇ ନ ଥାନ୍ତି । ଯାହାକି ବିଭିନ୍ନ ପ୍ରକାର ମାନସିକ ସମସ୍ୟା ସୃଷ୍ଟି କରିଥାଏ । ଏଣୁ ରାତି ୧ଟା ପର୍ଯ୍ୟନ୍ତ ଶୋଉ ନ ଥିବା ଲୋକେ ନିଜ ନିଦ୍ରା ପ୍ୟାଟର୍ଣ୍ଣରେ ପରିବର୍ତ୍ତନ ଆଣିବା ଦରକାର ବୋଲି ଗବେଷକମାନେ କହିଛନ୍ତି । ସେହିପରି ଦୀର୍ଘ ସମୟ ଅବସାଦରେ ରହୁଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି ।

# ଜଳାକବାଟୀରେ କୃଷ୍ଣ ଦର୍ଶନ



ଭାରତ ହେଉଛି ଆସ୍ଥାର କେନ୍ଦ୍ରସ୍ଥଳୀ । ଏଠାରେ ଲକ୍ଷ ଲକ୍ଷ ମନ୍ଦିର ରହିଛି । ସେମିତି ଏକ ମନ୍ଦିର କର୍ଣ୍ଣାଟକର ଉଡୁପିରେ ରହିଛି । ଏଠାରେ ଭଗବାନ ଶ୍ରୀକୃଷ୍ଣ ବାଲ୍ୟ ରୂପରେ ବିରାଜମାନ । ମନ୍ଦିରର ସ୍ୱତନ୍ତ୍ରତା ଏହା ଯେ, ଏଠାରେ ଶ୍ରଦ୍ଧାଳୁ କେବେ ବି ସିଧାସଳଖ ମୂର୍ତ୍ତି ଦର୍ଶନ କରିପାରନ୍ତିନି । ଶ୍ରଦ୍ଧାଳୁ ପ୍ରଭୁଙ୍କୁ ନଅଟି ଛିଦ୍ରଯୁକ୍ତ ଏକ ଛୋଟିଆ ଝରକାରୁ ଦର୍ଶନ କରନ୍ତି । ଏହି କାରଣରୁ ଦେଶର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ ପାଇଁ ଏଠାକୁ ଆସନ୍ତି । ମନ୍ଦିରଟିକୁ ୧୩ଶ ଶତାବ୍ଦୀରେ ଶ୍ରୀମାଧ୍ୱାର୍ଯ୍ୟ ସ୍ଥାପନା କରିଥିଲେ । ଏହା ଦକ୍ଷିଣ ଭାରତର ସବୁଠୁ ପ୍ରସିଦ୍ଧ ମନ୍ଦିର ଭାବେ ଗଣାଯାଏ । ସେହିପରି ପ୍ରତିବର୍ଷ ଜନ୍ମାଷ୍ଟମୀ ଦିନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଭଗବାନ ଶ୍ରୀକୃଷ୍ଣଙ୍କର ଟିକିଏ ଝଲକ ପାଇବାକୁ ଶ୍ରଦ୍ଧାଳୁ ଘଣ୍ଟା ଘଣ୍ଟା ଅପେକ୍ଷା କରନ୍ତି । ଏହି ମନ୍ଦିରଟି ନିର୍ମାଣ ହେବା ପଛରେ ରୋଚକ କଥା ରହିଛି । ଥରେ ତୋଫାନରେ ଫସିଥିବା ଏକ ଜାହାଜ ଦିବ୍ୟ ଶକ୍ତି ଦ୍ୱାରା ସୁରକ୍ଷା ପାଇଥିଲା । ଉକ୍ତ ଜାହାଜଟି କୂଳରେ ଲାଗିବା ପରେ ଏଥିରୁ ଶ୍ରୀମାଧ୍ୱାର୍ଯ୍ୟଙ୍କୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ମିଳିଥିଲା । ମୂର୍ତ୍ତିଟି ସମୁଦ୍ର ମାଟିରେ ଢାଙ୍କି ହୋଇଯାଇଥିଲା । ତେଣୁ ମାଧ୍ୱାଚାର୍ଯ୍ୟ ଏହି ମୂର୍ତ୍ତିକୁ ଉଡିପି ଆଣି ମନ୍ଦିର ସ୍ଥାପନା କରିଥିଲେ । କେବଳ ସେତିକି ନୁହେଁ, ମନ୍ଦିରକୁ ନେଇ ଆଉ ଏକ କଥା ହେଲା, ଏଠାରେ ମନସ୍କାମନା ପୂର୍ଣ୍ଣ ହେବା ପରେ ଶ୍ରଦ୍ଧାଳୁ ଚଟାଣରେ ପ୍ରସାଦ ରଖି ଗ୍ରହଣ କରନ୍ତି । ଏହି ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଭୋର ୫ଟାରୁ ରାତି ୧୦ ଯାଏଁ ଖୋଲା ରହିଥାଏ ।

# ଜାହାଙ୍ଗୀରଙ୍କୁ ସ୍ୱାଗତ କରିଥିଲା ଏହି ଭବ୍ୟ ମହଲ

ଭାରତକୁ ରାଜା ମହାରାଜାଙ୍କ ଦେଶ ବୋଲି କୁହାଯାଏ । ଏଠାରେ ଅନେକ ରାଜପ୍ରାସାଦ, ଦୁର୍ଗ ଆଦି ଦେଖିବାକୁ ମିଳିଥାଏ । କିନ୍ତୁ ଏପରି ଏକ ମହଲ ରହିଛି, ଯାହା ଦୀର୍ଘ ୪୦୦ ବର୍ଷ ହେଲାଣି ଖାଲି ପଡ଼ିଛି । ତେଣୁ ଏହାକୁ 'ଅଭିଶପ୍ତ ମହଲ' ବୋଲି କୁହାଯାଏ । ସାତଖଣ୍ଡା ମହଲ ନାମରେ ପରିଚିତ ଏହି ମହଲ ମଧ୍ୟପ୍ରଦେଶ ଦତିଆ ଜିଲ୍ଲାରେ ରହିଛି । ଏଠାରେ କେହି ରହୁ ନ ଥିବାରୁ ଏହାକୁ ଅଭିଶପ୍ତ ମହଲ ବୋଲି କୁହାଯାଉଛି । ଏହାକୁ ମହାରାଜା ବୀର ସିଂହ ଦେବ ନିର୍ମାଣ କରିଥିଲେ । କିନ୍ତୁ ସେ କିମ୍ବା ତାଙ୍କ ପରିବାର ଏହାକୁ ବ୍ୟବହାର କରି ନ ଥିଲେ । ଏହି ମହଲ ନିର୍ମାଣରେ କୌଣସି କାଠ କିମ୍ବା ଲୁହାର ବ୍ୟବହାର ହୋଇନାହିଁ । ତଥାପି ଏହା ଦୀର୍ଘବର୍ଷ ଧରି ଦଣ୍ଡାୟମାନ । ସାତ ମହଲା ବିଶିଷ୍ଟ ଏହି ରାଜପ୍ରାସାଦର ଦୁଇଟି ମହଲା ପାଣି ଭିତରେ ରହିଛି । ୧୬୨୦ ମସିହାରେ ରାଜା ବୀର ସିଂହ ଦେବ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ମହଲର ନିର୍ମାଣ କରିଥିଲେ । ମହଲର ନିଖୁଣ କାରୁକାର୍ଯ୍ୟ ଯୋଗୁଁ ଏହାକୁ ନିର୍ମାଣ କରିବାକୁ ନଅ ବର୍ଷ ସମୟ ଲାଗିଥିଲା । ସେହିପରି ଏହି ମହଲରେ ମନ୍ଦିର ସାଙ୍ଗକୁ ଦରଗା ମଧ୍ୟ ରହିଛି । ଏହାରି ମଧ୍ୟରେ ୪୪୦ଟି କୋଠରି, ଅଗଣା, ବାଡ଼ି ବଗିଚା ଆଦି ରହିଛି । ଏଠାରେ ଶହ ଶହ ସଂଖ୍ୟାରେ ଝରକା ଓ କବାଟ ମଧ୍ୟ ଲାଗିଛି । ଦୂରରୁ ମହଲର ସୁନେଲି ଚମକ ଦେଖିବାକୁ ମିଳିଥାଏ । ମୋଗଲ ଶାସକ ଜାହାଙ୍ଗୀରଙ୍କୁ ସ୍ୱାଗତ କରିବା ପାଇଁ ରାଜା ଏହି ମହଲ ନିର୍ମାଣ କରିଥିଲେ । ଜାହାଙ୍ଗୀର ଏଠାରେ ଗୋଟିଏ ରାତି ଅତିବାହିତ କରିଥିଲେ । ଏହା ପରଠାରୁ ଏହି ମହଲ ମଧ୍ୟରେ କେହି ରହିନାହାନ୍ତି ।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ । ଆର୍ଥିକ ସମସ୍ୟା ଦେଖାଦେବ । ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ । ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ନୂଆ କାର୍ଯ୍ୟ ଆରମ୍ଭ କରିବେ । ବିଦେଶ ଯାତ୍ରା ଯୋଗ ରହିଛି । ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ । ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ । ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଦେବ କାର୍ଯ୍ୟରେ ମନୋଯୋଗ ଦେବେ ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପିତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ । ପାରିବାରିକ ବିବାଦ ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ । ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ ।

**ଧନୁ:** କର୍ମଚଞ୍ଚଳ ରହିବେ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ । ସମୟ ପୂର୍ବରୁ କାମ ଶେଷ କରିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ । ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ । ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ । ପରିବାରରେ ହସଖୁସିର ପରିବେଶ ରହିବ । ଧନଲାଭ ଯୋଗ ଅଛି । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

## ବିଧାନସଭାରେ ପୁଲିସ ପ୍ରବେଶକୁ ନେଇ ବିଜେଡିର ହୁଙ୍କାର

# ଗଣତନ୍ତ୍ର ମନ୍ଦିରରେ ଗଣତନ୍ତ୍ରକୁ ହତ୍ୟା

**ଭୁବନେଶ୍ୱର,୨୬।୩(ସମିସ):** ଓଡ଼ିଶା ବିଧାନସଭା ଇତିହାସରେ ଏପରି ଅଭାବନୀୟ ଘଟଣା କେବେ ଘଟି ନ ଥିଲା। ଗୃହରୁ ଯେପରି କଂଗ୍ରେସ ବିଧାୟକଙ୍କ ବଳପୂର୍ବକ ବାହାର କରିଦିଆଗଲା ତାହା ଅଭୂତପୂର୍ବ। ଗୃହରେ ପ୍ରତିବାଦ କରିବାର ମତ ରଖିବାର ଅଧିକାର ବିରୋଧୀଙ୍କର ରହିଛି; ମାତ୍ର ସରକାର ଯଦି ବିରୋଧୀଙ୍କ ପ୍ରତିବାଦରେ ଏତେ ପ୍ରତିକ୍ରିୟାଶୀଳ ହେବେ, ତାହେଲେ ଗୃହ ଚାଲିବ କିପରି। ବିରୋଧୀଙ୍କ କଣ୍ଠରୋଧ କରି ବିନା ବିରୋଧରେ

- ■ କଂଗ୍ରେସ ବିଧାୟକଙ୍କୁ ବଳପୂର୍ବକ ବାହାର କରିବା ଅଭୂତପୂର୍ବ
- ■ ବିଧାନସଭାରେ ପୁଲିସ ପ୍ରବେଶକୁ ନେଇ ବାଚସ୍ପତିଙ୍କୁ ନିଶାଣ
- ■ ବାଚସ୍ପତିଙ୍କ ବିବୃତି ଦାବିକରି କକ୍ଷତ୍ୟାଗ କଲା ବିଜେଡି

ଗୃହ ଚଳାଇବା ଆଦୌ ଗ୍ରହଣୀୟ ନୁହେଁ। ଗଣତନ୍ତ୍ର ମନ୍ଦିରରେ ସମ୍ବିଧାନର ହତ୍ୟା କରି କରି ବିନା ବିରୋଧୀଙ୍କ ଉପସ୍ଥିତିରେ ଗୃହ ଚଳାଇବେ, ତାହା ଆମେ କରାଇ ଦେବୁ ନାହିଁ ବୋଲି ସରକାରଙ୍କୁ ଚେତାବନୀ ଦେଇଛି ବିଜେଡି।

ବିଧାନସଭାରେ ପୁଲିସ ପ୍ରବେଶ ଓ କଂଗ୍ରେସ ବିଧାୟକଙ୍କ ଉପରେ ବଳପ୍ରୟୋଗକୁ ନେଇ ଶୂନ୍ୟକାଳରେ ବର୍ଷିଛି ବିଜେଡି। ଏହା ସହ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖକୁ ଯିବାବେଳେ ବିଧାୟକମାନଙ୍କୁ ପୁଲିସ ବାଟ ଓଗାଳି ଧସ୍ତାଧସ୍ତି କରିବା ପ୍ରସଙ୍ଗକୁ ନେଇ ବିଜେଡି ବିଧାୟକମାନେ ସରକାରଙ୍କୁ କାଠଗଡ଼ାକୁ ଟାଣିବା ସହ ତୀବ୍ର ସମାଲୋଚନା କରିଛନ୍ତି।

ବୁଧବାର ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ାହୋଇ ଜୋରଦାର ପ୍ରତିବାଦ କରିବା ସହ କକ୍ଷତ୍ୟାଗ କରିଥିଲେ। ଏସସି, ଏସଟି ଏବଂ ଓବିସିଙ୍କୁ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ନ୍ୟାୟସଂଗତ ସଂରକ୍ଷଣ ଦାବି କରି ସେମାନେ ଏଜି ଛକ ଯାଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ନାରାବାଜି କରିଥିଲେ। ଏହାପରେ ଶୂନ୍ୟକାଳରେ ଗତକାଲିର କଂଗ୍ରେସ ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡି ସଦସ୍ୟ କ୍ଷୋଭ ପ୍ରକାଶ କରିଥିଲେ। ସମସ୍ତ ଘଟଣା ଉପରେ ବିଜେଡି ବାଚସ୍ପତିଙ୍କ ବିବୃତି ଦାବି କରିଥିବା ବେଳେ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନକୁ ଶାସକ ସଭ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଅତୀତରେ ଆମେ ନିଲମ୍ବିତ ହେବା ପରେ ଦୁଇ ଦିନ ବିଧାନସଭାରେ ଗୃହ ଭିତରେ ବସିଥିଲୁ। ମାତ୍ର ପୁଲିସ କଣ ମାର୍ଶାଲ ମଧ ଆମକୁ ହାତ ମାରି ନଥିଲେ। ବାହାର ଲୋକ ଆସି ବିଧାୟକଙ୍କୁ ହାତ ମାରିବା ବଳ ପ୍ରୟୋଗ କରିବା ଏହା ଗ୍ରହଣୀୟ ନୁହେଁ। ଗୃହର ଏ ଯେଉଁ ଅମର୍ଯ୍ୟାଦା ହେଲା ବାଚସ୍ପତି ସେନେଇ ବିବୃତି ରଖନ୍ତୁ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଗତକାଲି କଂଗ୍ରେସ ବିଧାୟକଙ୍କୁ ଗୃହରୁ ମାଡ ମାରି ବାହାର କରିଦିଆଗଲା। ସେମାନେ ଏଥିରେ ଆହତ ବୋଲି ଆମେ ଗଣମାଧ୍ୟମରୁ ଖବର ପାଇଲୁ। ମାତ୍ର ବାଚସ୍ପତି ଏନେଇ କୌଣସି ବିବୃତି ରଖି ନାହାନ୍ତି। ଆମଦଳର ସଦସ୍ୟ ଏସି ଏସଟିଙ୍କୁ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦାବି କରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଇଥିଲେ। ପୁଲିସ ଆମ ଦଳର ବିଧାୟକଙ୍କୁ ଗେଟରେ ଛାଡ଼ିଲେ ନାହିଁ, ଆମ ସହ ଧସ୍ତାଧସ୍ତି କଲେ। ଆପଣ କଣ ବିଧାୟକଙ୍କ ଉପରେ ପୁଲିସକୁ ଅତ୍ୟାଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରମିଳା ପ୍ରଶ୍ନ କରିଥିଲେ। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ନେଇ ଆପଣ ଏକପାଖିଆ ନିଷ୍ପତ୍ତି ନେଇଛନ୍ତି। ଏହା ଭିତରକୁ ଆପଣ ପୁଲିସ କିପରି ଭର୍ତ୍ତି କଲେ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଥିଲେ।

ବିଜେଡି ବିଧାୟକ ଡ. ଅରୁଣ ସାହୁ କହିଥିଲେ କଂଗ୍ରେସ ନାରୀ ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେଇଥିଲେ ବେଦ ଅଶୁଦ୍ଧ ହୋଇଯାଇନଥାନ୍ତା। ଓଡ଼ିଶା ବିଧାନସଭା ସବୁ ରାଜ୍ୟର ବିଧାନସଭା ଠାରୁ ଭିନ୍ନ। ଆପଣ ଅନନ୍ୟ ବାଚସ୍ପତି; ସରକାରୀ ଦଳ ସଂଖ୍ୟା ବଳର ପ୍ରୟୋଗ କରୁଛନ୍ତି। ସେମାନେ ପ୍ରସ୍ତାବ ଆଣୁଛନ୍ତି, ଆପଣ ନିଲମ୍ବନ କରୁଛନ୍ତି। ବଡ଼ ହୃଦୟ ଦେଖାଇ ବାଚସ୍ପତି କଂଗ୍ରେସ ବିଧାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ସାହୁ କହିଥିଲେ।

ଅନ୍ୟପକ୍ଷରେ ବିଜେପି ବିଧାୟକ ସନାତନ ବିଜୁଳି କହିଥିଲେ ଗୃହକୁ ଶାନ୍ତିଶୃଙ୍ଖଳାରେ ଚଳାଇବାକୁ ସରକାରୀ ଦଳ ପ୍ରସ୍ତୁତ। ମାତ୍ର ଲଗାତାର ଭାବେ କଂଗ୍ରେସ ବିଧାୟକ ଗୃହରେ ଘଣ୍ଟା, ତୂରୀ ଓ ହୁଇସିଲ୍ ମାରିଲେ। ଆମେ ବାଚସ୍ପତିଙ୍କ ପଦକ୍ଷେପକୁ ସ୍ୱାଗତ କରୁଛୁ। ବିଜେପି ବିଧାୟକ ବାବୁ ସିଂହ, ପଦ୍ମଲୋଚନ ପଣ୍ଡା ଏବଂ ଅନ୍ୟମାନେ କଂଗ୍ରେସ ସଦସ୍ୟଙ୍କ ନିଲମ୍ବନ ସଂକ୍ରାନ୍ତ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଏହାପରେ ବାଚସ୍ପତି ଗୃହକୁ ମୂଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ଅପରାହ୍ନରେ ଗୃହରେ ଏନେଇ ବାଚସ୍ପତି ବିବୃତି ରଖିଥିଲେ ହେଁ ଏହାକୁ ଗ୍ରହଣ କରିନଥିଲା ବିଜେଡି। ବିବୃତିକୁ ଏକପାଖିଆ କହି ବିଜେଡି ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।



# ସ୍ୱଳ୍ପ ଦୂରଗାମୀ ଘାତକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର,୨୬।୩(ସମିସ):** ଡିଆରଡିଓ ଓ ନୌସେନା ପକ୍ଷରୁ ବୁଧବାର ଦିନ ୧୨ଟାରେ ଚାନ୍ଦିପୁର ଆଇଟିଆରର ଉତ୍କ୍ଷେପଣ କେନ୍ଦ୍ର-୩ରୁ ସ୍ୱଳ୍ପ ଦୂରଗାମୀ ଘାତକ କ୍ଷେପଣାସ୍ତ୍ର ଭିଏଲଏସଆରଏସଏମର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରକୁ ଭୂଭାଗରୁ ଆକାଶ ପୃଷ୍ଠକୁ ଉତ୍କ୍ଷେପଣ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଏହି କ୍ଷେପଣାସ୍ତ୍ର ସଫଳତାର ସହ ଭେଦ କରିଛି। ଏହି କ୍ଷେପଣାସ୍ତ୍ରର ବିଶେଷତ୍ୱ ହେଉଛି, ଏହା ଶତ୍ରୁ ପକ୍ଷର ରାଡ଼ାରକୁ ଚକମା ଦେବାରେ ସକ୍ଷମ ହେଇଥାଏ। ଶତ୍ରୁ ପକ୍ଷର ରାଡ଼ାରରେ ଏହି କ୍ଷେପଣାସ୍ତ୍ର ଆସୁ ନଥିବା ଯୋଗୁ ଆଖି ପିଛୁଳାକେ ଶତ୍ରୁ ପକ୍ଷର ଲକ୍ଷ୍ୟକୁ ଧ୍ୱଂସ କରିବାରେ ସଫଳ ହୋଇଥାଏ। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟ ଭେଦ କ୍ଷମତା ୮୦କିଲୋ



ମିଟର ପର୍ଯ୍ୟନ୍ତ। ଡିଆରଡ଼ିଓ ଏହି ମିସାଇଲକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ କରିବା ପୂର୍ବକ ସଫଳ ପରୀକ୍ଷଣ କରି ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛି। ଏହି କ୍ଷେପଣାସ୍ତ୍ରକୁ ଡିଆରଡ଼ିଓ ପକ୍ଷରୁ ଗତ ୨୦୨୪ ସେପ୍ଟେମ୍ବର ୧୨ଓ୧୩ ତାରିଖରେ ଦୁଇ ଥର ସଫଳତାର ସହ ପରୀକ୍ଷଣ କରାଯାଇ ଥିଲା। ଭାରତୀୟ ନୌ ସେନା ବାହିନୀର ଯୁଦ୍ଧ ଜାହାଜର ଭର୍ଟିକାଲ ଲଞ୍ଚ ସିଷ୍ଟମରେ ଏହି ମିସାଇଲ କ୍ଷେପଣାସ୍ତ୍ରକୁ ସ୍ଥାପିତ କରାଯାଇଛି। ଏହାକୁ ଭୂମି ଭାଗରୁ ମଧ ବ୍ୟବହାର କରାଯାଇ ପାରିବ। ବିଏଲଏସଆରଏସଏମ କ୍ଷେପଣାସ୍ତ୍ରର ଆଜି ସଫଳ ପରୀକ୍ଷଣ ହେବା ନେଇ ଡିଆରଡ଼ିଓ ଅଧକ୍ଷ ସମୀର ଭି କାମତ ଡିଆରଡ଼ିଓ ଟିମ୍‌କୁ ଧନ୍ୟବାଦ ଜଣାଇବା ସହିତ ପ୍ରଶଂସା କରାଯାଇଛି।

ଆଜିର ପରୀକ୍ଷଣକୁ ଦୃଷ୍ଟିରେରଖି ଚାନ୍ଦିପୁର ଲଞ୍ଚ କମ୍ପ୍ଲେକ୍ସ-୩ ନିକଟସ୍ଥ ଅଢେଇ କିଲୋ ମିଟର ଦୂରରେ ଥିବା ୬ଟି ଗାଁର ୩୨ଶହ ଲୋକଙ୍କୁ ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରଖାଯାଇ ଥିଲା।

## ବ୍ୟାଙ୍କରେ ଜାଲ୍ ଦସ୍ତାବିଜ୍ ଦାଖଲ କରି ୩.୮୨ କୋଟି ଠକେଇ

# ହୋମ୍‌ଗାର୍ଡ ସମେତ ୫ଜଣଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୬।୩(ସମିସ):** ବ୍ୟାଙ୍କରେ ଜାଲ ଦସ୍ତାବିଜ ଦାଖଲ କରି ୩.୮୨ କୋଟି ଟଙ୍କା ଠକେଇ ମାମଲାର ପର୍ଦ୍ଦାଫାସ ହୋଇଛି। ଏହି ଠକକତାରେ ସମ୍ପୃକ୍ତି ଥିବା ହୋମଗାର୍ଡ ଓ ତାଙ୍କ ପତ୍ନୀଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ସେମାନେ ହେଲେ କଟକ ଚାନ୍ଦିନୀଚୌକର ଧନଞ୍ଜୟ ପୃଷ୍ଟି, ଚୌଦ୍ୱାରର ସୁରେନ୍ଦ୍ର ବେଉରା, ଲାଲବାଗରେ ରହୁଥିବା ପଶ୍ଚିମବଙ୍ଗର ନିରାପଦ କର୍ମକାର, ହୋମଗାର୍ଡ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀର ନିରଞ୍ଜନ ଶତପଥୀ ଓ ତାଙ୍କ ପତ୍ନୀ ରୀନାରାଣୀ ଶତପଥୀ। ଅଭିଯୁକ୍ତଙ୍କୁ କଟକ ସ୍ଥିତ ଓପିଆଇଡି କୋର୍ଟରେ ହାଜର କରାଯାଇଛି। ଅନୁରୂପ ଭାବେ ନିରଞ୍ଜନ ଏବେ ଭୁବନେଶ୍ୱର ସହରାଞ୍ଚଳରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ଗିରଫ ନିରଞ୍ଜନଙ୍କ ଘରୁ ଜାଲ୍‌ନୋଟ୍ ଜବତ କରାଯାଇଛି। ଏହି ଜାଲ୍‌ନୋଟ୍ ସଂକ୍ରାନ୍ତରେ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ଏସ୍‌ପିଙ୍କୁ ଅବଗତ କରାଯାଇଛି। ଏବାବଦରେ ଅଲଗା ମାମଲା ରୁଜୁ କରି ଏସ୍‌ଟିଏଫ୍ ଖୋଳତାଡ ଜାରି ରଖିଥିବା ଜଣାପଡ଼ିଛି।



- ■ ହୋମ୍‌ଗାର୍ଡଙ୍କ ଘରୁ ମିଳିଲା ଜାଲ୍ ନୋଟ୍
- ■ ଜାଲ୍ ନୋଟ୍‌ର ତଦନ୍ତ କରିବ ଏସ୍‌ଟିଏଫ୍

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ୨୦୨୨ ମସିହାରେ ଏମ୍/ଏସ୍ ମା' ଗଙ୍ଗା ଏଣ୍ଟରପ୍ରାଇଜ୍ ନାମରେ ଧରାପଡ଼ିଥିବା ଅଭିଯୁକ୍ତ ଧନଞ୍ଜୟ ଓ ସୁରେନ୍ଦ୍ରଙ୍କ ସହଭାଗୀତା ଫାର୍ମ ଚଳାଇଥିଲେ। ୨୦୨୩ରେ ଉଭୟ ଉକ୍ତ ଫାର୍ମରୁ ଇସ୍ତଫା ଦେଇଥିଲେ। ଉକ୍ତ ଫାର୍ମକୁ ଜୋନାକୀ କର୍ମକାର ଓ ଶରତ ଚନ୍ଦ୍ର ସ୍ୱାଇଁଙ୍କୁ ହସ୍ତାନ୍ତର କରିଥିଲେ। ଉକ୍ତ ଫାର୍ମର ନୂତନ ସହଭାଗୀମାନେ ୩କୋଟି ୫୦ଲକ୍ଷ ଟଙ୍କାର କ୍ରେଡିଟ୍ ସୁବିଧା ଅର୍ଥାତ୍ ସମ୍ପତ୍ତି ସମର୍ଥିତ ଋଣ (ଏବିଏଲ୍) ପାଇଁ ଆବେଦନ କରିଥିଲେ। ଶରତଙ୍କ ନାମରେ କେଶୁରା ଥିବା ସମ୍ପତ୍ତିକୁ ଜାଲିଆତି ଭାବରେ ମଧୁପାଟଣାର ଏସ୍‌ବିଆଇ ଶାଖାରେ ବନ୍ଧକ ରଖିଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ଟଙ୍କା ଆତ୍ମସାତ୍ ଲାଗି ସୁକଳ୍ପିତ ଷଡଯନ୍ତ୍ର ରଚି ଶରତଙ୍କ ପରିଚୟ ପତ୍ର ବ୍ୟବହାର କରିଥିଲେ। ପ୍ରକୃତ ଜମି ମାଲିକ ଶରତଙ୍କ ନକଲି ଆଧାର ଓ ପାନ୍ କାର୍ଡ ପ୍ରସ୍ତୁତ କରିଥିଲେ, ଯାହା ମୂଳ ଜମି ମାଲିକ ଶରତଙ୍କ ଆଧାର ଏବଂ ପାନ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେତେବେଳେ କିନ୍ତୁ ବ୍ୟାଙ୍କ କର୍ମଚାରୀ ଠକକତାର ସୂରାକ୍ ପାଇନଥିଲେ। ଜମି ମାଲିକର ନକଲି ପରିଚୟପତ୍ର ବ୍ୟାଙ୍କରେ ଦାଖଲ କରି ଅଭିଯୁକ୍ତମାନେ ୩କୋଟି ୫୦ ଲକ୍ଷ ଟଙ୍କାର ଋଣ ନେଇଥିଲେ। ଜମିର କାଗଜପତ୍ରଗୁଡ଼ିକୁ ମଧ ଜାଲ୍ କରାଯାଇଥିଲା ଓ ସମାନ ବନ୍ଧକ ଭାବରେ ବ୍ୟାଙ୍କରେ ଜମା କରାଯାଇଥିଲା। ବ୍ୟାଙ୍କରୁ ଠକକତା କରି ୩ କୋଟି ୫୦ ଲକ୍ଷ ଟଙ୍କାର ଋଣ ଆଣିଥିବା ଅଭିଯୁକ୍ତଙ୍କ ଗୁମର ପ୍ରକୃତ ଜମି ମାଲିକ ଶରତ ଚନ୍ଦ୍ର ସ୍ୱାଇଁ ଖୋଲି ଦେଇଥିଲେ। ଶରତଙ୍କ ସହିଦନଗର ଥାନା କେଶୁରା ମୌଜାରେ ଥିବା ତାଙ୍କ ଜମିକୁ ପ୍ରଦୀପ କୁମାର ବେଉରିଆ ଓ ବୀରେନ୍ଦ୍ର କୁମାର ମହାନ୍ତିଙ୍କୁ ବିକ୍ରୟ କରିବା ପରେ ଠକେଇ ପଦାକୁ ଆସିଥିଲା। ଏସଂକ୍ରାନ୍ତରେ କଟକ ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ଭବାନୀ ଶଙ୍କର ମହାନ୍ତି ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।

## ଅନ୍‌ଲାଇନ୍ ଟ୍ରେଡିଂରେ ୬ କୋଟି ଠକେଇ

# ଗୁଜରାଟରୁ ୫ ସାଇବର ଠକ ଗିରଫ

**କଟକ,୨୬।୩(ସମିସ):** ଅନଲାଇନ ଟ୍ରେଡିଂ ପୁଞ୍ଜିନିବେଶ ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ଠକେଇ ଘଟଣାର ୫ ଜଣ ଅଭ୍ୟାସଗତ ସାଇବର ଠକଙ୍କୁ ଗୁଜରାଟର ସୁରଟରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସମସ୍ତ ଅଭିଯୁକ୍ତଙ୍କୁ ସୁରଟସ୍ଥିତ ଏସିଜିଏମ ଅଦାଲତରେ ହାଜର କରାଯିବା ସହ ଓଡ଼ିଶାକୁ ଟ୍ରାନ୍‌ଜିଟ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନେ ହେଲେ ସେଜଲ ରବିକୁମାର ସଭାୟ (୩୩), ସଭାୟ ରବି କୁମନଭାଇ (୩୨), ସଭାୟ କୁମନଭାଇ (୫୮), ପାରସ ଧିରୁଭାଇ ଜେସାନୀ (୩୨) ଓ ଧର୍ମେଶ ନାନୁଭାଇ ସଭାଲିଆ(୨୬)। ସେମାନଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ କରାଯାଇଛି। ସେମାନଙ୍କର ଏକାଧିକ ବ୍ୟାଙ୍କ ଜମା ଖାତାକୁ ଅଚଳ କରିଦିଆଯାଇଛି। ସାଇବର ଠକମାନେ ଜୈଫ ଜାପାନ କଷ୍ଟମର ସର୍ଭିସକୁ ପ୍ରତିନିଧିତ୍ୱ କରୁଥିଲେ। ଅଭିଯୋଗ ଅନୁଯାୟୀ,



ଫେସବୁକରେ ବ୍ରହ୍ମପୁର ନିବାସୀ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ସଞ୍ଜନା ଶ୍ରୀନିବାସନ ନାମ୍ନୀ ଜଣେ ମହିଳାଙ୍କ ସହ ବନ୍ଧୁତା ହୋଇଥିଲା। ସଞ୍ଜନା ନିଜକୁ ହଂକଂସ୍ଥିତ ଆଇବିଏମର ସଫ୍ଟୱେର ଡେଭଲପର ଭାବେ ପରିଚୟ ଦେଇଥିଲେ। ସେ ଜୈଫ (ଜେଡଏଆଇଏଫ)ରେ ଅନଲାଇନ ଟ୍ରେଡିଂ ପାଇଁ ପୁଞ୍ଜିନିବେଶ ପାଇଁ ପ୍ରବର୍ତ୍ତାଇଥିଲେ। ଗତ ୨୦୨୪ ମେ ୨୩ରୁ ଜୁନ୨୪ ମଧ୍ୟରେ ଅଭିଯୋଗକାରୀ ଜଣକ ୬,୧୬,୩୭,୦୮୪ଟଙ୍କା ବିଭିନ୍ନ ପର୍ଯାୟରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ତେବେ ସେ ଟଙ୍କା ଉଠାଇବାକୁ ଚାହିଁବାକୁ ତାଙ୍କଠାରୁ ୮୯ ଲକ୍ଷ ଟଙ୍କା ପୁଣି ଜମା କରିବାକୁ କୁହାଯାଇଥିଲା; ନକରିବାରୁ ଆଉ ଉକ୍ତ ସଂସ୍ଥା ଟଙ୍କା ଫେରସ୍ତ ଦେଇ ନଥିଲା। ଶେଷରେ ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ଜାଣି ଗତ ୨୦୨୪ ଜୁଲାଇ ୯ରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଏସପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଅଭିଯୁକ୍ତଙ୍କୁ ଟ୍ରାକ କରି ଗୁଜୁରାଟର ସୁରଟସ୍ଥିତ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ଉ କରିଥିଲେ। ସେଠାରୁ ଅଭିଯୁକ୍ତଙ୍କୁ ଗିରଫ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ବେଳେ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

DSPL - 434
ଓଡ଼ିଶା ସରକାର
ବୟନିକା
# Wear Your Heritage #
ବିଶେଷ ରିହାତି ସମାରୋହର
ଶୁଭାରମ୍ଭ
ସ୍ଥାନ : ବୟନ ଭବନ ପ୍ରାଙ୍ଗଣ, ସଚିବାଳୟ ମାର୍ଗ, ଭୁବନେଶ୍ୱର
ତା : ୨୭.୦୩.୨୦୨୫, ଅପରାହ୍ଣ ୨.୦୦ ଘଟିକା ସମୟରେ
ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡିଶା
ଭବ୍ୟ ଉପସ୍ଥିତି
ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଭା.ପ୍ର.ସେ.
କମିଶନର-ତଥା-ଶାସନ ସଚିବ,
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ , ଓଡିଶା ସରକାର
ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ, ଭା.ପ୍ର.ସେ.
ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡିଶା ସରକାର
ଶ୍ରୀ ପ୍ରକାଶ ଚନ୍ଦ୍ର ମେହେର
ସଭାପତି, ବୟନିକା
ଏହି ଉତ୍ସବରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ
ବିଶେଷ ସରକାରୀ ରିହାତି
୨୦%+୧୦%+୫%
ବୟନିକାର ସମସ୍ତ ଶାଖା ଏବଂ ପ୍ରଦର୍ଶନୀ ପଡିଆ ଓ
ଜନତା ମଇଦାନର ବୟନିକା ଷ୍ଟଲ୍‌ରେ ଉପଲବ୍ଧ
୨୭ ମାର୍ଚ୍ଚ ଠାରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ
ରାତ୍ରୀ ବଜାର (Night Bazar)
ବୟନିକା ଅନନ୍ୟ boyanika Exclusive
(ବୟନ ଭବନ, ଭୁବନେଶ୍ୱର)
ଅତିରିକ୍ତ ୫% ରିହାତି ଯଥା
୨୦%+୧୦%+୫%+୫%
୨୭ ମାର୍ଚ୍ଚ ଠାରୁ ୦୧ ଅପ୍ରେଲ (ସକାଳ ୭ ପର୍ଯ୍ୟନ୍ତ)
ସମୟ : ରାତ୍ର ୧୧ ରୁ ସକାଳ ୭ ପର୍ଯ୍ୟନ୍ତ
"ବୟନିକା ରେ ଗ୍ରାହକଙ୍କ ପଦାର୍ପଣ
ବୁଣାକାରଙ୍କ ଆର୍ଥିକ ସ୍ଥିତିର ଅଭ୍ୟୁତ୍ଥାନ"
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
OIPR- 31004/13/0093/2425

### ସରକାରୀ ଯୋଜନା 'ଅନ୍ୱେଷା' ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କୁ ପୃଥକ ଭାବେ ଶିକ୍ଷାଦାନ

# ଅଭିଭାବକ ବୈଠକ ଡକାଇଲେ କର୍ତ୍ତୃପକ୍ଷ

ଅନୁଗୋଳ, ୨୬ ।୩(ସମିସ)

ପ୍ରାଥମିକ ଶିକ୍ଷାକୁ ଅଧିକ ଲୋକାଭିମୁଖୀ କରିବାକୁ ସରକାର ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ କରି ଆକର୍ଷଣୀୟ କରିବା ସହ ଏହାକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରି ଶୈକ୍ଷିକ ପରିବେଶ ସୃଷ୍ଟି କରିଛନ୍ତି । ଶିକ୍ଷା ଆରମ୍ଭ କରିବାକୁ କୁନି ଶିଶୁଙ୍କୁ ଆମନ୍ତ୍ରଣ କରାଯାଉଛି । ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ, ପୋଷାକ ଆଦି ପ୍ରଦାନ କରାଯାଉଛି । ସାମାଜିକ ତଥା ଆର୍ଥିକ ଅନଗ୍ରସର

- ■ 'ସକାଳ'ରେ ଖବର ପ୍ରକାଶ ପରେ ତତ୍ପରତା
- ■ ଏସ୍‌ଟି/ଏସ୍‌ସି ବିଭାଗ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ନ ସାରିବାକୁ ହୋଇଛି କି ଭିତିରିଆ ଡିଲ୍
- ■ ଉପର ମହଲରେ ହାତ, ଚାପିଦେବାକୁ ଉଦ୍ୟମ

ବର୍ଗର ଗ୍ରାମାଞ୍ଚଳ ଶିଶୁଙ୍କୁ ସହରାଞ୍ଚଳରେ ଉନ୍ନତ ଶିକ୍ଷା ପ୍ରଦାନ ନିମିତ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଅନ୍ୱେଷା ଯୋଜନାରେ ଶିକ୍ଷାଦାନ ବ୍ୟବସ୍ଥା ୨୦୧୫-୧୬ ଶିକ୍ଷାବର୍ଷରୁ ଆରମ୍ଭ ହୋଇଛି । ଅନୁଗୋଳ ଜିଲ୍ଲାର ସହରାଞ୍ଚଳ ବଣଁରପାଳ ନିକଟରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳରେ ଏହି ଯୋଜନାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏବେ ଏଠାରେ ପ୍ରାୟ ୫ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ଯୋଜନା ଅନ୍ତର୍ଗତ ବିଦ୍ୟାର୍ଥୀଙ୍କୁ ପ୍ରଥମ ବର୍ଷେ ଦୁଇବର୍ଷ ବଣଁରପାଳ ସେବାଶ୍ରମ ବିଦ୍ୟାଳୟରେ ରହିବାକୁ ପଡ଼ିଥିଲା । ପରେ ସେମାନେ ପାଠ ପଢୁଥିବା ଘରୋଇ ବିଦ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ରହିବା, ଚଳିବା, ବିଶେଷକରି ପାନୀୟ ଜଳ ଆବଶ୍ୟକତା ପୂରଣ କରିପାରୁ ନ ଥିବା ଘରୋଇ ବିଦ୍ୟାଳୟର ଏହି ଛାତ୍ରାବାସରେ ଉକ୍ତ ଛାତ୍ରଛାତ୍ରୀ ଆଜିଯାଏଁ ରହୁଛନ୍ତି । ଗାଁ ଛାଡ଼ି ଆସିଥିବା ଏହି ଗରିବ ପିଲାମାନଙ୍କୁ ସହରୀ ସଭ୍ୟତା ଛୁଇଁପାରୁନି । ଏଠି ବି ସେମାନେ ଅବହେଳିତ । ବିଦ୍ୟାଳୟରେ ପଢୁଥିବା ଅନ୍ୟ ଛାତ୍ରଛାତ୍ରୀଙ୍କଠାରୁ ଢେର ଭିନ୍ନତା । ସାମାଜିକ ଓ ଆର୍ଥିକ ବୈଷମ୍ୟତା ସେମାନଙ୍କୁ ଦାଉ ସାଧୁଛି । ସମସ୍ତଙ୍କୁ ମିଳୁନି ସମାନ ଶିକ୍ଷା । ନିରୀହ ଆଦିବାସୀ, ଗରିବଙ୍କ ଶିଶୁଙ୍କୁ ଶିକ୍ଷାଦାନ ନାଁରେ ସରକାରୀ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପରେ ସ୍କୁଲ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି । ଆସନ୍ତା ୩୦ ତାରିଖ ଅଭିଭାବକ ବୈଠକ ଡକାଇଛନ୍ତି ।

ଏପଟେ ଏସଟି ଏସସି ଉନ୍ନୟନ ବିଭାଗ ଦ୍ୱାରା ବଣଁରପାଳ ନିକଟସ୍ଥ ସନ୍ତ୍ରୀ ଗାଁରେ ୨୦୧୯-୨୦ରୁ ୬ଶହ ଶଯ୍ୟା ବିଶିଷ୍ଟ ଛାତ୍ରଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ହଷ୍ଟେଲ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଅନ୍ୱେଷା ଯୋଜନା ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କ ନିବାସ ପାଇଁ ସରକାର ମୋଟା ଅଙ୍କର ଅର୍ଥ ଗଣୁଛନ୍ତି । ହଷ୍ଟେଲ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରିବାକୁ କାହା ସହିତ ଭିତିରିଆ ଡିଲ୍ ହୋଇଛି କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାହା ସ୍ୱାର୍ଥ ପାଇଁ ଅଟକିଯାଉଛି ଉନ୍ନୟନ କାର୍ଯ୍ୟ । ସାମାଜିକ, ଆର୍ଥିକ ଓ ବୌଦ୍ଧିକ ଅନଗ୍ରସର ତଥା ସରକାରୀ ଯୋଜନା 'ଅନ୍ୱେଷା' ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କୁ ପୃଥକ ଭାବେ ଶିକ୍ଷାଦାନ କରୁଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । କୁହାଯାଉଛି, ଉପର ମହଲରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହାତ ଥିବାରୁ ତାଙ୍କୁ ସାତଖୁଣ ମାଫ । ଚର୍ଚ୍ଚାକୁ ଆସୁଥିବା ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଉଛି । ଏପ୍ରିଲ ପହିଲାରେ ଶିକ୍ଷାବର୍ଷ ଶେଷ ହେଉଥିବା ବେଳେ କେଉଁ ପ୍ରକାରର ଜରୁରୀ ପଡ଼ିଲା ଯେ ଆସନ୍ତା ୩୦ ତାରିଖ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକ ବୈଠକ ପାଇଁ ଡାକରା ଦେଇଛନ୍ତି । ଜଣେ ଅଭିଭାବକ କୋହଭରା କଣ୍ଠରେ ଅନ୍ୱେଷା ଛାତ୍ରାବାସର କରୁଣ ଚିତ୍ର ପ୍ରକାଶ କରିଥିଲେ । ତାଙ୍କ ପିଲା ଏଠି ୬ବର୍ଷ ହେଲାଣି ରହି ପାଠ ପଢୁଛି । ଅଭିଭାବକ ବୈଠକ ପୂର୍ବରୁ କେବେ ହୋଇଥିବା ସେ ଜାଣି ନ ଥିବା ପ୍ରକାଶ କରିଥିଲେ । ହଷ୍ଟେଲ ପାଇଁ ଏସଟି ଏସସି ବିଭାଗ ପକ୍ଷରୁ କେତେବର୍ଷ ପାଇଁ ଏଗ୍ରିମେଣ୍ଟ ହୋଇଥିଲା? ତୁରନ୍ତ ହଷ୍ଟେଲ ସ୍ଥାନାନ୍ତର କରିବାକୁ ଆସନ୍ତା ଅଭିଭାବକ ବୈଠକରେ ଦାବି କରିବେ ବୋଲି କହିଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏତାଦୃଶ କାରନାମାରେ ବିଭଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି । ଦୀର୍ଘଦିନ ଧରି ଚାଲିଥିବା ବେଆଇନ କାର୍ଯ୍ୟକୁ ବିଭଗୀୟ ଅଧିକାରୀ ଜାଣିପାରୁ ନ ଥିଲେ ନା ସବୁ ଜାଣି ନିରବ ରହୁଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପାଲଲହଡ଼ା, ୨୬ ।୩(ସମିସ): ଅନୁଗୋଳ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗ ପକ୍ଷରୁ ପାଲଲହଡ଼ା ବ୍ଲକ ପ୍ରଶାସନ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଚିହ୍ନଟ ଶିବିର ମଙ୍ଗଳବାର ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ଯୋଗଦେଇଥିଲେ । ପାଲଲହଡ଼ା ବିଡିଓ ନିଶାନ ମିଶ୍ରଙ୍କ ପୌରୋହିତ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ସାହୁ ଏହାକୁ ପରିଚାଳନା କରିଥିଲେ । ମହତାବ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କର୍ମଚାରୀ ଓ ଏନ୍‌ସିସି କାଡେଟମାନେ ସହଯୋଗ କରିଥିଲେ । ଶିବିରରେ ବ୍ଲକରୁ ଅସ୍ଥିଶଲ୍ୟ ବିଭାଗରେ ୧୫୮, ଭେଷଜ ବିଭାଗରେ ୮୨, ଚକ୍ଷୁ ବିଭାଗରେ ୫୨, ଶିଶୁ ବିଭାଗରେ ୨୮, କର୍ଣ୍ଣ ବିଭାଗରେ ୧୧୫, ମାନସିକ ରୋଗ ବିଭାଗରେ ୭୫ ଏପରି ମୋଟ ୫୩୯ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ପଞ୍ଜୀକରଣ କରାଯାଇଥିଲା । ଏହାବ୍ୟତୀତ ଜଣଙ୍କୁ ଟ୍ରାଏ ସାଇକଲ, ୨ ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା । ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ ।

## ବରହମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଇଣ୍ଡା, ୨୬ ।୩(ସମିସ): ବିଦ୍ୟାଳୟ ରେ କିଭଳି ଛାତ୍ରୀ ଛାତ୍ର ମାନେ ସହଜ ରେ ପାଠ ପଢ଼ିବେ ସେ ନେଇ ସରକାର ଅନେକ ଯୋଜନା ପ୍ରଚଳନ କରିଛନ୍ତି । ମାଗଣା ସବୁ ଯୋଗାଇ ଦେଉଛନ୍ତି । କିପରି ଗ୍ରାମଞ୍ଚଳ ରେ ଥିବା ସମସ୍ତ ଛାତ୍ରୀ ଛାତ୍ର ବିଦ୍ୟାଳୟ କୁ ଆସି ପାଠ ପଢ଼ିବେ ସେ ନେଇ ଅଭିଭାବକ ଙ୍କର ଭୂମିକା ଅଧିକ ଗୁରୁତ୍ୱ ପୂର୍ଣ୍ଣ ବୋଲି ମଙ୍ଗଳବାର ଦିନ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରହମ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ର ସଭାପତି ଶ୍ୟାମଘନ ପ୍ରଧାନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗ୍ରାମ ସଭାପତି କେଶବ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ପ୍ରମୋଦ କୁମାର ପ୍ରଧାନ, ଦୁର୍ଯୋଧନ ପ୍ରଧାନ, ସୁଜାତା ପ୍ରଧାନ, ରଶ୍ମୀତା ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ସାହୁ, ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ଶିକ୍ଷକ ପ୍ରବୀଣ କୁମାର ସାହୁ ପରିଚାଳନା କରିଥିଲେ । ଏଥିରେ ତରୁଣ କୁମାର ପ୍ରଧାନ, ଗଣେଶ୍ୱର ବେହେରା, ଜ୍ୟୋତ୍ସ୍ନାମୟୀ ସାହୁ, ଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଇଁ ପ୍ରସ୍ତୁତି ବୈଠକ



କଣିହାଁ, ୨୬ ।୩(ସମିସ): କଣିହାଁ ବ୍ଲକର ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ପବିତ୍ର ମୋହନ ସଭାଗୃହରେ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, କଣିହାଁ ଗୋଷ୍ଠୀ ଅଧିକାରୀ ତ୍ରିବିକ୍ରମ କୁମାର, ବିଇଓ ପ୍ରିୟରଞ୍ଜନ ପ୍ରଧାନ, ଏବିଇଓ ମଙ୍ଗୁଲୁଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ଏପ୍ରିଲ ୨ ତାରିଖ ସମସ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ କାର୍ଯ୍ୟକ୍ରମକୁ ଶତପ୍ରତିଶତ ସଫଳ କରିବାକୁ ବୈଠକ ଆଲୋଚନା ହୋଇଥିଲା । ୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସମସ୍ତ ପିଲା ଶିଶୁବାଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ବିଇଓ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କଣିହାଁ ବ୍ଲକରେ ଶତପ୍ରତିଶତ ରୂପାୟନ କରି ଜିଲ୍ଲାରେ ଏକ ନମ୍ବର ହେବାକୁ ଅତିଥିମାନେ ନିବେଦନ କରିଥିଲେ । ପରେ ବିଇଓଙ୍କ ପକ୍ଷରୁ ଉପସ୍ଥିତ ଅଭିଭାବକ ଓ ନାମ ଲେଖାଇବାକୁ ଥିବା ଶିଶୁମାନଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରି ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ଏବିଇଓ ସନ୍ତୋଷ କୁମାର ପ୍ରଧାନ ଓ ସୁଜନ କୁମାର ସାହୁଙ୍କ ସମେତ ୧୭ ଜଣ ସିଆରସିସି, ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜର ଉପସ୍ଥିତ ଥିଲେ ।

## ପ୍ରବେଶିକା ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବଇଣ୍ଡା, ୨୬ ।୩(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଏକ କୋଚିଂ ସେଣ୍ଟରର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ନବୋଦୟ ଓ ଆଦର୍ଶ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ମଙ୍ଗଳବାର ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅଲେଖ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ପରୀକ୍ଷିତ ସାହୁ ଯୋଗଦେଇ ପ୍ରବେଶିକା ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ, ଏହି କୋଚିଂ ସେଣ୍ଟରରେ ପଢୁଥିବା ୧୧ ଛାତ୍ରଛାତ୍ରୀ ନବୋଦୟ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଥିବା ବେଳେ ୨୦ ଜଣ ଆଦର୍ଶ ବିଦ୍ୟାଳୟ ପ୍ରବେଶିକ୍ଷା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦୀପକ କୁମାର ସାହୁ ଓ ସ୍ୱର୍ଣ୍ଣମୟୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଦୀପକ ସାହୁ, ବାବୁଲାଲ ସାହୁ, ଲଳିତ ମୋହନ ସାହୁ, ଯଜ୍ଞେଶ୍ୱର ପ୍ରଧାନ, ସରିତା ବର୍ଗେ ପ୍ରମୁଖ ଉପସ୍ଥିତ ଥିଲେ ।

## ଡା. ଦେବେନ୍ଦ୍ର ପ୍ରଧାନଙ୍କ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା



ବଣଁରପାଳ, ୨୬ ।୩(ସମିସ): ସ୍ଥାନୀୟ ସବେରା ମଣ୍ଡପରେ ସାମାଜସେବୀ ଗଙ୍ଗାଧର ସାମଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ ମଙ୍ଗଳପୁର ସରପଞ୍ଚ ଗଗନ ରାଉତ, ଖଡ଼କପ୍ରସାଦ ସରପଞ୍ଚ ରୀନା ବେହେରା, ଓଡ଼ାପଡ଼ା ମଣ୍ଡଳ ସଂଗଠକ ରବିନାରାୟଣ ସାହୁ, ପୂର୍ବତନ ବୁଢ଼ାପଙ୍କ ସରପଞ୍ଚ ଉତ୍ସବ ଦେହୁରୀ, ନୂଆହତା ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଧିର, ସମାଜସେବୀ ମହେଶ୍ୱର ବେହେରା, ସବିତା ନାଏକ, ପ୍ରକାଶ କୁମାର ସିଂହ, ଯୁବନେତା ଅରୁଣାଭ ସିଂହ, ନରେନ୍ଦ୍ର କୁମାର ସାହୁ, ବିନୋଦ କୁମାର ସାହୁ, କଳ୍ପତରୁ ମହାନ୍ତି, ଇନ୍ଦ୍ରମଣି ସ୍ୱାଇଁ, ଗଙ୍ଗାଧର ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବ୍ଲକର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ । ସାମ୍ବାଦିକ ଜୟନ୍ତ ନାଥ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟିକରପଡ଼ା ଯୁଆଡ଼େ ଅନୁଗୋଳ ସିଆଡ଼େ !

# ଭ୍ରମିତ କରୁଛି ପୂର୍ତ୍ତ ବିଭାଗର ସୂଚନାଫଳକ




ଅନୁଗୋଳ, ୨୬ ।୩(ସମିସ): ଅନୁଗୋଳରେ ଲାଗିଛି ବିଚିତ୍ର ସୂଚନା ଫଳକ । ପୂର୍ତ୍ତ ବିଭାଗର ଏହି ଫଳକରେ ଟିକରପଡ଼ା ଯୁଆଡ଼େ ଅନୁଗୋଳ ବି ସିଆଡ଼େ ଲେଖାଯାଇଛି । ଯାହାକୁ ନେଇ ଦ୍ୱନ୍ଦରେ ପଥଚାରୀ । ଏହି ସୂଚନା ଫଳକ ପଢ଼ି କିଛି ଲୋକ ଭୁଲ ବାଟରେ ଯାଇଥିବା ଅଭିଯୋଗ କରିଛନ୍ତି । ବନ୍ତଳାରୁ ଟିକରପଡ଼ା ଯିବା ରାସ୍ତାରେ ଏଭଳି କିଛି ସାଙ୍ଘାତିକ ତ୍ରୁଟି ଦେଖିବାକୁ ମିଳିଛି ।

ବନ୍ତଳା ଛକରୁ କରତପଟା ଛକ ଦେଇ ସାତକୋଶିଆ ଅଭୟାରଣ୍ୟକୁ ରାସ୍ତା ପଡ଼ିଛି । ପ୍ରତିଦିନ ଶହଶହ ପର୍ଯ୍ୟଟକ ଟିକରପଡ଼ା ବୁଲିବାକୁ ଏହି ରାସ୍ତା ଦେଇ ଯାଇଥାନ୍ତି । ତେବେ ଏହି ରାସ୍ତା ଏବେ ପର୍ଯ୍ୟଟକଙ୍କୁ ଭ୍ରମିତ କରୁଛି । କରତପଟା ଛକ ପୂର୍ବରୁ ନନ୍ଦପୁର ଗାଁ ଡେଇଁବା ପରେ ପୂର୍ତ୍ତ ବିଭାଗର ଏକ ବିରାଟ ସୂଚନା ଫଳକ ଲାଗିଛି । ଏଥିରେ ପମ୍ପାସର ଗେଟ, ଟିକରପଡ଼ା ଓ ଅନୁଗୋଳ ଗୋଟିଏ ଦିଗକୁ ସୂଚାଯାଇଛି । ବାସ୍ତବରେ କରତପଟା ଦେଇ ପମ୍ପାସର, ଜଗନ୍ନାଥପୁର, ପୁରୁଣାକୋଟ ଓ ଟିକରପଡ଼ାକୁ ରାସ୍ତା ପଡ଼ିଛି । ଅନୁଗୋଳ ଅନ୍ୟ ଦିଗରେ ରହୁଥିବା ବେଳେ ତାକୁ ମଧ୍ୟ ଟିକରପଡ଼ା ପୂର୍ତ୍ତ ବିଭାଗ ଟିକରପଡ଼ା ଆଡ଼କୁ ଦର୍ଶାଇଛି । ଏହି ଚିହ୍ନ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ହୋଇଛି । ଏଥିସହ ସୂଚନା ଫଳକକୁ ତୁରନ୍ତ ଠିକ କରିବାକୁ ସାଧାରଣରେ ଦାବି ହେଉଛି ।

## 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା କର୍ମଶାଳା

ଅନୁଗୋଳ, ୨୬ ।୩(ସମିସ): ଅନୁଗୋଳ ଜିଲ୍ଲା ସଦର ମହକୁମାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୂଣହତ୍ୟା ନିରାକରଣ ତଥା ବେଟି ବଚାଓ ବେଟି ପଢ଼ାଓ ସଚେତନତା କର୍ମଶାଳା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । ଏଥି ନିମନ୍ତେ ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ଅଙ୍ଗନବାଡ଼ି କର୍ମୀ, ସିଡିପିଓ, ସୁପରଭାଇଜର, ଆଶାକର୍ମୀ, ମିଶନଶକ୍ତି, ସ୍ୱେଚ୍ଛାସେବୀ, ସ୍କୁଲ ଓ କଲେଜ ଛାତ୍ରୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ । ପରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରବୀନ୍ଦ୍ରନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୂଣହତ୍ୟା କିଭଳି



ସମାଜରେ ଅସନ୍ତୁଳନ ସୃଷ୍ଟି କରୁଛି ସେ ବିଷୟରେ ସଚେତନ କରିଥିଲେ । ଡା. ପାତ୍ର ଏହାର ବୈଷୟିକ ଦିଗକୁ ଉଜାଗର କରି ଆଇନଗତ ପ୍ରାବଧାନ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରୀତିମୟ କହିଲେ ଯେ ସମାଜରେ ମା' ବିନା ପରିବାରର ସ୍ଥିତି ନାହିଁ । ଆମେ ମା' ପାଇଁ ହିଁ ସମାଜରେ ଠିଆ ହୋଇଛେ । ପୂର୍ବରୁ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ଜନ୍ମହାର କମ୍ ଥିଲା । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟୋଚିତ ବିଭିନ୍ନ ପଦକ୍ଷେପ ସହ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବାରୁ ସ୍ଥିତି ବଦଳିଯାଇଛି । ଏବେ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ଜନ୍ମହାର ଯଥେଷ୍ଟ ବୃଦ୍ଧି ପାଇଛି । କନ୍ୟା ଭ୍ରୂଣହତ୍ୟା ଏକ ସାମାଜିକ ସମ୍ବେଦନଶୀଳ ସମସ୍ୟା ଏବଂ ସମାଧାନ ପାଇଁ ଦୀର୍ଘ ସମୟ ଲାଗି ଯାଇଥାଏ । ଆମକୁ ଏଥିପାଇଁ ଏବେଠୁ ସଜାଗ ରହିବାକୁ ପଡ଼ିବ । ଏବେ ଏହି କ୍ଷେତ୍ରରେ ସମଗ୍ର ରାଜ୍ୟରେ ଅନୁଗୋଳ ଜିଲ୍ଲା ବେଶ୍ ଆଗରେ ଅଛି । ଆମକୁ ଏହି ସ୍ଥିତି ବଜାୟ ରଖିବାକୁ ପଡ଼ିବ । ଏହା ଏକ ଟିମ୍‌ୱାର୍କ ଏବଂ ଏହି କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ଅଙ୍ଗନବାଡ଼ି କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ ।

# ତାଳଚେରର ବ୍ରାହ୍ମଣୀ ନଦୀ ଜଳ ପାଲଟିଛି ଜହର

ଅନୁଗୋଳ, ୨୬ ।୩(ସମିସ)

କେଉଁ ଆବାହମାନ କାଳରୁ ଚିରୋସ୍ରୋତା ବ୍ରାହ୍ମଣୀନଦୀ ତାଳଚେର ସହର ଦେଇ ବୋହି ଯାଇଛି । ପୂର୍ବରୁ ଏହି ନିର୍ମଳ ଜଳକୁ ଲୋକେ ବିଭିନ୍ନ ପାତ୍ରରେ ଘରକୁ ଆଣି ବ୍ୟବହାର କରୁଥିଲେ । ନଦୀର ଉଭୟ ପାର୍ଶ୍ୱରେ ବିଭିନ୍ନ ଔଷଧୀୟ ବୃକ୍ଷର ଚେରମୂଳ ସ୍ପର୍ଶରେ ଆସି

● ନଦୀରେ ମିଶୁଛି ନାଳନର୍ଦ୍ଦମା ପାଣି; ହେଉନି ପ୍ରତିକାର

ଏହି ଚିରୋସ୍ରୋତା ନଦୀର ଜଳ ବୋହି ଯାଇଥାଏ । ଏହି ଜଳରେ ଔଷଧୀୟ ଗୁଣ ଥିବାରୁ ଲୋକେ ଏହାକୁ ବ୍ୟବହାର କରୁଥିଲେ ଏବଂ ଆରୋଗ୍ୟ ରହୁଥିଲେ । ମାତ୍ର ଏବେ ଏହି ଜଳ ସାଜିଛି ଜହର । ରେଙ୍ଗାଲି ନଦୀବନ୍ଧ ନିର୍ମାଣ କରି ବିଦ୍ୟୁତ୍ ପ୍ରକଳ୍ପ ଆରମ୍ଭ କରିବା ଦିନଠାରୁ ଏଥିରେ ବ୍ୟବହୃତ ରାସାୟନିକ ତୈଳ ଓ ରେଙ୍ଗାଲି କଲୋନୀର ସମସ୍ତ ନାଳନର୍ଦ୍ଦମା ପାଣି, ଏନଟିପିସି/କଣିହାଁ, ଡେରେଙ୍ଗ



ଜିନ୍ଦଲର ନିର୍ଗତ ପାଉଁଶ ମିଶ୍ରିତ ରାସାୟନିକ ତୈଳ ଓ ଜଳ ଏବଂ କଲୋନୀର ଆବର୍ଜନା ଜଳ ଟିକିରା ନାଳଦେଇ ବ୍ରାହ୍ମଣୀନଦୀରେ ମିଶୁଛି । ସମଲ କୋଲନୀ ବର୍ଜ୍ୟବସ୍ତୁ ସମେତ ନାଳନର୍ଦ୍ଦମାର ପାଣି ଏବଂ ତାଳଚେର ଅଞ୍ଚଳଗୁଡ଼ିକରେ ରହିଥିବା ସମସ୍ତ ଏମସିଏଲର ତୈଳମିଶ୍ରିତ ଆବର୍ଜନା ଜଳ, କଲୋନୀଗୁଡ଼ିକର ଆବର୍ଜନା ଜଳ ଏବଂ ବର୍ଷାଜଳରେ କୋଇଲା ଗୁଣ୍ଡ ମିଶ୍ରିତ ମାଟିକାଦୁଅ ତୈଳପଦାର୍ଥ ଭାସିଆସି ନଦୀ ଜଳରେ ମିଶିଥାଏ । ସେହିଭଳି ଥର୍ମାଲ କଲୋନୀର ପରିତ୍ୟକ୍ତ ଜଳ ସମେତ ପ୍ଲାଣ୍ଟର କେମିକାଲଯୁକ୍ତ ଜଳ ନନ୍ଦିରାଯୋର ଓ ନିକଟସ୍ଥ ନୂଆପଡ଼ା ଜମିମାହାରା ଦେଇ ପରିତ୍ୟକ୍ତ ପାଣି ସିଧାସଳଖ ନଦୀରେ ମିଶିଥାଏ । କୌଣସି କାରଣରୁ ନାଲକୋ ଆସପଣ୍ଡ ପୋଖରୀ ଭୁଶୁଡ଼ିଲେ ଏହି ପାଉଁଶ ଓ କେମିକାଲଯୁକ୍ତ ଜଳ ଟିକିରା ଯୋର ଦେଇ ବ୍ରାହ୍ମଣୀରେ ମିଶିଥାଏ । ଏପରିକି, ତାଳଚେର ପୌରପରିଷଦର ରହିଥିବା ୨୧ ୱାର୍ଡର ବର୍ଜ୍ୟବସ୍ତୁ ସହିତ ବିଭିନ୍ନ ପରିତ୍ୟକ୍ତ ଜଳ ଡ୍ରେନ ମାଧ୍ୟମରେ ସିଧାସଳଖ ନଦୀରେ ମିଶିଥାଏ ।

ଉଲ୍ଲେଖଯୋଗ୍ୟ, ସହରର ସମସ୍ତ ଡ୍ରେନର ଜଳ ଗୋଟିଏ ଧାରାରେ ଯାଇ ୩ନମ୍ବର ୱାର୍ଡ 'ମୁଣ୍ଡା' ପୋଖରୀଠାରେ ଜମାଟ କରାଯାଇ ଏହି ଜଳକୁ ସ୍ୱରେଜ ବୋର୍ଡ ପକ୍ଷରୁ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ବିଶୁଦ୍ଧ କରି ଛାଡ଼ିବା ପରିବର୍ତ୍ତେ ଦୀର୍ଘ ୧୫ବର୍ଷ ଧରି ଏହି ବହୁଅର୍ଥ ବ୍ୟୟରେ ନିର୍ମାଣାଧୀନ ପ୍ଲାଣ୍ଟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ଫଳରେ ସମସ୍ତ ଡ୍ରେନର ଆବର୍ଜନା ଜଳ ଯାଇ ସିଧାସଳଖ ମିଶିବା ଦ୍ୱାରା ଏବେ ନଦୀ ଜଳ ଜହର ସାଜିଥିବା ଅଭିଯୋଗ ହେଉଛି । ଏ ନେଇ ନଦୀରେ ରହୁଥିବା ଜଳଚର ପ୍ରାଣୀଙ୍କ ବଂଶ ଲୋପ ପାଇବା ଫଳରେ ମତ୍ସ୍ୟଜୀବୀମାନେ ଜୀବୀକା ହରାଇବସିଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ନମ୍ବର ୱାର୍ଡ ନଦୀଖଣ୍ଡିରେ ପମ୍ପହାଉସ୍ ନିର୍ମାଣ କରି ଏହି ନଦୀଜଳକୁ ବିଶୋଧନ ନ କରି ପାଇପ ଯୋଗେ ନଦୀରୁ ସିଧାସଳଖ ସହରବାସୀଙ୍କୁ ପାଣି ଯୋଗାଇ ଦିଆଯାଉଛି । ଫଳରେ ଏହି ଜଳ ବ୍ୟବହାର କରି ଲୋକେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛନ୍ତି । ପୁନଶ୍ଚ ପୌରପରିଷଦ ୱାର୍ଡଗୁଡ଼ିକରେ ଆବଶ୍ୟକ ସ୍ଥଳେ ଓଭରହେଡ ଟାଙ୍କି ନ ଥିବାରୁ ଗ୍ରୀଷ୍ମଋତୁରେ ନାହିଁ ନ ଥିବା ଜଳକଷ୍ଟ ଦେଖା ଦେଉଥିଲେ ହେଁ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ତେବେ ରାଜ୍ୟ ସରକାର ସ୍ୱଚ୍ଛଜଳ ଯୋଗାଇ ଦେବାକୁ ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବୋର୍ଡ ମାରି ଡିଣ୍ଡିମ ପିଟୁଥିବା ବେଳେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଆଜିପର୍ଯ୍ୟନ୍ତ ଏଥିରେ ସୁଧାର ଆସିପାରୁ ନାହିଁ ।

### ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ବିରେଶ୍ୱରପୁର ପଞ୍ଚାୟତ ଆମ୍ବତାଳି ଗ୍ରାମର ଲକ୍ଷ୍ମଣ କୁମାର ହାଁସଦା ଓ ମୁନି ମୁର୍ମୁଙ୍କ ପୁଅ ସାଗର ହାଁସଦା, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବିରେଶ୍ୱରପୁର ପଞ୍ଚାୟତର ଶିରିଡି ସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମ ଶ୍ରେଣୀ ପାସ୍ କରିଛନ୍ତି । ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଗର କୃତଜ୍ଞତା ଜଣାଇଛନ୍ତି ।

# ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ

## ■ ହିତାଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଢେଙ୍କାନାଳ, ୨୬ ।୩(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଲେଥକା ପଞ୍ଚାୟତ ସୋଲଗାଡ଼ିଆ ଗ୍ରାମର ଜଣେ ଜୀବତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଦୀର୍ଘଦିନ ଧରି ତାଙ୍କ ଭତ୍ତା ବନ୍ଦ କରାଯାଇଛି। ହିତାଧିକାରୀ ଜଣକ ହେଲେ ଗ୍ରାମର ନଟବର ମଳିକ। ଏ ନେଇ ନଟବର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନଟବର ଗତ ୪ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବେଳେ ଗତ ଡିସେମ୍ବରରୁ ଭତ୍ତା ବନ୍ଦ ହୋଇଯାଇଥିଲା। ଭତ୍ତା ନ ମିଳିବାରୁ ନଟବର ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଅଭିଯୋଗ କରିଥିଲେ। ତେବେ ସରକାରୀ ନଥିପତ୍ରରେ ତାଙ୍କ ମୃତ୍ୟୁ ହୋଇଥିବା ସେଠାରେ ସେ ଜାଣିବାକୁ ପାଇଥିଲେ। ଫଳରେ ନିରାଶ ହୋଇ ସେଠାରୁ ସେ ଫେରିଆସିଥିଲେ। ଆଜିପର୍ଯ୍ୟନ୍ତ ଭତ୍ତା ନ ମିଳିବାରୁ ନ୍ୟାୟ ପାଇଁ ନଟବର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଅନୁଗୋଳ, ୨୬ ।୩(ସମିସ): ଅନୁଗୋଳରେ ଲାଇନଚ୍ୟୁତ ହେଲା ମାଲବାହୀ ଟ୍ରେନ୍। ସୌଭାଗ୍ୟବଶତଃ ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ବୁଧବାର ଅପରାହ୍ଣ ପ୍ରାୟ ୪ଟାରେ ସ୍ଥାନୀୟ ବୁଢ଼ାପଙ୍କ ନିକଟରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା। ଟ୍ରେନଟି ଯଖପୁରାରୁ ମେରାମଣ୍ଡଳୀ ଟାଟା ଷ୍ଟିଲକୁ କୋଇଲା ନେଇ ଯାଉଥିଲା। ୯ ନମ୍ବର ଟ୍ରାକରେ ଲାଇନଚ୍ୟୁତ ହୋଇଥିଲା। ତେବେ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଦୁର୍ଘଟଣା ସତ୍ତ୍ୱେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ଥିବା ସୂଚନା ମିଳିଛି।

# କିଶୋରନଗର ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର



କିଶୋରନଗର, ୨୬ ।୩(ସମିସ): କିଶୋରନଗର ବ୍ଲକ ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ଓରମାସ୍‌ର ମିଳିତ ସହଯୋଗରେ ବୁଧବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ବେକାର ଯୁବକଯୁବତୀଙ୍କ ପାଇଁ ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା, ଏବିଡିଓ ଦିଲୀପ କୁମାର ପ୍ରଧାନ, ଓରମାସ୍‌ର ଡେପୁଟି ସିଇଓ ସୌରଭମୟ ଦାଶ, ବିପିଏମ ମମତା ମିଶ୍ର ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ୧୧୬ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୪୮ ଜଣଙ୍କୁ ବିଭିନ୍ନ ତାଲିମ ପାଇଁ ମନୋନୀତ କରାଯାଇଛି। ଓଏଲଏମ୍‌ର ବିପିସି ସୁଜିତ ପ୍ରଧନ, ଜିତେନ୍ଦ୍ର କୁମାର ଦେହୁରୀ, ସାଗରକାନ୍ତ ରାଉତ, ଏମ୍‌ବିକେ, ସିଆରପିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବିଚାରଧାରା ବିଭାଗର ଆଲୋଚନାଚକ୍ର

ଢେଙ୍କାନାଳ, ୨୬ ।୩(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବିଚାରଧାରା ବିଭାଗ ଜିଲ୍ଲା ଶାଖାର 'ଆମ ସଂସ୍କୃତି ଆମ ଐତିହ୍ୟ' ଶୀର୍ଷକ ଇ-ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଭାପତି ପ୍ରଧାପିକା ଡ. ସୁଚେତା ମିଶ୍ରଙ୍କ ପୌରୋହିତ୍ୟ ଓ ସଂଯୋଜକ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନେକ ସଂଖ୍ୟାରେ ଅଂଶଗ୍ରହଣକାରୀ ଅଭାସୀ ମାଧ୍ୟମରେ ଯୋଗଦେଇଥିଲେ। ବିଶିଷ୍ଟ ଆଲୋଚକ ଭାବେ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ପୃଥିବୀର ପ୍ରସିଦ୍ଧ ବୈଜ୍ଞାନିକ, ଭାରତର ପ୍ରଥମ ନୋବେଲ୍ ପୁରସ୍କାର ବିଜେତା ଭାରତରତ୍ନ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ରମଣ ପ୍ରଭାବର ଆବିଷ୍କାର ଓ ଜାତୀୟ ବିଜ୍ଞାନ ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଡ. ମିଶ୍ରଙ୍କ ସହ ଡ. ସରୋଜିନୀ ସାହୁ, ପ୍ରାଧ୍ୟାପକ ଡ. ସିଦ୍ଧାର୍ଥ ଭରଦ୍ୱାଜଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ସଂଗ୍ରହ, ପ୍ରସ୍ତୁତି ଓ ସଫଳ ପାୱାର ପଏଣ୍ଟ୍ ଉପସ୍ଥାପନ ହୋଇଥିଲା। ଏଥିରେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ, ଜିଲ୍ଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ, ଉପ ସମ୍ପାଦକ ସଦାନନ୍ଦ ରାଉତ, ଉପଦେଷ୍ଟା ଶଙ୍କର୍ଷଣ ଶତପଥୀ, ଦେବେନ୍ଦ୍ର ବିଜୟ ସାହୁ, ପ୍ରଭାତ ନଳିନୀ ଦାଶ, ଲାବଣ୍ୟବାଳା ସାହୁ, ଜିତେନ୍ଦ୍ର କୁମାର ପରିଡ଼ା, ଶିକ୍ଷୟିତ୍ରୀ ଯାମିନୀ ହୋତାଙ୍କ ସମେତ ଓଡ଼ିଶାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଦସ୍ୟ ବୈକୁଣ୍ଠ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ମହିମା ବହି ମେଳାର ୪ର୍ଥ ସନ୍ଧ୍ୟା

ଢେଙ୍କାନାଳ, ୨୬ ।୩(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ମହିମା ବହିମେଳାର ୪ର୍ଥ ସନ୍ଧ୍ୟାରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳରେ ମହିମା ଧର୍ମ ଶୀର୍ଷକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହିମା ଧର୍ମ ୩ ମଣ୍ଡଳ ଯଥା- ଶୂନ୍ୟ ମଣ୍ଡଳ, ଭାବ ମଣ୍ଡଳ ଏବଂ ମର୍ତ୍ତ୍ୟ ମଣ୍ଡଳ ବ୍ୟାପିଛି ବୋଲି ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ୍ କର ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେ କହିଲେ, ବନରେ ସଂସ୍କୃତ ରହିଛି। ତେଣୁ ସାଧୁସନ୍ଥମାନେ ନିଜ ସିଦ୍ଧିପ୍ରାପ୍ତି ପାଇଁ ବନ ବା ଜଙ୍ଗଲକୁ ଚୟନ କରିଥା'ନ୍ତି। ସେହିକ୍ରମରେ ମହିମା ସ୍ୱାମୀ କପିଳାସର ପାହାଡ଼ ଓ ଜଙ୍ଗଲକୁ ଚୟନ କରି ସିଦ୍ଧିଲାଭ କରି ମହିମା ଧର୍ମକୁ ବିଶ୍ୱ ପରିଚିତ କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ବକ୍ତାଭାବେ ବଳ୍କଳଧାରୀ ମହିମା ସମାଜର ସାଧୁ ନଟବର ବାବା ଓ କୌପିନଧାରୀ ମହିମା ସମାଜ ସଭାପତି ରଘୁନାଥ ଦାସ ବାବା, ସମ୍ମାନିତ ଅତିଥିଭାବେ ପୌରପାଳିକା ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ତଥା ଆୟୋଜକ ସଦସ୍ୟା ଡ. ପୁଷ୍ପଲତା ରଥ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ସଞ୍ଚାଳନା କରିଥିଲେ। ନ୍ୟୁ ଇଣ୍ଡିଆର ନିର୍ଦ୍ଦେଶକ ତଥା ଆବାହକ ଶେଷଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଜାଲ୍ ପ୍ରମାଣପତ୍ର ପ୍ରସଙ୍ଗ

# ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ପକ୍ଷରୁ ତଦନ୍ତ

ଢେଙ୍କାନାଳ, ୨୬ ।୩(ସମିସ)



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରର ତଦନ୍ତ ଓ ଦୁର୍ନୀତିଖୋର ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ଏ ନେଇ ମହାବିଦ୍ୟାଳୟରେ ଦୀର୍ଘଦିନ ହେବ ଛାତ୍ର ଅଶାନ୍ତି ଲାଗି ରହିଛି। ତେବେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇଥିବା ଜଣାପଡ଼ିଛି।

ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଭିଯୋଗ ରହିଛି। ଗତ ୧୮ ତାରିଖ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷଙ୍କୁ ତଦନ୍ତ ସମୟରେ ତାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଉପରେ ଜେରା କରାଯାଇଥିଲା। ଏ ନେଇ ଅଧ୍ୟକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଅଧ୍ୟକ୍ଷଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଉପରେ ୧୦ ବର୍ଷ ତଳେ ଉଚ୍ଚଶିକ୍ଷା ବିଭାଗକୁ ଅଭିଯୋଗ ଆସିଥିଲା। ସେତେବେଳେ ଉଚ୍ଚଶିକ୍ଷା ବିଭାଗ ସଚିବ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହିତ ଅନ୍ୟ ୨ ଅଧ୍ୟାପକଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଓ ସେମାନଙ୍କ ଶାରୀରିକ ଅକ୍ଷମତାର ପରୀକ୍ଷା ପାଇଁ କଟକ ମେଡିକାଲ ବୋର୍ଡକୁ ସୁପାରିସ କରିଥିଲେ। କିନ୍ତୁ ଅଧ୍ୟକ୍ଷ ମେଡିକାଲ ବୋର୍ଡର ସମ୍ମୁଖୀନ ନ ହୋଇ ନିଜକୁ ଶାରୀରିକ ଭିନ୍ନକ୍ଷମ ବୋଲି କହି ବୁଲୁଛନ୍ତି। ଏ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହି ଘଟଣା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁନାମରେ ଆଞ୍ଚ୍ ଆଣିଛି। ଫଳରେ ଛାତ୍ରଛାତ୍ରୀ ଅଭିଭାବକ, ପୁରାତନ ଛାତ୍ର ଓ ସର୍ବୋପରି ଢେଙ୍କାନାଳବାସୀଙ୍କ ଭିତରେ ତୀବ୍ର ଅସନ୍ତୋଷର ନିଆଁ କୁହୁଳୁଛି। ଗତ ମାର୍ଚ୍ଚ ୫ ତାରିଖ ଛାତ୍ରଛାତ୍ରୀମାନେ ତାଲା ପକାଇବା ସହ ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହା ମଧ୍ୟରେ ୨୦ ଦିନ ବିତି ଯାଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମହାବିଦ୍ୟାଳୟର ନିଜସ୍ୱ ଜମିକୁ ଅଧ୍ୟକ୍ଷ ମ୍ୟୁନିସିପାଲିଟିକୁ ବିକ୍ରି କରିବା ସହ ମହାବିଦ୍ୟାଳର ବାତାବରଣକୁ ଧ୍ୱଂସ କରିଚାଲିଛନ୍ତି। ମହାବିଦ୍ୟାଳୟର ପାଚେରି ଭଙ୍ଗାଯାଇ ବିରାଟ ଜମି ଉପରେ ଢେଙ୍କାନାଳ ମ୍ୟୁନିସିପାଲିଟି ଶୌଚାଳୟ ନିର୍ମାଣ କରୁଛି। ମହାବିଦ୍ୟାଳୟରେ ଛାତ୍ରାଛାତ୍ରୀଙ୍କ ପଢ଼ିବା ପାଇଁ ଯଥେଷ୍ଟ ଶ୍ରେଣୀଗୃହ ନ ଥିବା ବେଳେ କେଉଁ ପରିସ୍ଥିତି ଓ କାହିଁକି ମ୍ୟୁନିସିପାଲିଟି ମହାବିଦ୍ୟାଳୟର ଜମି ଉପରେ ଶୌଚାଳୟ ନିର୍ମାଣ କରୁଛି ତାହାର ତଦନ୍ତ ଦାବି କରାଯାଇଛି। ଏତଦବ୍ୟତୀତ ବିଭିନ୍ନ ସମୟରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର ପାଣ୍ଠି ବିନିଯୋଗରେ ବ୍ୟାପକ ଜାଲିଆତି, ଦୁର୍ନୀତି ଓ ଅନୟମିତତା ହେଇଛି। ଫଳରେ ଗତ ୧୦ବର୍ଷ ଧରି ମହାବିଦ୍ୟାଳୟର କୌଣସି ଆଖିଦୃଶିଆ ବିକାଶ ହୋଇପାରୁନାହିଁ। ଏ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ଘଟଣାକୁ ନେଇ ସରକାରଙ୍କ ନିର୍ଦ୍ଦେଶରେ ଉଚ୍ଚଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ଡ. ଜିତେନ୍ଦ୍ର ସାହୁ ମହବିଦ୍ୟାଳୟରେ ପହଞ୍ଚି ଭିନ୍ନକ୍ଷମ ପ୍ରମାଣପତ୍ରର ତଦନ୍ତ କରିଥିବାର ଜଣାପଡ଼ିଛି। ଅଧ୍ୟକ୍ଷଙ୍କ ବୟାନ ନିଆଯାଇଛି, ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ସେ କହିଛନ୍ତି ପ୍ରକାଶ କରିଛନ୍ତି।

## ବିନା କାମରେ ଟଙ୍କା ଉଠାଇବାକୁ ମସୁଧା ଘଟଣା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଚ୍ଚସ୍ତରୀୟ କମିଟିର ତଦନ୍ତ



ପାଲଲହଡ଼ା, ୨୬ ।୩(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଆଦିବାସୀ ଅଧ୍ୟୁଷିତ ସୀମାନ୍ତ ବରଡିହ ପଞ୍ଚାୟତ ଶିଲପଳା ଗାଁରେ ବିନା କାମରେ ଲକ୍ଷାଧିକ ଟଙ୍କା ହଡ଼ପ କରିବାକୁ ସରକାରୀ ବାବୁମାନେ ମସୁଧା କରୁଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ବିଡିଓ ଘଟଣାର ତଦନ୍ତ କରିଥିଲେ। ସରକାରୀ କାର୍ଯ୍ୟରେ ଅବହେଳା ଓ ମିଥ୍ୟା ବିଲ୍ ପ୍ରସ୍ତୁତ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ନିଖଣ୍ଡଙ୍କଠାରୁ ସମସ୍ତ ଦାୟିତ୍ୱ ଅପସାରଣ କରାଯାଇଥିଲା। ତେବେ ସୋମବାର ପାଲଲହଡ଼ା ଉପଖଣ୍ଡରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ବେଳେ ଶିଲପଳା ଗ୍ରାମବାସୀ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇଥିଲା। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପଦ୍ମନାଭ ସାମନ୍ତରାୟଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତେଜସ୍ୱିନୀ ଦଳେଇ, ପାଲଲହଡ଼ା ବିଡିଓ ନିଶାନ ମିଶ୍ର ଏବଂ ପାଲଲହଡ଼ା ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ରାଉତଙ୍କୁ ନେଇ ଗଠିତ ଏହି କମିଟି ବୁଧବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ତଦନ୍ତ ବେଳେ ଗ୍ରାମବାସୀ ଉପସ୍ଥିତ ରହି ସମସ୍ତ ଘଟଣା ପ୍ରକାଶ କରିଥିଲେ। ତଦନ୍ତକାରୀ ଦଳ ମଧ୍ୟ କୌଣସି କାମ ଦେଖିବାକୁ ପାଇ ନ ଥିଲେ। କେବଳ ତରବରିଆ ଭାବେ ଅଳ୍ପ ବାଲି ଓ ମେଟାଲ ପକାଇ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

# ମା'ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୦, ୩୯, ୨୧୫ ଟଙ୍କା

ତାଳଚେରସଦର, ୨୬ ।୩(ସମିସ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ନିମନ୍ତେ ବୁଧବାର ପୂର୍ବାହ୍ଣ ୧୧ଟାରେ ତାଳଚେର ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁମିତା ଦେହୁରୀଙ୍କ ଉପସ୍ଥିତିରେ ପୀଠରେ ଥିବା ହୁଣ୍ଡି ଖୋଲାଯାଇଛି। ସେଥିରୁ ୧୦ଲକ୍ଷ, ୩୯ହଜାର, ୨୧୫ ଟଙ୍କା ଆଦାୟ ହୋଇଥିବା ବେଳେ ଏହି ଟଙ୍କାକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଜମା କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ହୁଣ୍ଡି ଖୋଲାଯିବା ସମୟରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳପ୍ରସାଦ ଥାନା ଅଧିକାରୀ, ମନ୍ଦିର ଟ୍ରଷ୍ଟ ସଦସ୍ୟ ମୁରଲୀଧର ସାହୁ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଭୋଳେଶ୍ୱର ବେହେରା, ହାବିଲଦାର ଗୁଣନିଧି ବିଶ୍ୱାଳ, ବିନୟ ମହାନ୍ତି, ବିଭୂତି ସାମଲ, ବିକାଶ ପ୍ରଧାନ, ପ୍ରହଲ୍ଲାଦ ଦେହୁରୀ, ଅଲେଖ ବରିହା, ଅଶ୍ରୁମୋଚନ ବିଶୋଇ, ରଘୁନାଥ ସାମଲ, ସୁଶାନ୍ତ ସାମଲ, ରୋହିତ ସାମଲ, ସିପୁନା ବରିହା, ପବିତ୍ର ବେହେରା, ଦିଲୀପ ଦେହୁରୀ, ଜ୍ୟୋତି ସାହୁ, ମୁନା ଅମାନ୍ତ, ଅବନିକାନ୍ତ ଦେହୁରୀ, ବୁଦ୍ଧିଆ ବେହେରା, ସମ୍ବିତ ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ଶୁଭମ ସାହୁ, ଟିକନ ସାମଲ, ପାପୁନ ପଡିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାସନ୍ତୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ଅନୁଗୋଳ, ୨୬ ।୩(ସମିସ): ଅମଲାପଡ଼ା ପଡ଼ିଆରେ ଆସନ୍ତା ଏପ୍ରିଲ ୩ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୧୯ତମ ମା' ବାସନ୍ତୀ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କଟକର ମୂର୍ତ୍ତି କାରିଗରମାନେ ଦେବୀଙ୍କ ମୂର୍ତ୍ତିରେ ନିର୍ମାଣରେ ବ୍ୟସ୍ତ ଅଛନ୍ତି। ମୂର୍ତ୍ତିରେ ପରିବେଶ ଅନୁକୂଳ ରଙ୍ଗ ବ୍ୟବହାର କରାଯିବ ବୋଲି କର୍ମକର୍ତ୍ତା ଜଣାଇଛନ୍ତି। ତୋରଣ ଓ ଅନ୍ୟାନ୍ୟ ସାଜସଜ୍ଜା ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳାକାରମାନେ ଅଭ୍ୟାସ ଜାରି ରଖିଛନ୍ତି। ପରୀକ୍ଷା ଋତୁ ସରିବାକୁ ବସିଥିବାରୁ ଚଳିତ ପୂଜାରେ ଅଧିକ ଜନସମାଗମ ହେବ ବୋଲି ଆଶା କରାଯାଉଛି।

## ■ ୧୪ ବିଧାୟକଙ୍କ ନିଲମ୍ବନର ପ୍ରତିବାଦ

# ଅନୁଗୋଳ ଜିଲ୍ଲା କଂଗ୍ରେସର ବିକ୍ଷୋଭ

ଅନୁଗୋଳ, ୨୬ ।୩(ସମିସ): ବିଧାନସଭାରୁ କଂଗ୍ରେସର ୧୪ ବିଧାୟକଙ୍କ ନିଲମ୍ବନ ପ୍ରତିବାଦରେ ବୁଧବାର ସନ୍ଧ୍ୟା ୬ଟାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ରାଜ୍ୟ ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ହିରୋହୋଣ୍ଡା ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ବିଧାୟକମାନେ ବିଧାନସଭାରେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଦାବି, ନାରୀମାନଙ୍କ ସୁରକ୍ଷା ଉପରେ ଆଲୋଚନା ଦାବି କରୁଥିବା ବେଳେ ଶାସକଦଳର ଇଙ୍ଗିତରେ ବିଧାନସଭାରେ ବାଚସ୍ପତି ଯେଉଁଭଳି



ଦଳର ୧୪ ବିଧାୟକଙ୍କୁ ନିଲମ୍ବନ କଲେ ଓ ବରିଷ୍ଠ ବିଧାୟକମାନଙ୍କୁ ମାର୍ଶାଲ ଲଗାଇ ମାରପିଟ କରାଗଲା ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଏକଛତ୍ରବାଦର ନମୁନା। ଏହି ଦମନଲୀଳା କୌଣସି ପ୍ରକାରେ ଇଂରେଜ ସରକାରଙ୍କଠାରୁ କମ୍ ନୁହେଁ। ଏଣୁ ଅନୁଗୋଳ ଜିଲ୍ଲା କଂଗ୍ରେସ ଏହାର ଦୃଢ଼ ନିନ୍ଦା କରି ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରିଛି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ପ୍ରଫୁଲ୍ଲ ଦାସ, ଗୋବିନ୍ଦ ନାଏକ, ଚିତ୍ତରଞ୍ଜନ ନାଏକ, ବଳବୀର ସିଂହ, ସହଦେବ ବେହେରା, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ସୁଶାନ୍ତ ଶଶିକାନ୍ତ ସାମଲ, ସୁନୀଲ ପ୍ରଧାନ, ସୁଦୀପ ମିଶ୍ର, ବନବିହାରୀ ପ୍ରଧାନ, ଟିକେ ସାମଲ, ଦୀନବନ୍ଧୁ ସାହୁ, ପ୍ରକାଶ ପ୍ରଧାନ, ଲୋକନାଥ ସାହୁ, ସନ୍ତୋଷ ଦେହୁରୀ, ବିଭୂତି ଭୂଷଣ ଦେହୁରୀ, ଦିଲେଶ୍ୱର ବେହେରା, ପୁରୋନ୍ଦର ନାଏକ, ଈଶ୍ୱର ପ୍ରଧାନ, ରିପନ ସାହୁ, ରନି ସାହୁ, ଚୌଧୁରୀ ନାଏକ, ସଂଗ୍ରାମ ବେହେରା ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଶ୍ରମ କୋଡ୍ ବାତିଲ ଏବଂ ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ଦାବି

# ଏଆଇୟୁଟିୟୁସିର ବିଶାଳ ଶ୍ରମିକ ସମାବେଶ

କଣିହାଁ, ୨୬ ।୩(ସମିସ)



ଶ୍ରମ କୋଡ୍ ବାତିଲ ଓ ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ଦାବିରେ ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ଆହ୍ୱାନରେ ବୁଧବାର ଅପରାହ୍ଣରେ ବିଜିଗୋଳସ୍ଥିତ ରାମମନ୍ଦିର ପଡ଼ିଆରେ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଛି। ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍‌କୁ ବାତିଲ, ଦୈନିକ କାର୍ଯ୍ୟ ସମୟ ନିର୍ଘଣ୍ଟ ୮ ଘଣ୍ଟାକୁ ବୃଦ୍ଧିକରି ୧୨ ଘଣ୍ଟା କରିବା ପ୍ରସ୍ତାବ ବନ୍ଦ କରିବା, ଏନଟିପିସି ମେଡିକାଲରେ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷାରେ ସ୍ୱାସ୍ଥ୍ୟ ସମସ୍ୟା ଥିବା ଠିକା ଶ୍ରମିକଙ୍କୁ ଏନଟିପିସି ମେଡିକାଲରେ ମାଗଣାରେ ଚିକିତ୍ସା କରିବା କିମ୍ବା ଇଏସ୍ଆଇସିକୁ ରେଫର କରିବାର ବ୍ୟବସ୍ଥା କରିବା, ଠିକା ଶ୍ରମିକଙ୍କ ନାମରେ ବିଚାରାଧୀନ ଥିବା ମାମଲା କାରଣରୁ ସେମାନଙ୍କୁ ଏନଟିପିସିରେ କାମ କରିବାର ଅଧିକାରରୁ ବଞ୍ଚିତ କରିବା ବନ୍ଦ, ପ୍ରତ୍ୟେକ ଠିକା ଶ୍ରମିକଙ୍କୁ ପ୍ରତି ମାସ ୨ ତାରିଖ ସୁଦ୍ଧା ମାସିକ ମଜୁରି ଓ ୱେଜ୍ ସ୍ଲିପ୍ ପ୍ରଦାନ, ଶ୍ରମ ଆଇନ ଅନୁସାରେ ୨୦ ଦିନ କାମ ପାଇଁ ଗୋଟିଏ ଦିନ ମଜୁରି ହିସାବରେ ଆର୍ଣ୍ଣଡ଼୍ ଲିଭ୍ (ଇଏଲ୍) ବାବଦ ଓ ବାର୍ଷିକ ୨୪୦ ଦିନ ବା ତା'ଠାରୁ ଅଧିକ କାମ ପାଇଁ ରିଟ୍ରେଞ୍ଚମେଣ୍ଟ ବେନିଫିଟ (ଆର୍‌ବି) ବାବଦ ୧୫ ଦିନର ମଜୁରି ପ୍ରଦାନ, ଜାତୀୟ ଛୁଟି ଓ ପର୍ବପର୍ବାଣୀ ଛୁଟି ଦୈନିକ ମଜୁରି ହିସାବରେ ପ୍ରଦାନ, କଣ୍ଟିଜେଣ୍ଟ ଶ୍ରମିକ (ମେଣ୍ଟେନାନ୍ସ-୧) ନାମରେ ନିଯୁକ୍ତ ଠିକା ଶ୍ରମିକଙ୍କୁ ଇଏଲ୍, ଆର୍‌ବି ଓ ଛୁଟିଦିନର ମଜୁରି ପ୍ରଦାନ, କାର୍ଯ୍ୟସ୍ଥଳରେ ଦୁର୍ଘଟଣାରେ ମୃତ ଠିକା ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଓ ନିଯୁକ୍ତି ପ୍ରଦାନ, ୬୦ବର୍ଷ ବୟସରେ ଅବସର ନେଉଥିବା ଠିକା ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି କିମ୍ବା ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ, ଏନଟିପିସିର ଲାଭାଂଶ ଠିକା ଶ୍ରମିକଙ୍କୁ ମଧ୍ୟ ପ୍ରଦାନ, ଠିକା ଶ୍ରମିକଙ୍କ ଯାତାୟାତ ସମୟରେ ଭାରୀଯାନ ଚଳାଚଳ ବନ୍ଦ, ୱାଟର ସପ୍ଲାଇ ଓ ମାନସରୋବର ଗେଷ୍ଟ ହାଉସ ଶ୍ରମିକଙ୍କ ସମସ୍ୟା ସମାଧାନ, ଇପିଏଫ୍, ଇଏସ୍ଆଇସି ଓ ବୋନସ କ୍ଷେତ୍ରରେ ସର୍ବୋଚ୍ଚ ମଜୁରି ସୀମା ଉଚ୍ଛେଦ ଦାବିରେ ଏହି ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଛି। ୨ ହଜାରରୁ ଅଧିକ ଠିକା ଶ୍ରମିକ ଏହି ସମାବେଶରେ ଯୋଗଦେଇଥିଲେ।

ୟୁନିୟନର ସଭାପତି ତଥା ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେରଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଏଆଇୟୁଟିୟୁସି ଅନୁଗୋଳ ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ୟୁନିୟନ ସାଧାରଣ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ନୀଳାମ୍ବର ତିରିଆ, ସିଙ୍ଗେଶ୍ୱର ସାହୁ, ଦୁଃଶାସନ ବେହେରା, ବସନ୍ତ ପ୍ରଧାନ, ସୁଶାନ୍ତ ଓରାମ, ନରେଶ ପ୍ରଧାନ, ସୁରେଶ ବେହେରା ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏନଟିପିସି କଣିହାଁରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଏହି ଦାବିଗୁଡ଼ିକୁ ନେଇ ଏନଟିପିସି କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ହାସଲ ହେବା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବିରୋଧରେ ଏପ୍ରିଲ ୧ରେ ଦେଶବ୍ୟାପୀ ପ୍ରତିବାଦ ଏବଂ ମେ ୨୦ରେ ଦେଶବ୍ୟାପୀ ଧର୍ମଘଟରେ ଏନଟିପିସି କଣିହାଁର ଠିକା ଶ୍ରମିକମାନେ ସାମିଲ ହେବାକୁ ପ୍ରସ୍ତାବ ଗୃହୀତ ହୋଇଛି।

# ବରିଷ୍ଠ ନାଗରିକ ମଞ୍ଚର ଜରୁରୀ ବୈଠକ



ଅନୁଗୋଳ, ୨୬ ।୩(ସମିସ): ସହର ଉପକଣ୍ଠ ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚର ସ୍ଥାୟୀ ସଭାପତି ରାଜକିଶୋର ଦାସଙ୍କ ସଭାପତିତ୍ୱରେ ମଞ୍ଚ ସଭାଗୃହରେ ବଧବାର ଅପରାହ୍ଣ ୩ଟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆୟବ୍ୟୟ ହିସାବ ଓ ସଭାଗୃହ ସମ୍ପ୍ରସାରଣ ନିମନ୍ତେ ବିଧାୟକ ଓ ସାଂସଦଙ୍କୁ ପତ୍ରାଳାପ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ସଭାବହି ଅଧୁନାତମ କରିବା ପାଇଁ ସମ୍ପାଦକଙ୍କୁ କୁହାଯାଇଥିଲେ ହେଁ ସେ ବୈଠକରେ ଅନୁପସ୍ଥିତ ଥିବାରୁ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ଏପ୍ରିଲ ୨୦ ତାରିଖ ହେବାକୁ ଥିବା ବୈଠକରେ ବିଗତ ଦିନର ବୈଠକ ବିବରଣୀ ଉଲ୍ଲେଖ କରିବାକୁ ସଭାପତିଙ୍କୁ ଅନୁରୋଧ କରିଥିଲେ। ମଞ୍ଚର ଆଚରଣବିଧି ପ୍ରକାରେ ପ୍ରତି ୩ ବର୍ଷରେ କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ପ୍ରାବଧାନ ଥିବା ସତ୍ତ୍ୱେ ୬ ବର୍ଷ ଧରି ନିର୍ବାଚନ ହୋଇ ନ ଥିବାରୁ କେତେକ ସଦସ୍ୟ ଦୁଃଖ ପ୍ରକାଶ କରିଥିଲେ। ଆଜିର ବୈଠକରେ ସମ୍ପାଦକ ଅନୁପସ୍ଥିତ ଥିବାରୁ ଆସନ୍ତା ୨୦ ତାରିଖ ହେବାକୁ ଥିବା ବୈଠକରେ କର୍ମକର୍ତ୍ତା ନିର୍ବାଚନ କରିବା ପାଇଁ ସଭାପତି ପ୍ରକାଶ କରିଥିଲେ।

ବୈଠକରେ ଅରୁଣ କୁମାର ଦାସ, ଦାମୋଦର ଦାସ, ପୂର୍ଣ୍ଣଚନ୍ଦ୍ର ସିଂହସାମନ୍ତ, ହୃଷୀକେଶ ସାହୁ, କିଶୋର ଚନ୍ଦ୍ରସାହୁ, ଗନ୍ଧର୍ବ ବେହେରା, ବିକ୍ରମ କୁମାର ସିଂହସାମନ୍ତ, ଅନ୍ତର୍ଯ୍ୟାମୀ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ଶଙ୍କର ବେହେରା, ଭଗବାନ ମହାପାତ୍ର, ବାବାଜୀ ସାସମଲ, ମୁରଲୀଧର ପରିଡ଼ା, ଗୋବର୍ଦ୍ଧନ ସାହୁ, ଉଦ୍ଧବ ବେହେରା, ଶ୍ରୀପତି ମହାପାତ୍ର, ଖଗେଶ୍ୱର ସାହୁ, ଲମ୍ବୋଦର ସାହୁ, ଗୋପୀନାଥ ମହାପାତ୍ର, ଈଶ୍ୱର ପରିଡ଼ା, ଦୁର୍ଯ୍ୟୋଧନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳଙ୍କିତ କରୁଛି କୋଟା; ପୁଣି ନିଟ୍ ଆଶାୟୀଙ୍କ ଆତ୍ମହତ୍ୟା

କୋଟା, ୨୬।୩ (ଏଜେନ୍ସି): ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରମୁଖ କେନ୍ଦ୍ର ପାଲଟିଥିବା ରାଜସ୍ଥାନ କୋଟା କଳଙ୍କିତ ଇତିହାସ ସୃଷ୍ଟି କରିଚାଲିଛି। ପ୍ରବେଶିକା ପରୀକ୍ଷା ହେଉ କି ସରକାରୀ ଚାକିରି ଆଶାରେ ପାଠ ପଢ଼ିବା ପାଇଁ ଘରଦ୍ୱାର ଛାଡ଼ି ଆସୁଥିବା ଅନେକ ଛାତ୍ରଛାତ୍ରୀଙ୍କ ଏହା ମୃତ୍ୟୁଯନ୍ତ୍ରା ପାଲଟି ଯାଉଛି। ପରିବାର ଏବଂ କୋଚିଂ କେନ୍ଦ୍ରଗୁଡ଼ିକର ପଢ଼ାପଢ଼ି ଚାପ ହେଉ ଅବା ଫେଲ୍ ହେବାର ଭୟ ଅନେକ ଛାତ୍ରଛାତ୍ରୀଙ୍କ ମୃତ୍ୟୁର କାରଣ ପାଲଟୁଛି। ଏହି ମୃତ୍ୟୁର ଧାରା ଥମିବାର ନା ଧରୁନି। ଜଣଙ୍କ ପରେ ଜଣେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରି ଚାଲିଛନ୍ତି। ଏହି କ୍ରମରେ କୋଟା ଜବାହାରନଗରର ଏକ ଛାତ୍ରାବାସରେ ୧୭ ବର୍ଷୀୟ ମେଡିକାଲ ଆଶାୟୀ ହର୍ଷରାଜ ଶଙ୍କର ମଙ୍ଗଳବାର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏହି ଛାତ୍ରାବାସରେ ଫ୍ୟାନ୍‌ରେ ଆତ୍ମହତ୍ୟା ବିରୋଧୀ ଡିଭାଇସ ଲାଗିଥିଲା। ଏଥିପାଇଁ ଛାତ୍ର ଏକ ଲୁହା ଛଡ଼ ଆଣି ସେଥିରେ ଆତ୍ମହତ୍ୟା କରିଥିଲା। ସେ ବିହାର ନାଳନ୍ଦା ଜିଲ୍ଲାର ବାସିନ୍ଦା। ଗତ ବର୍ଷ ଏପ୍ରିଲରେ ସେ କୋଟା ଆସିଥିଲେ। ଛାତ୍ରାବାସରୁ ସୂଚନା ପାଇଁ ପୁଲିସ ପହଞ୍ଚି କବାଟ ଭାଙ୍ଗି ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଥିଲା। ତେବେ ଏଠାରୁ କୌଣସି ସୁଇସାଇଡ ନୋଟ ମିଳିନାହିଁ। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ମୋଟ ୯ ଜଣ ଛାତ୍ରଛାତ୍ରୀ କୋଟାରେ ଆତ୍ମହତ୍ୟା କଲେଣି। କେବଳ ଗତ ଜାନୁଆରୀରେ ୬ ଜଣ ଜୀବନ ହାରିଥିଲେ। ଏମାନଙ୍କ ମଧ୍ୟରେ ୫ ଜଣ ଜେଇଇ ଏବଂ ଅନ୍ୟ ଜଣେ ନିଟ୍ ଆଶାୟୀ ସାମିଲ ଥିଲେ। ଏହା ପୂର୍ବରୁ ୨୦୨୪ରେ ୧୭ ଛାତ୍ରଛାତ୍ରୀ ଜୀବନ ହାରିଥିଲେ। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ୁଥିବା ଆତ୍ମହତ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏଭଳି ଘଟଣାକୁ ରୋକିବା ପାଇଁ ସୁପ୍ରିମକୋର୍ଟ ଏକ ଜାତୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହି କମିଟି ୪ ମାସରେ ଅନ୍ତରୀଣ ଏବଂ ୮ ମାସରେ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ।

**ଚଳିତ ବର୍ଷ ଜୀବନ ହାରିଲେଣି ୯ ଛାତ୍ରଛାତ୍ରୀ**

**କେବଳ ଜାନୁଆରୀରେ ୬ ଜଣ କରିଥିଲେ ଆତ୍ମହତ୍ୟା**

**୨୦୨୪ରେ ଜୀବନ ହାରିଥିଲେ ୧୭ ଛାତ୍ରଛାତ୍ରୀ**

# ଅଷ୍ଟ୍ରେଲିଆ ସଂସଦରେ ପଚା ମାଛ ଧରି ପହଞ୍ଚିଲେ ସାଂସଦ



କାନବେରା,୨୬।୩(ଏଜେନ୍ସି): ସରକାରଙ୍କ କାର୍ଯ୍ୟକଳାପ ବିରୋଧରେ ପ୍ରଦର୍ଶନ ଲାଗି ଅଷ୍ଟ୍ରେଲିଆ ସଂସଦ ଭିତରକୁ ଜଣେ ସାଂସଦ ପଚା ମାଛ ଧରିଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସରକାର ଉପରେ କାର୍ଯ୍ୟକାରୀ କରାଯାଉଥିବା ମାଛ ଫାର୍ମଗୁଡ଼ିକ ଦ୍ୱାରା ପ୍ରଦୂଷଣ ବଢ଼ୁଥିବାରୁ ଏହାକୁ ବିରୋଧ କରି ସାଂସଦ ଜଣକ ୪-୫ କିଲୋଗ୍ରାମର ଏକ ବଡ଼ ମାଛ ଧରି ସଂସଦରେ ପହଞ୍ଚିଥିଲେ। ଅଷ୍ଟ୍ରେଲିଆର ପରିବେଶବିତ୍‌ମାନେ ତାସମାନିଆ ଦ୍ୱୀପ ରାଜ୍ୟରେ ଥିବା ସାଲମନ ମାଛ ଫାର୍ମକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଏହି ଫାର୍ମ ଦ୍ୱାରା ପରିବେଶ ବହୁମାତ୍ରାରେ ପ୍ରଦୂଷିତ ହୋଇପଡ଼ିଛି ବୋଲି ସାଂସଦ ଜଣକ ଅଭିଯୋଗ କରିଛନ୍ତି। ତେବେ ସାଂସଦଙ୍କ ବିରୋଧ ପ୍ରଦର୍ଶନ କରିବାର ଏଭଳି ତରିକାର ଭିଡିଓ ଭାଇରାଲ ହେବା ସହିତ ଅଷ୍ଟ୍ରେଲିଆର ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

## ଆମେରିକା ଠାରୁ ବି ଭାରତ ସୁରକ୍ଷିତ

ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ବିଶ୍ୱର ସୁରକ୍ଷିତ ରାଷ୍ଟ୍ରମାନଙ୍କୁ ନେଇ ୨୦୨୫ ରିପୋର୍ଟ ପ୍ରକାଶ ପାଇଛି। ଏହି ତାଲିକାରେ ଭାରତର ସ୍ଥାନ ୬୬ ରହିଥିଲା ବେଳେ ଆମେରିକା ଠାରୁ ଭାରତ ଭଲ ସ୍ଥାନରେ ରହିଛି। ଅର୍ଥାତ୍ ଆମେରିକା ଠାରୁ ବି ଭାରତ ସୁରକ୍ଷିତ ରାଷ୍ଟ୍ର ଭାବେ ଏହି ସୂଚକାଙ୍କରେ ସ୍ଥାନିତ ହୋଇଛି। ବିଭିନ୍ନ ରାଷ୍ଟ୍ରମାନଙ୍କ ବହୁ ଦିଗକୁ ଆଧାର କରି ସୁରକ୍ଷା ସୂଚକାଙ୍କ ପ୍ରସ୍ତୁତ କରାଯାଇଥିଲା ବେଳେ ଭାରତ ୫୫.୭ ପଏଣ୍ଟ ହାସଲ କରି ୬୬ ସ୍ଥାନରେ ରହିଛି। କିନ୍ତୁ ଆମେରିକାକୁ ଏହି ଆଧାରରେ ୫୦.୭୮ ପଏଣ୍ଟ ମିଳିଥିଲା ବେଳେ ସୁରକ୍ଷା ସୂଚକାଙ୍କରେ ଏହାର ସ୍ଥାନ ୮୯ ରହିଛି। ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ କାନାଡାର ସ୍ଥାନ ୭୫ ରହିଥିଲା ବେଳେ ଅଷ୍ଟ୍ରେଲିଆ ୮୨ , ପାକିସ୍ତାନ ୬୫, ପାଲେଷ୍ଟାଇନ ୬୧ ଏବଂ ଇସ୍ରାଏଲର ସ୍ଥାନ ୩୪ ରହିଛି। ତେବେ ବିଶ୍ୱର ସବୁଠୁ ସୁରକ୍ଷିତ ରାଷ୍ଟ୍ର ଭାବେ ଆଣ୍ଡୋରା ସର୍ବାଧିକ ୮୪.୭ ପଏଣ୍ଟ ପାଇ ଏହି ତାଲିକାର ଶୀର୍ଷରେ ରହିଛି। ଏହାପଛକୁ ୟୁଏଇ,କାତାର,ତାଇୱାନ, ଓମାନ, ହଂକଂ , ସିଙ୍ଗାପୁର ଏବଂ ଜାପାନ ଆଦି ରାଷ୍ଟ୍ର ରହିଛନ୍ତି। ତେବେ ସବୁଠୁ କମ୍ ୧୯.୩ ପଏଣ୍ଟ ପାଇ ଭେନେଜୁଏଲା ବିଶ୍ୱର ସବୁଠୁ ଅସୁରକ୍ଷିତ ରାଷ୍ଟ୍ର ଭାବେ ଏହି ତାଲିକାର ନିମ୍ନରେ ରହିଛି।

## ୧୪ ବର୍ଷ ଭିତରେ ୮୧% କମିଛି ନକ୍ସଲ ହିଂସା

ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ଗତ ୧୪ ବର୍ଷ ମଧ୍ୟରେ ଦେଶରେ ନକ୍ସଲ ହିଂସା ହାରାହାରି ଭାବେ ୮୧ ପ୍ରତିଶତ ହ୍ରାସ ପାଇଛି ବୋଲି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରାଜ୍ୟସଭାକୁ ଅବଗତ କରିଛନ୍ତି। ୨୦୧୦ରେ ଦେଶର ବିଭିନ୍ନ ଭାଗରେ ନକ୍ସଲମାନଙ୍କ ଦ୍ୱାରା କରାଯାଇଥିବା ହିଂସା ସବୁଠୁ ଅଧିକ ରହିବା ସହିତ ପ୍ରାୟ ୧୯୩୬ଟି ଘଟଣା ରେକର୍ଡ କରାଯାଇଥିଲା। କିନ୍ତୁ ୨୦୨୪ ସୁଦ୍ଧା ଏହି ସଂଖ୍ୟାରେ ଅନ୍ୟୂନ ୮୧ ପ୍ରତିଶତ ହ୍ରାସ ଘଟିଛି। ଝାଡ଼ଖଣ୍ଡରେ ୨୦୧୯ରେ ନକ୍ସଲ ହିଂସା ସଂଖ୍ୟା ୧୬୬ ରହିଥିଲା ବେଳେ ୨୦୨୪ରେ ଏହା ୬୯କୁ ହ୍ରାସ ପାଇଛି ବୋଲି ଶ୍ରୀ ରାୟ କହିଛନ୍ତି। ସେହିପରି ଅନ୍ୟାନ୍ୟ ସ୍ଥାନରେ ବାମପନ୍ଥୀ ଉଗ୍ରବାଦୀଙ୍କ ଦ୍ୱାରା ୨୦୧୯ରେ ୫୦୧ ହିଂସା କରାଯାଇଥିଲା ବେଳେ ୨୦୨୪ରେ ଏହା ୩୭୪କୁ ହ୍ରାସ ପାଇଛି। ନକ୍ସଲମାନଙ୍କ ଦ୍ୱାରା ୨୦୨୦ରେ ୪୭୦, ୨୦୨୧ରେ ୩୬୧, ୨୦୨୨ରେ ୪୧୩, ୨୦୨୩ରେ ୪୮୫ ହିଂସାକାଣ୍ଡ କରାଯାଇଥିଲା । ସେହିପରି ୨୦୧୯ରୁ ୨୦୨୩ ମଧ୍ୟରେ ନକ୍ସଲ ହିଂସା ମୃତ୍ୟୁସଂଖ୍ୟା ମଧ୍ୟ ୨୬ ପ୍ରତିଶତ ହ୍ରାସ ପାଇଛି। ୨୦୧୯ରେ ବିଭିନ୍ନ ହିଂସା ଘଟଣାରେ ୨୦୨ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦୨୪ରେ ଏହି ସଂଖ୍ୟା ୧୫୦କୁ ହ୍ରାସ ପାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ନୀତୀଶ କୁମାରଙ୍କୁ କୋର୍ଟ ନୋଟିସ

ପାଟନା, ୨୬।୩ (ଏଜେନ୍ସି): ପାଟନାର ପାଟୀଳପୁତ୍ର ଷ୍ଟାଡିୟମରେ ଆୟୋଜିତ ସାର୍ବଜନୀନ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତକୁ ଅସମ୍ମାନ ମାମଲାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏ ସମ୍ବନ୍ଧିତ ମାମଲା ଉପରେ ଶୁଣାଣି କରି ବେଗୁସରାୟ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟ ମଙ୍ଗଳବାର ନୀତୀଶଙ୍କୁ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ବିକାଶ ପାଶ୍ୱାନ ଗତ ୨୨ ତାରିଖରେ ରାଷ୍ଟ୍ରୀୟ ଗୌରବକୁ ଅସମ୍ମାନ ବିରୋଧୀ ନିୟମର ଧାରା-୩ ଅନୁଯାୟୀ ଏହି ଆବେଦନ ଦାଏର କରିଥିଲେ। ଓକିଲ କହିଛନ୍ତି ଯେ ଗତ ୨୦ ତାରିଖରେ ପାଟିଳପୁତ୍ର ଷ୍ଟାଡିୟମରେ ଜାତୀୟ ସଙ୍ଗୀତକୁ ଅସମ୍ମାନ କରି ନୀତୀଶ ଅସମ୍ମାନ କରିଛନ୍ତି। ଏହା ଦଣ୍ଡନୀୟ ଅପରାଧ। ଜାତୀୟ ସଙ୍ଗୀତ ବାଜୁଥିବାବେଳେ ନୀତୀଶ ଛିଡ଼ା ନ ହୋଇ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେଉଥିବା ଦେଖା ଯାଇଥିଲା। ହସି ହସି ଅନ୍ୟମାନଙ୍କୁ ନମସ୍କାର କରୁଥିଲେ। ନୀତୀଶ ଅଧିକାରୀମାନଙ୍କୁ ମଧ୍ୟ ହଇରାଣ କରିଥିଲେ।

## ସ୍ଥାନାନ୍ତର ହେବ ତିହାର ଜେଲ୍

ନୂଆଦିଲ୍ଲୀ, ୨୬।୩ (ଏଜେନ୍ସି): ଦିଲ୍ଲୀ ସରକାର ତିହାର ଜେଲ୍‌କୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି। ଗତ ୨୫ ତାରିଖରେ ବଜେଟ ଉପସ୍ଥାପନା କରି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ କଏଦୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ତିହାର ଜେଲ୍‌କୁ ସହର ବାହାରକୁ ସ୍ଥାନାନ୍ତର ନିମନ୍ତେ ବିଚାର କରାଯାଉଛି। ଏହା ଦ୍ୱାରା କଏଦୀ ଉପକୃତ ହେବେ। ଏହାର ସର୍ଭେ ଏବଂ ମାର୍ଗଦର୍ଶିକା ଲାଗି ବଜେଟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସୂଚନା ଅନୁଯାୟୀ ଏହି ଜେଲ୍‌ରେ କ୍ଷମତାଠାରୁ ୨ ଗୁଣରୁ ଅଧିକ କଏଦୀ ରହୁଛନ୍ତି। ୧ରୁ ୯ ନମ୍ବର ଜେଲ୍‌ରେ ୫ ହଜାର କଏଦୀ ରହିବା କଥା, ମାତ୍ର ଏବେ ୧୨ ହଜାରରୁ ଅଧିକ ବନ୍ଦୀ ଅଛନ୍ତି। ସେହିପରି ୧୦ରୁ ୧୬ ନମ୍ବର ଜେଲ୍‌ରେ ୩୭୦୦ଙ୍କ ବଦଳରେ ୩୯୦୦ ବନ୍ଦୀ ରହୁଛନ୍ତି।

## ଦକ୍ଷିଣ କୋରିଆ ଜଙ୍ଗଲରେ ନିଆଁ; ୨୪ ମୃତ

ସିଓଲ, ୨୬।୩ (ଏଜେନ୍ସି): ହୁ ହୁ ହୋଇ ଜଳୁଛି ଦକ୍ଷିଣ କୋରିଆ ଜଙ୍ଗଲ। ଏହା ଉଗ୍ର ରୂପ ଧାରଣ କରି ଜନବସତି ଅଭିମୁଖେ ମାଡ଼ି ଚାଲିଛି। ଏ ପର୍ଯ୍ୟନ୍ତ ଏହି ନିଆଁ ୨୪ ଜଣଙ୍କ ଜୀବନ ନେଲାଣି। ୧୯ରୁ ଅଧିକ ଲୋକ ଆହତ ହେଲେଣି। ଅଧିକାରୀଙ୍କ ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରେ ଅଧିକାଂଶ ୬୦ରୁ ୭୦ ବୟସର ଲୋକେ ସାମିଲ ଅଛନ୍ତି। ୨୩ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେହିପରି ଏହି ନିଆଁ ଉଇସଓଙ୍ଗ ଜିଲ୍ଲାରେ ଥିବା ଏକ ପ୍ରାଚୀନ ବୌଦ୍ଧ ମନ୍ଦିର ଗାଉଁସା ଜଳି ଯାଇଛି।

**ନାବାଳିକା ଛାତି ଧରିବା , ପାଇଜାମା ଡୋରି ଖୋଲିବା ଦୁଷ୍କର୍ମ ନୁହେଁ**

# ହାଇକୋର୍ଟଙ୍କ ରାୟ ଅମାନବୀୟ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ନାବାଳିକା ଛାତି ଧରିବା ଏବଂ ପାଇଜାମା ଡୋରି ଖୋଲିବାକୁ ଦୁଷ୍କର୍ମ ଉଦ୍ୟମ କୁହାଯାଇ ପାରିବ ନାହିଁ ବୋଲି ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହିତ ଏହା ଉପରେ ରୋକ୍ ଲଗାଇଛନ୍ତି। ଏଭଳି ଏକ ସଙ୍ଗିନ ମାମଲାକୁ ନେଇ ହାଇକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହାକୁ ସର୍ବୋଚ୍ଚ ନ୍ୟାୟାଳୟ ସମ୍ବେଦନଶୀଳତାର ଅଭାବ ବୋଲି କହିଛନ୍ତି। ଏଥିସହ ଏଭଳି ଘଟଣାକୁ ନେଇ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରପ୍ରଦେଶରେ ଜଣେ ନାବାଳିକା ସହ ଘଟିଥିବା ଏଭଳି ଆଚରଣକୁ ନେଇ ଆହ୍ଲାବାଦ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ପୀଡ଼ିତାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ତାଙ୍କ ନାବାଳିକା ଝିଅକୁ ବାଇକରେ ଲିଫ୍ଟ ଦେଇଥିଲେ ଓ ଘରେ ଛାଡ଼ି ଦେବେ ବୋଲି କହିଥିଲେ। କିନ୍ତୁ ଗାଁକୁ ଯିବା ରାସ୍ତାରେ ସେମାନେ ଏକ ସ୍ଥାନରେ ଅଟକି ଥିଲେ। ବାଇକ ରଖି ଦୁଇ ଅଭିଯୁକ୍ତ ପୀଡ଼ିତାଙ୍କ ସ୍ତନକୁ ଧରିଥିଲେ। ଅଭିଯୁକ୍ତ ଆକାଶ ନାବାଳିକାଙ୍କ ପାଇଜାମାର ଡୋର ଖୋଲିବାକୁ ଚେଷ୍ଟା କରିଥିଲା। ଏମିତିକି ସେମାନେ ତାଙ୍କୁ ଟାଣି ଟାଣି ପାଖରେ ଥିବା ଏକ କଲଭର୍ଟ ତଳକୁ ନେଇ ଯିବାକୁ ପ୍ରୟାସ କରିଥିଲେ। ଏହାପରେ ଝିଅଟି ଚିତ୍କାର କରିଥିଲା ବେଳେ ସତୀଶ ଓ ଭୁରେ ନାମକ ଦୁଇ ବ୍ୟକ୍ତି ଟ୍ରାକ୍ଟର ନେଇ ଯାଉଥିଲା ବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଦୁଇ ଅଭିଯୁକ୍ତ ସେମାନଙ୍କୁ ଏକ ଦେଶୀ ପିସ୍ତଲ ଦେଖାଇ ଧମକ ଦେଇଥିଲେ। ଏହା ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ଏହି ମାମଲା ଆହ୍ଲାବାଦ ହାଇକୋର୍ଟରେ ପହଞ୍ଚିଥିଲା।

**ସମ୍ବେଦନଶୀଳତାର ଅଭାବ କହିଲେ ସର୍ବୋଚ୍ଚ ନ୍ୟାୟାଳୟ**

**ଉତ୍ତରପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ଜବାବ ତଲବ**

ଏହି ମାମଲାକୁ ନେଇ ହାଇକୋର୍ଟଙ୍କ ରାୟ ଗତ ୧୭ ତାରିଖରେ ଆସିଥିଲା। ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରା ଏହି ରାୟ ଶୁଣାଇ କହିଥିଲେ ଯେ, ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ଦେଶ୍ୟ ରଖିଥିଲେ ବୋଲି ପ୍ରମାଣ କରିବାକୁ ଯଥେଷ୍ଟ ତଥ୍ୟ ନାହିଁ। କିନ୍ତୁ ହାଇକୋର୍ଟଙ୍କ ଏହି ରାୟକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା। ପରେ ପରେ 'ୱି ଦ ଓମେନ ଅଫ୍ ଇଣ୍ଡିଆ' ନାମକ ଏକ ସଂଗଠନ ପକ୍ଷରୁ ହାଇକୋର୍ଟଙ୍କ ରାୟକୁ ତୀବ୍ର ବିରୋଧ କରାଯିବା ପରେ ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲାକୁ ଗ୍ରହଣ କରି ଶୁଣାଣି କରିଥିଲେ। ପୀଡ଼ିତାଙ୍କ ମା' ମଧ୍ୟ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଜଷ୍ଟିସ ବି.ଆର ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲାଗାଇବା ସହିତ ଉପରୋକ୍ତ ଟିପ୍ପଣୀ କରିଛନ୍ତି। ଏଭଳି ଏକ ସ୍ପର୍ଶକାତର ବିଷୟକୁ ନେଇ ଯିଏ ଏହି ରାୟ ଦେଇଛନ୍ତି ତାଙ୍କ ଠାରେ ସମ୍ବେଦନଶୀଳତାର ଘୋର ଅଭାବ ରହିଛି ବୋଲି ଆମକୁ ଦୁଃଖର ସହ କହିବାକୁ ପଡୁଛି ବୋଲି ଖଣ୍ଡପୀଠ କହିଛନ୍ତି।

**ଲୋକସଭା ବାଚସ୍ପତିଙ୍କୁ ନେଇ ରାହୁଲଙ୍କ ବଡ଼ ଅଭିଯୋଗ**

# ମୋତେ କହିବାକୁ ଦିଆଯାଉ ନାହିଁ

**■ ଅଗଣତାନ୍ତ୍ରିକ ଢଙ୍ଗରେ ଚାଲିଛି ଗୃହ କାର୍ଯ୍ୟ**



ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତୀବ୍ର ସମାଲୋଚନା କରିବା ସହିତ ତାଙ୍କ ବିରୋଧରେ ବର୍ଷିଛନ୍ତି। ଗୃହ ଅଧ୍ୟକ୍ଷ ଭାବେ ବିର୍ଲା ରାହୁଲଙ୍କୁ କହିବାକୁ ସୁଯୋଗ ଦେଉ ନାହାନ୍ତି। ସେ ଗୃହରେ କିଛି କହିବାକୁ ଚାହୁଁଥିଲା ବେଳେ ଏଥିପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବାଚସ୍ପତି ଏହାକୁ କର୍ଣ୍ଣପାତ ନ କରି ପଳାଇଥିଲେ ବୋଲି ରାହୁଲ ସଂସଦ ବାହାରେ ଗଣମାଧ୍ୟମ ଆଗରେ କହିଛନ୍ତି। ଗୃହରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଉଛି। କିନ୍ତୁ ସେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଥିଲେ ବି ତାଙ୍କୁ କହିବାକୁ ସୁଯୋଗ ଦିଆଯାଉ ନାହିଁ। ଗୃହ କାର୍ଯ୍ୟ ଏଭଳି ଚାଲେ ନାହିଁ। ଏଠାରେ ଯେଉଁ ଢଙ୍ଗରେ କାର୍ଯ୍ୟ କରାଯାଉଛି ତାହା ଅଗଣତାନ୍ତ୍ରିକ ବୋଲି ରାହୁଲ କହିଛନ୍ତି। ସେ ମହାକୁମ୍ଭ ମେଳା ଏବଂ ଦେଶର ବେକାରୀ ସମସ୍ୟା ଉପରେ କହିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କୁ ବାରମ୍ବାର ବସିବାକୁ କୁହାଯାଇଥିଲା। କିନ୍ତୁ କିଛି ସମୟ ପରେ କହିବାକୁ ସେ ଛିଡା ହୋଇଥିଲେ ହେଁ ତାଙ୍କୁ କହିବାକୁ ଦିଆଯାଇ ନଥିଲା ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବୁଧବାର ଗୃହ କାର୍ଯ୍ୟ ଚାଲିଥିଲା ବେଳେ ବାଚସ୍ପତି ଓମ୍ ବିର୍ଲା କୌଣସି କାରଣକୁ ନେଇ ଗୃହ ନିୟମ ପାଳନ କରିବା ଏବଂ ମର୍ଯ୍ୟାଦା ରକ୍ଷା କରିବା ନେଇ ରାହୁଲଙ୍କୁ ତାଗିଦ୍ କରିଥିଲେ। ଗୃହରେ ବାପା ଏବଂ ଝିଅ, ମାଆ-ଝିଅ ଏବଂ ସ୍ୱାମୀ-ପତ୍ନୀ ଆଦି ସଦସ୍ୟ ରହିଛନ୍ତି। ତେଣୁ ପ୍ରତ୍ୟେକ ବିରୋଧୀ ସଦସ୍ୟ ରୁଲ ୩୪୯କୁ ଅନୁସରଣ କରିବା ଉଚିତ ବୋଲି ବାଚସ୍ପତି କହିବାର କିଛି ସମୟ ପରେ ରାହୁଲ ଏଭଳି ଅଭିଯୋଗ ଆଣିଥିବା କୁହାଯାଇଛି।

**ସବୁ ରାଜ୍ୟକୁ ନିର୍ଦ୍ଦେଶ**

## ଭ୍ରମାତ୍ମକ ବିଜ୍ଞାପନ ବନ୍ଦ କରିବାକୁ ବ୍ୟବସ୍ଥା କର

ନୂଆଦିଲ୍ଲୀ, ୨୬।୩ (ଏଜେନ୍ସି): ମିଥ୍ୟା ଏବଂ ଭ୍ରମାତ୍ମକ ବିଜ୍ଞାପନ ସମାଜର ବଡ଼ କ୍ଷତି କରିପାରେ। ଏହା ଲୋକଙ୍କୁ ଭୁଆଁବୁଲାଇପାରେ। ଏଭଳି ବିଜ୍ଞାପନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ସବୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ଅଭିଯୋଗ ଶୁଣାଣି ପାଇଁ ବ୍ୟବସ୍ଥା ବିକଶିତ କରିବାକୁ କହିଛନ୍ତି। ଏଥିପାଇଁ ୨ ମାସ କଣ୍ଟ ଦେଇଛନ୍ତି। ୧୯୫୪ର 'ଡ୍ରଗ୍ ଆଣ୍ଡ ମ୍ୟାଜିକ ରିମେଡିଜ୍' ଆଇନକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ପ୍ରଭାବୀ ଭାବେ ଲାଗୁ କରିବାକୁ ଅଧିକାରୀ ନିଯୁକ୍ତ ପାଇଁ ରାଜ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଇନ ଅଧିନରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସକୁ ସଚେତନ କରିବାକୁ ଜଷ୍ଟିସ ଅଭୟ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଲ ଭୁଇଁଆଙ୍କ ଖଣ୍ଡପୀଠ କହିଛନ୍ତି।

## 'ଗଛ କାଟିବା ମଣିଷ ମାରିବାଠୁ ବି ଜଘନ୍ୟ'

ନୂଆଦିଲ୍ଲୀ, ୨୬।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ଐତିହାସିକ ରାୟ ଦେଇଛନ୍ତି। ବିପୁଳ ସଂଖ୍ୟାରେ ଗଛ କାଟିବା ମନୁଷ୍ୟ ମାରିବାଠାରୁ ବି ଜଘନ୍ୟ ବୋଲି କହିଛନ୍ତି। ପରିବେଶର କ୍ଷତି କରୁଥିବା କୌଣସି ବ୍ୟକ୍ତି ପ୍ରତି ଦୟା ଦେଖାଇବା ଅନୁଚିତ। ବେଆଇନ ଭାବେ ଏବଂ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଗଛ କାଟିବା ମାମଲାରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଲ ଭୁଇଁଆଙ୍କ ଖଣ୍ଡପୀଠ କହିଛନ୍ତି। ଆଗ୍ରାର ତାଜମହଲ ଆଖପାଖ ତାଜ୍ ଟ୍ରାପେଜିୟମ ଜୋନ୍‌ରୁ ବେଆଇନ ଗଛ କଟା ମାମଲାରେ ପ୍ରତ୍ୟେକ ଗଛ ପିଛା ଲକ୍ଷେ ଟଙ୍କା ଲେଖାଏଁ ଜୋରିମାନା ଲଗାଇବାକୁ ଅନୁମତି ଦେଇଛନ୍ତି। ଏହା ସହିତ ଜୋରିମାନା ବିରୋଧରେ ଦାଏର ଆବେଦନକୁ ଖାରଜ କରିଦେଇଛନ୍ତି। କୌଣସି ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। ଏବେ ଅଭିଯୁକ୍ତ ଶିବ ଶଙ୍କର ଅଗ୍ରୱାଲଙ୍କୁ ୪. ୫୪ କୋଟି ଟଙ୍କା ଦେବାକୁ ପଡ଼ିବ। ଖଣ୍ଡପୀଠ କହିଛନ୍ତି ଯେ ବିନା ଅନମୁତିରେ ୪୫୪ ଗଛ କଟା ଯାଇଛି। ଏବେ ଏହି ସଂରକ୍ଷିତ ଜୋନ୍‌କୁ ଜଙ୍ଗଲ ବନାଇବା ପାଇଁ ଶହେ ବର୍ଷ ଲାଗିଯିବ।

## କୁନାଲ କାମ୍‌ରାଙ୍କୁ ଦ୍ୱିତୀୟ ସମନ

ମୁମ୍ବାଇ,୨୬।୩(ଏଜେନ୍ସି): ଷ୍ଟାଣ୍ଡଅପ୍ କମେଡିଆନ କୁନାଲ କାମରାଙ୍କ ସମସ୍ୟା ବଢିବାରେ ଲାଗିଛି। ନିକଟରେ ସେ ସୁଟିଂ କରିଥିବା ଏକ ଭିଡିଓରେ ସିନ୍ଦେଙ୍କୁ 'ଗଦ୍ଦାର' (ବିଶ୍ୱାସଘାତକ) ବୋଲି ଅଭିହିତ କରିବା ପରେ କୁନାଲ ଏବେ ଶିବସେନା କର୍ମୀଙ୍କ ନିଶାଣରେ ରହିଛନ୍ତି। ମୁମ୍ବାଇ ପୁଲିସ ମଧ୍ୟ ଏହି ଘଟଣାର ଯାଞ୍ଚ ପାଇଁ କୁନାଲଙ୍କୁ ସମନ ଜାରି କରିସାରିଛି। ଦୁଇ ଦିନ ତଳେ କୁନାଲଙ୍କୁ ସମନ ଜାରି କରି ତାଙ୍କୁ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହଜାର ହେବାକୁ ସମନରେ କୁହାଯାଇଥିଲା ବେଳେ ସେ ଏଥିପାଇଁ ତାଙ୍କ ଓକିଲଙ୍କ ଜରିଆରେ ଏକ ସପ୍ତାହ ସମୟ ମାଗିଥିଲେ। କିନ୍ତୁ ଏହାକୁ ପୁଲିସ ଅଗ୍ରାହ୍ୟ କରି ତାଙ୍କୁ ତୁରନ୍ତ ହାଜର ହେବାକୁ କହିଥିଲା। କିନ୍ତୁ ସେ ହାଜର ନ ହେବାରୁ ବୁଧବାର ପୁଲିସ ଦ୍ୱିତୀୟ ସମନ ପଠାଇଥିବା ଜଣାପଡ଼ିଛି।

## ଆମେରିକା ପାଇଁ ସବୁଠୁ ବଡ଼ ବିପଦ ଚୀନ୍, ଲସ୍କର

ୱାଶିଂଟନ,୨୬।୩(ଏଜେନ୍ସି): ଆମେରିକା ପାଇଁ ବଡ଼ ବିପଦ ପାଲଟିଛି ଚୀନ୍। କେବଳ ସେନା ପାଇଁ ନୁହେଁ ବରଂ ଚୀନ୍ ଆମେରିକାର ସାଇବର ସୁରକ୍ଷା ପାଇଁ ମଧ୍ୟ ଏକ ବଡ଼ ବିପଦ ବୋଲି ସଂପ୍ରତି ଆମେରିକୀୟ ଗୁଇନ୍ଦା ସଂସ୍ଥାର ବାର୍ଷିକ ରିପୋର୍ଟରେ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ବେଜିଂ ତାଇୱାନକୁ କବଜା କରିବା ଲକ୍ଷ୍ୟରେ ନିରନ୍ତର ନିଜର ଶକ୍ତି ବୃଦ୍ଧି କରିଚାଲିଛି। ବର୍ତ୍ତମାନ ଚୀନ୍ ସାମରିକ ଦୃଷ୍ଟିରୁ ଏତେ ଶକ୍ତିଶାଳୀ ହୋଇପଡ଼ିଛି ଯେ, ଯେକୌଣସି ସମୟରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଆମେରିକା ଉପରେ ଆକ୍ରମଣ କରିପାରିବ। ସେହିପରି ଆମେରିକା ଉପରେ ସାଇବର ଆକ୍ରମଣ କରିବାକୁ ମଧ୍ୟ ଚୀନ ଯଥେଷ୍ଟ ସାମର୍ଥ୍ୟ ରଖିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ଚୀନ୍ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ୨୦୩୦ ସୁଦ୍ଧା ଆମେରିକାକୁ ଶୀର୍ଷ ଏଆଇ ଶକ୍ତିଶାଳୀ ଦେଶ ତାଲିକାରୁ ହଟାଇବାକୁ ସକ୍ଷମ ହେବ । ଏହିକ୍ରମରେ ରୁଷିଆ, ଇରାନ, ଉତ୍ତର କୋରିଆ ଏବଂ ଚୀନ୍ ସେମାନଙ୍କ ଫାଇଦା ହାସଲ କରିବାକୁ ଆମେରିକା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିବା ଦିଗରେ ଅଭିଯାନ ଚଳାଇଛନ୍ତି ବୋଲି କୁହାଯାଇଛି। ଚୀନ୍ ବ୍ୟତୀତ ଲସ୍କର-ଇ-ତୋଏବା ଆତଙ୍କବାଦୀ ସଂଗଠନ ଭାରତ ଏବଂ ଆମେରିକା ପାଇଁ ବିପଦ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## କଶ୍ମୀରରେ 'ଏକେ -୪୭' ଟାଟୁ ଲିଭାଉଛନ୍ତି ଯୁବପିଢ଼ି

ଶ୍ରୀନଗର,୨୬।୩(ଏଜେନ୍ସି): ଏବେ ଯୁବପିଢିଙ୍କ ମଧ୍ୟରେ ଟାଟୁ'ର ଚାହିଦା ଯଥେଷ୍ଟ ଭାବେ ବଢିବାର ଲାଗିଛି। କିନ୍ତୁ କଶ୍ମୀରରେ ଏହାର ବିପରୀତ ଧାରା ଦେଖାଯାଇଛି। ଏଠାରେ ପୂର୍ବରୁ ନିଜ ଶରୀରର ବିଭିନ୍ନ ଭାଗରେ 'ଏକେ -୪୭'କୁ ନେଇ ଟାଟୁ କରିଥିବା ଶହ ଶହ ଯୁବକ ଏବଂ ଯୁବତୀ ଏବେ ଏହି ଟାଟୁକୁ ଲିଭାଇବାରେ ଲାଗିଛନ୍ତି। ଏହାକୁ ନେଇ ଶ୍ରୀନଗର ସହରରେ 'ଟାଟୁ ରିମୁଭାଲ କ୍ଲିନିକ୍' ମଧ୍ୟ ଖୋଲିଛି। ଦୈନିକ ଶହ ଶହ ଯୁବକ ଏବଂ ଯୁବତୀ ଟାଟୁ ଲିଭାଇବାକୁ ଏହି କ୍ଲିନିକ୍‌କୁ ଆସୁଛନ୍ତି ବୋଲି ଏଠାରେ କାର୍ଯ୍ୟ କରୁଥିବା ଜଣେ କର୍ମକର୍ତ୍ତା କହିଛନ୍ତି। ତେବେ ଟାଟୁ ଲିଭାଇବା ପଛର କାରଣ ଦୁଇଟି ରହିଛି ବୋଲି କୁହାଯାଉଛି। ବର୍ତ୍ତମାନ ଜମ୍ମୁ କଶ୍ମୀରରେ ପୂର୍ବ ଭଳି ସ୍ଥିତି ନ ଥିଲା ବେଳେ ଏବେ ସମାଜିକ ଏବଂ ପାରିବାରିକ ସ୍ଥିତି ସୌହାର୍ଦ୍ଦପୂର୍ଣ୍ଣ ହେବାରେ ଲାଗିଛି। ତେଣୁ ଶରୀରରେ ଏକ-୪୭ ବନ୍ଧୁକ ଟାଟୁ ଲଗାଇ କୌଣସି ଧାର୍ମିକ ଭାବକୁ କ୍ଷତି ପହଞ୍ଚାଇବାକୁ ଯୁବପିଢି ଚାହୁଁ ନଥିବା କୁହାଯାଇଛି। ଅନ୍ୟପକ୍ଷରେ ଏକେ -୪୭ ଟାଟୁ ଲଗାଇଥିବା ଯୁବକ ଯୁବତୀ ଅଧିକାଂଶ ସମୟରେ ସୁରକ୍ଷାବଳ ନିଶାଣରେ ରହି ଯାଞ୍ଚ ପରିସରକୁ ଆସୁଥିବାରୁ ଏଥିରୁ ମୁକ୍ତି ପାଇଁ ଏହାକୁ ଲିଭାଇବାକୁ ଯୁବପିଢିଙ୍କ ମନୋଭାବରେ ପରିବର୍ତ୍ତନ ଆସିଥିବା କୁହାଯାଉଛି।

**ଧନଖଡ଼ଙ୍କ ସର୍ବଦଳୀୟ ବୈଠକ**

# ଏନ୍‌ଜେଏସି ପ୍ରସଙ୍ଗରେ ମତ ଲୋଡ଼ିଲେ

ନୂଆଦିଲ୍ଲୀ, ୨୬।୩ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଘରୁ କଥିତ ରୂପେ ୧୫ କୋଟି ଟଙ୍କା ମିଳିବା ଘଟଣା ପରେ ସୁପ୍ରିମ କୋର୍ଟଙ୍କ କଲେଜିୟମ ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନ ଉଠିଛି। କଲେଜିୟମ ଲେଳରେ ଜାତୀୟ ବିଚାରବିଭାଗୀୟ ନିଯୁକ୍ତି କମିସନ (ଏନ୍‌ଜେଏସି) ଗଠନ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ବିଭିନ୍ନ ମହଲରୁ ଏଭଳି ଦାବି ଉଠିବା ପରେ ଗତକାଲି ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ବିଜେପି ସଭାପତି ଜେପି ନଡ୍ଡା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ନେତା ଉପସ୍ଥିତ ଥିଲେ। ଏନ୍‌ଜେଏସି ଉପେର ଧନଖଡ଼ ସେମାନଙ୍କ ସହିତ ଆଲାଚନା କରିଥିଲେ। ଏହି ପ୍ରସଙ୍ଗରେ ଆଉ ଏକ ସର୍ବଦଳୀୟ ବୈଠକ ହେବ ବୋଲି ଧନଖଡ଼ ସୂଚନା ଦେଇଥିଲେ। ତେବେ ଏହାପୂର୍ବରୁ ସଂସଦୀୟ ଦଳର ନେତାମାନେ ସେମାନଙ୍କ ଦଳର ମୁଖ୍ୟ ଓ ବରିଷ୍ଠ ନେତାମାନଙ୍କ ସହିତ ବିଚାରବିମର୍ଶ କରିବାକୁ ଧନଖଡ଼ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ବୈଠକରେ ନେତାମାନେ ଏନ୍‌ଜେଏସି ପ୍ରସଙ୍ଗରେ ସେମାନଙ୍କ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କୁହାଯାଇଥିଲା।

ଆଜି ରାଜ୍ୟସଭାରେ ଖୋଦ ଧନଖଡ଼ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ ଗତକାଲିର ବୈଠକରେ ଆଲୋଚନା ବେଶ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଫଳପ୍ରଦ ଥିଲା। ସଂସଦୀୟ ଦଳର ନେତାମାନେ ଏହି ପ୍ରସଙ୍ଗରେ ମତବିନିମୟ କରିଥିଲେ। ଏନ୍‌ଜେଏସି ସମକ୍ଷରେ ଯୁକ୍ତି ରଖି ସେ କହିଥିଲେ ଏନ୍‌ଜେଏସି ଥିଲେ ଆଜି ପରିସ୍ଥିତି ସଂପୂର୍ଣ୍ଣ ଭିନ୍ନ ହୋଇଥାଆନ୍ତା। ସେ କହିଲେ ଯେ ସଂସଦ, ନ୍ୟାୟାଳୟ ଓ କାର୍ଯ୍ୟପାଳିକା ପରସ୍ପର ବିରୋଧରେ କାମ କରିବା ଠିକ୍ ନୁହେଁ। ଗଣତନ୍ତ୍ର ପାଇଁ ସୁସ୍ଥ ପରଂପରା ହେଉଛି ଯେ ଏହି ତିନିଟି ସଂସ୍ଥା ଉପଯୁକ୍ତ ସମନ୍ୱୟ ରଖି ମିଳିମିଶି କାମ କରିବା ଉଚିତ।

ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ ଏନ୍‌ଜେଏସି ନେଇ ଧନଖଡ଼ଙ୍କ ଯୁକ୍ତି ସହ ଅନେକ ବିରୋଧୀ ଦଳ ସହମତ ନୁହନ୍ତି। ସେମାନେ ଜଣାଇଥିଲେ ଯେ ଏଭଳି କମିସନ ଗଠନ ହେଲେ ନ୍ୟାୟାଳୟର ସ୍ୱାଧୀନତା ଓ ନିରପେକ୍ଷତା ନଷ୍ଟ ହୋଇଯିବ। ସୁପ୍ରିମେକୋର୍ଟ ଓ ହାଇକୋର୍ଟରେ ବିଚାରପତିଙ୍କ ନିଯୁକ୍ତି, ବଦଳି ଓ ପଦୋନ୍ନତି ସଂପର୍କରେ ନିଷ୍ପତ୍ତି କଲେଜିୟମ ନିଅନ୍ତି। କଲେଜିୟମରେ ସୁପ୍ରିମେକୋର୍ଟର ପ୍ରଧାନ ବିଚାରପତିଙ୍କ ସମେତ ଅନ୍ୟ ବିଚାରପତି ଅଛନ୍ତି। ଏନ୍‌ଜେଏସି ଗଠନ ହେଲେ ଏହି କ୍ଷମତା ସରକାରଙ୍କ ହାତକୁ ପଳାଇବ। ଏହାହେଲେ ନ୍ୟାୟାଳୟ ଆଉ ନିରପେକ୍ଷ ହୋଇ ରହିବ ନାହିଁ ବୋଲି କେତେକ ନେତା ଆଶଙ୍କା ପ୍ରକାଶ କରିଥିଲେ।

**ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏତଲା ଦାଏର ପ୍ରସଙ୍ଗ**

## ତୁରନ୍ତ ଶୁଣାଣି କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଘରୁ ଟଙ୍କା ମିଳିବା ଘଟଣାରେ ତାଙ୍କ ବିରୋଧରେ ଏତଲା ଦାଏର କରିବା ଦାବିରେ ଆଗତ ପିଟିସନର ତୁରନ୍ତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଦାଖଲ ହୋଇଥିବା ପିଟିସନକୁ ଶୁଣାଣି ପାଇଁ ପଞ୍ଜିକୃତ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଏହାର ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କୌଣସି କାର୍ଯ୍ୟରତ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବାକୁ ହେଲେ ପ୍ରଥମେ ପ୍ରଧାନବିଚାରପତିଙ୍କ ଅନୁମୋଦନ ଲାଭ କରିବା ବାଧ୍ୟତାମୂଳକ ରହିଛି। ୧୯୯୧ରେ ସୁପ୍ରିମକୋର୍ଟଙ୍କ ରୁଲିଂ ଅନୁସାରେ ଏହି ପ୍ରାବଧାନ ରହିଛି। ଯାହାକୁ ନେଇ ବର୍ତ୍ତମାନ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏହି କାରଣରୁ ଏତଲା ଦାଏର କରିବା ସମ୍ଭବ ହେଉ ନାହିଁ। ତେଣୁ ଏ ସମ୍ପର୍କରେ ବିଚାର କରିବାକୁ ଏକ ପିଟିସନ ସୁପ୍ରିମକୋର୍ଟରେ ଦାଏର କରାଯାଇଛି।

# ସମ୍ପାଦକୀୟ



ଗଣମାଧ୍ୟମ ଯେଉଁ ବିଷୟକୁ ବିଶ୍ୱସନୀୟ ବୋଲି କହେ ଜନସାଧାରଣ ତା'କୁ ହିଁ ବିଶ୍ୱାସ କରନ୍ତି।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ଲାଲଗଡ଼ ପତନ ଆସନ୍ନ

ନକ୍ସଲ କାର୍ଯ୍ୟକଳାପର ଭୌଗୋଳିକ ସ୍ଥିତି କ୍ରମେ ସଂକୁଚିତ ହୋଇ ଛତିଶଗଡ଼ ଓ ତତ୍‌ସଂଲଗ୍ନ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ସୀମିତ ରହିଛି। ସେମାନଙ୍କ ଏହି ସୀମିତ ଅବସ୍ଥାନ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀକୁ ସୁହାଇଛି, ଯୋଜନାବଦ୍ଧ ଭାବେ ମୁକାବିଲା କରିବା ପାଇଁ। ଏମାନଙ୍କୁ ନିପାତ କରିବାରେ ଏବେ ଯେଉଁ ସଫଳତା ମିଳିଛି, ତାହାର ମୁଖ୍ୟକାରଣ ହେଲା ସେମାନଙ୍କ ଗତିବିଧି ସୁରକ୍ଷା କର୍ମୀଙ୍କ ଯାଞ୍ଚ ପରିସରକୁ ଅତିସହଜରେ ଆସିଯାଉଛି। ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନକ୍ସଲଙ୍କୁ ୨୦୨୬ ମାର୍ଚ୍ଚ ୩୧ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିଦିଆଯିବାର ଯେଉଁ ଘୋଷଣା କରିଛନ୍ତି, ତାହା ଯେ ହାସଲ ହୋଇପାରିବନି ଏକଥା ନୁହେଁ। ନିକଟରେ ପୁଲିସ ଓ ସୁରକ୍ଷା ବାହିନୀର ମିଳିତ ଅଭିଯାନ ବିରାଟ ସଫଳତା ହାସଲ କରିଛି। ଛତିଶଗଡ଼ର ବିଜାପୁର ଓ କନ୍‌କରରେ ଦୁଇ ଭିନ୍ନ ଭିନ୍ନ କାର୍ଯ୍ୟାନୁଷ୍ଠାନରେ ୩୦ ନକ୍ସଲ ନିହତ ହୋଇଥିବା ବେଳେ ସଦ୍ୟତମ ଘଟଣାକ୍ରମେ ମଙ୍ଗଳବାର ଦାନ୍ତେୱାଡ଼ାରେ ଆଉ ୫ଜଣ ନକ୍ସଲ ନିହତ ହୋଇଛନ୍ତି। ବୁଧବାର ୯ ଜଣ ନକ୍ସଲ୍ ସୁକ୍‌ମା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସଂସଦରେ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ ୨୦୨୩ ଡିସେମ୍ବରରୁ ୨୦୨୪ ଡିସେମ୍ବର ମଧ୍ୟରେ ଛତିଶଗଡ଼ରେ ୩୮୦ ଜଣ ନକ୍ସଲ୍ ନିହତ ହୋଇଥିବା ବେଳେ ୨୨୩୯ ଜଣ ଆତ୍ମସମର୍ପଣ/ଗିରଫ ହୋଇଛନ୍ତି। ସେହିପରି ସଂସଦରେ କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ, ଗତ ୧୪ ବର୍ଷ ଭିତରେ ନକ୍ସଲ୍ ହିଂସା ଘଟଣା ୮୧% ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ନକ୍ସଲ୍ ହିଂସାରେ ଜୀବନ ହାନି ମଧ୍ୟ ୮୫% ହ୍ରାସ ପାଇଛି। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ଶ୍ୱେତପତ୍ର ଅନୁଯାୟୀ, ନକ୍ସଲ୍ ହିଂସା ୨୦୨୩ ତୁଳନାରେ ଗତବର୍ଷ ୫ଟି ହ୍ରାସ ପାଇ ଜୀବନହାନି ମାତ୍ର ୧ରେ ସୀମିତ ରହିଛି। ଓଡ଼ିଶାରେ ନକ୍ସଲ୍ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ୮ ଜଣ ନେତାଙ୍କୁ ଗିରଫ କରାଯାଇଥିବା ବେଳେ ୨୪ ଜଣ ଆତ୍ମସମର୍ପଣ କରିଛନ୍ତି।

ଏହି ରାଷ୍ଟ୍ରବିରୋଧୀ କାର୍ଯ୍ୟକଳାପ ବିରୋଧରେ ଆନ୍ଧ୍ର, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଅର୍ଦ୍ଧସାମରିକ ବାହିନୀ ମୁତୟନ କରି କ୍ରମାଗତ ଚଢ଼ଉ ଜାରି ରଖିବା ପରେ ନକ୍ସଲମାନେ ଅସୁରକ୍ଷିତ ଅବସ୍ଥାରେ ନିଜର ସଂଗଠନକୁ ଛତିଶଗଡ଼ରେ ସୀମିତ ରଖିଛନ୍ତି। ନାରାୟଣପୁର, ଦାନ୍ତେୱାଡ଼ା ଓ ବିଜାରପୁର ଜିଲ୍ଲାର ବିସ୍ତୃତ ଘଞ୍ଚ ଜଙ୍ଗଲ ସେମାନଙ୍କ ସକାଶେ ସୁରକ୍ଷିତ ଆଶ୍ରୟ ସ୍ଥଳ ପାଲଟିଛି। ସେ ସବୁ ଅଞ୍ଚଳରେ ବସବାସ କରୁଥିବା ଆଦିମ ଅଧିବାସୀ ସେମାନଙ୍କ ପାଇଁ ଢାଲ ରୂପେ କାର୍ଯ୍ୟ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ କି ଯେଉଁ ଜନଜାତି ସମୁଦାୟର ସ୍ୱାର୍ଥରକ୍ଷା ଓ ବିକାଶ ଉଦ୍ଦେଶ୍ୟରେ ଏହି ସଶସ୍ତ୍ର ଲଢ଼େଇ ଆରମ୍ଭ ହୋଇଥିଲା, ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଛି। ବରଂ ସ୍ଥଳବିଶେଷରେ ନକ୍ସଲଙ୍କ ଶୋଷଣର ଶିକାର ହେଉଛନ୍ତି ସେମାନେ। ଅନ୍ୟଦୃଷ୍ଟିରୁ ବିଚାର କଲେ ସମ୍ପୃକ୍ତ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସେମାନଙ୍କ ଯୋଗୁଁ ବାଧାପ୍ରାପ୍ତ ହୋଇଛି। ସମୟ ବଦଳିଛି। ଜନଜାତି ଏବେ ନିଜର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ନକ୍ସଲଙ୍କ ଉପରେ ଆଉ ନିର୍ଭର କରୁନାହାନ୍ତି। ଗଞ୍ଜେଇର ଉପଯୋଗିତା ନେଇ ବିଶ୍ୱରେ ଏବେ ଜନଜାତି ସଚେତନ ହେଉଥିବା ବେଳେ ତାହାକୁ ଆମ ଦେଶରେ ନିଷିଦ୍ଧ ନିଶାର ମାନ୍ୟତା ଦିଆଯାଇଛି। ବଜାରରେ ଏହାର ଚାହିଦା ଦୃଷ୍ଟିରୁ ଏହି ନିଘଞ୍ଚ ଜଙ୍ଗଲରେ ଗଞ୍ଜେଇ ଚାଷରୁ ବିପୁଳ ଅର୍ଥ ରୋଜଗାର କରୁଛନ୍ତି ନକ୍ସଲ ସଂଗଠନ। ସେମାନଙ୍କ ସହ ଦେଶର ନିଶାବେପାରୀଙ୍କ ରହିଥିବା ଯୋଗସୂତ୍ରର ସୂତ୍ରଧର ପାଲଟିଛନ୍ତି ଜନଜାତି ଅଧିବାସୀ। ଗଣ ଆନ୍ଦୋଳନ ଓ ଜନସ୍ୱାର୍ଥ ସୁରକ୍ଷା ଉଦ୍ଦେଶ୍ୟରେ ମାର୍କ୍ସପନ୍ଥୀ କମ୍ୟୁନିଷ୍ଟ ଦଳରୁ ପୃଥକ ହୋଇ ଯେଉଁ ଚାରୁ ମଜୁମଦାର ଓ କାହ୍ନୁ ସାନ୍ୟାଲଙ୍କ ନେତୃତ୍ୱରେ ୧୯୬୭ ମସିହାରେ ଯେଉଁ ସଶସ୍ତ୍ର ନକ୍ସଲର ଆନ୍ଦୋଳନ ଜନ୍ମ ନେଇଥିଲା, ତାହା ଏବେ ଦିଗହରା ହୋଇଛି। ପ୍ରଚଳିତ ବ୍ୟବସ୍ଥା ବିରୋଧରେ ସ୍ୱତନ୍ତ୍ର ଲଢ଼େଇ କରୁଥିଲା ଏହି ସଂଗଠନ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନଗଣଙ୍କ ରାଜନୈତିକ ପ୍ରତିନିଧିତ୍ୱ ହାସଲ କରି ନପାରିଲେ ଯେଉଁ ବର୍ଗ ପାଇଁ ଏହି ଲଢ଼େଇ ଚାଲିଛି, ତାହା ଯେ ଦିନେ ଅର୍ଥହୀନ ହୋଇଯିବ, ଏକଥା ଏଯାଏଁ ବୁଝିନାହାନ୍ତି ନକ୍ସଲର କର୍ମକର୍ତ୍ତା। ଏକଥା ବି ସ୍ୱୀକାର କରିବାକୁ ପଡ଼ିବ ଯେ ନକ୍ସଲ ଆନ୍ଦୋଳନ ସହ ସଂଶ୍ଳିଷ୍ଟ ଥିବା ବହୁକ୍ୟାଡର ନିଜର ଅନିଶ୍ଚିତ ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡୁଥିବାରୁ ଆତ୍ମସମର୍ପଣ ମଧ୍ୟ କରୁଛନ୍ତି।

ନକ୍ସଲ ହିଂସାର ନିକଟ ଅତୀତକୁ ପର୍ଯ୍ୟାଲୋଚନା କଲେ ତାହା କେତେ ଲୋମହର୍ଷକ ସହଜରେ ଅନୁମାନ କରିହେବ। ୨୦୧୦ ଏପ୍ରିଲ ୬ ତାରିଖରେ ଦାନ୍ତେୱାଡ଼ା ଜିଲ୍ଲାରେ ୭୫ ଜଣ ସିଆରପିଏଫ୍ ଯବାନ ଓ ଜଣେ ପୁଲିସ୍ କନଷ୍ଟେବଲ ନକ୍ସଲଙ୍କ ସଶସ୍ତ୍ର ଆକ୍ରମଣରେ ସହିଦ ହୋଇଥିଲେ। ସବୁଠାରୁ ଦୁଃଖଦ ଘଟଣା ଉପୁଜିଥିଲା ୨୦୧୩ ମେ ୨୫ ତାରିଖରେ। ଛତିଶଗଡ଼ର ଦରଭା ଉପତ୍ୟକାରେ ଭାରତୀୟ ଜାତୀୟ କଂଗ୍ରେସ ନେତାଙ୍କୁ ନେଇ ଯାଉଥିବା ଗାଡ଼ିକୁ ନକ୍ସଲମାନେ ଉଡ଼ାଇ ଦେବାରୁ ପିସିସି ସଭାପତି ନନ୍ଦ କୁମାର ପଟେଲଙ୍କ ସହ ୨୪ ନେତା ନିହତ ହୋଇଥିଲେ। ସେହିଭଳି ଭୟଙ୍କର ରେଳ ଦୁର୍ଘଟଣା ଘଟାଇଥିଲେ ନକ୍ସଲ ୨୦୧୦ ମେ ୨୮ ତାରିଖରେ। ରେଳଷ୍ଟେସନର ୧୮ ଟି ଫିସ୍‌ପ୍ଲେଟ୍ ହଟାଇ ଦେଇଥିବାରୁ କଲିକତା-ମୁମ୍ବଇ ଜ୍ଞାନେଶ୍ୱର ଏକ୍ସପ୍ରେସ୍ ଦୁର୍ଘଟଣାର ସମ୍ମୁଖୀନ ହେଲା। ୧୪୮ ରେଳଯାତ୍ରୀଙ୍କ ଏହି ଦୁର୍ଘଟଣାରେ ପ୍ରାଣହାନି ଘଟିଥିଲା। ଆମ ଓଡ଼ିଶା ସୀମାନ୍ତ ଚିତ୍ରକୋଣ୍ଡାରେ ୨୦୧୬ ଅକ୍ଟୋବର ୨୪ରେ ସଶସ୍ତ୍ର ବାହିନୀର ମିଳିତ କମ୍ବିଂରେ ୨୪ ନକ୍ସଲ ଟଳିପଡ଼ିଥିଲେ। ତେବେ ଗତ ଜାନୁଆରୀ ମାସରୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଛତିଶଗଡ଼ରୁ ନକ୍ସଲଙ୍କୁ ନିପାତ କରିବା ସକାଶେ ଅଭିଯାନ ଜୋରଦାର ହୋଇଛି। ତିନିଟି ଦଫାରେ ସୁରକ୍ଷାବାହିନୀର ନିର୍ଣ୍ଣାୟକ ଚଢ଼ଉରେ ମୋଟ୍ ୫୪ ନକ୍ସଲ ନିହତ ହେଲେଣି। ତେବେ ୪୦୦୦ ବର୍ଗ କିଲୋମିଟର ଘନ ଜଙ୍ଗଲ ଅଞ୍ଚଳରେ ସେମାନଙ୍କ ଆଧିପତ୍ୟକୁ ଚୁରମାର କରିଦେବାକୁ ନିଶ୍ଚୟ ସମୟ ଲାଗିବ।

ପଶ୍ଚିମବଙ୍ଗ ଓ ତ୍ରିପୁରା ପରେ କେରଳରେ କେବଳ ବାମପନ୍ଥୀ ସରକାର କ୍ଷମତାରେ ଅଛି। ଲୋକପ୍ରିୟତା ଦୃଷ୍ଟିରୁ ଦଳ ପୁଣି କ୍ଷମତାକୁ ଫେରିଛି। କିନ୍ତୁ ଦୃଶ୍ୟପଟକୁ ଅନୁଧ୍ୟାନ କଲେ ପ୍ରତୀୟମାନ ହୁଏ କି ବାମପନ୍ଥୀ ଆନ୍ଦୋଳନ ଓ କାର୍ଯ୍ୟକଳାପ ପ୍ରତି ବର୍ତ୍ତମାନର ବ୍ୟବସ୍ଥା ଅତ୍ୟନ୍ତ ନିର୍ଦ୍ଦୟ ଓ ନିଷ୍କରୁଣ। ଭୀମା କୋରେଗାଓଁ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଘଟଣା ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ବା ସଂଶ୍ଳିଷ୍ଟ ନଥିଲେ ମଧ୍ୟ କିଛି ବାମପନ୍ଥୀ ଚିନ୍ତାନାୟକଙ୍କୁ ଯେଭଳି ଭାବେ ଗିରଫ କରି ବିନା ବିଚାରରେ ବର୍ଷ ବର୍ଷ ଧରି ଜେଲରେ ରଖାଗଲା, ସେଥିରୁ ସରକାରଙ୍କ ଆଭିମୁଖ୍ୟ ସୁସ୍ପଷ୍ଟ। ସେମାନଙ୍କ ମୁକ୍ତି ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନିବେଦନ ବ୍ୟର୍ଥ ହୋଇଥିଲା। ଫାଦର ଷ୍ଟାନ୍ ସ୍ୱାମୀଙ୍କ ଜେଲ୍‌ରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ଜଣଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହାର ଗତି କେଉଁ ଦିଗକୁ ଯିବ, ତାହା ସମୟ କହିବ। ●

## କେତେ ଫଳପ୍ରଦ ର୍ୟାଗିଂ ନିରୋଧୀ ଆଇନ

**ଡ. ନିରଞ୍ଜନ ସାହୁ**

ବହୁଦିନ ଧରି ଗୋଟିଏ କଥା ଚାଲି ଆସିଲେ ତାହା ପ୍ରଥା ପାଲଟି ଯାଏ। ଏଇ ଚଳଣି ଭିତରେ ତା'ର କିଛି ସମର୍ଥକ ସୃଷ୍ଟି ହୋଇଯା'ନ୍ତି। ସେମାନେ ତାଙ୍କୁ ସୁହାଉଥିବା କାରଣମାନଙ୍କୁ ଖୋଜନ୍ତି ଏବଂ ସେଇ ଦୃଷ୍ଟିରୁ ସେ ପ୍ରଥାଟି ଅନନ୍ତ କାଳ ଯାଏଁ ଚାଲୁଥାଉ ବୋଲି ତାଙ୍କର ପ୍ରଯତ୍ନ ଜାରି ରଖିଥା'ନ୍ତି। ସେହିକ୍ରମରେ ଆମରି ସଭ୍ୟତା ଓ ସଂସ୍କୃତିରେ ବହୁ ଅନ୍ଧବିଶ୍ୱାସ ଚଳି ଆସିଥିଲା ଏବଂ ଆଜି ବି ବହୁ ଚାଲୁଛି।

ଆଜିକାଲି ଶିକ୍ଷାନୁଷ୍ଠାନଗୁଡ଼ିକ ଭିତରୁ ଅନେକରେ ଅଲିଖିତ ଭାବରେ ଚାଲିଛି ନୂଆ ଶିକ୍ଷାର୍ଥୀମାନଙ୍କୁ ମଣ କରିବା ପାଇଁ ହେଉଥିବା କୁତ୍ସିତ ପରମ୍ପରା। ମାତ୍ର ତାଙ୍କର କିଛି ଗୋଷ୍ଠୀ ଥାଇପାରେ, ଯେଉଁମାନେ ଚାହୁଁଥିବେ ଆମେ ତ ନୂଆ ନୂଆ ଆସିଥିଲା ବେଳେ ସେଇ ଯନ୍ତ୍ରଣା ପାଇଥିଲୁ, ଅପଦସ୍ତ ହୋଇଥିଲୁ। ଆଜିକାଲିର ପିଲାଏ ପାଇଗଲେ ତ କେଉଁ ପ୍ରଣବ ଅଶୁଦ୍ଧି ହୋଇଗଲା? ମାତ୍ର ସୁଧାର ସୁକୋମଳ ଛାତ୍ରଛାତ୍ରୀଙ୍କ ଭିତରେ ଏଇ ଅମାନୁଷିକ ଆଚରଣର ପ୍ରଭାବ ଯେ ସାରାଜୀବନ ରହିଯାଏ, ତାହା ହୁଏତ ଅନ୍ୟମାନେ ଜାଣିପାରନ୍ତି ନାହିଁ।

କେତେକଙ୍କ ମତରେ ଏଇ ର୍ୟାଗିଂ ପ୍ରକ୍ରିୟାର ମୂଳ ଲକ୍ଷ୍ୟ ହେଲା ନବାଗତମାନଙ୍କୁ କୌତୁକ ମାଧ୍ୟମରେ ନୂଆ ପରିବେଶ ସହିତ ପରିଚିତ କରେଇବା, ସେମାନଙ୍କର ଲାଜ ଛଡ଼େଇବା ଏବଂ ସେମାନଙ୍କ ଭିତରେ ଥିବା ଗାଉଁଲି ଢଙ୍ଗ ବଦଳେଇବା। ମାତ୍ର ଏଇ ଧାରା କେତେ ଛାତ୍ରଛାତ୍ରୀଙ୍କ ଭିତରେ ଯେଉଁ ଭୟ ସୃଷ୍ଟି କରୁଛି, ତାହା ଯେ ସାରାଜୀବନ ସେମାନଙ୍କୁ ସନ୍ତ୍ରସ୍ତ କରୁଛି ସେକଥା କ'ଣ ଜାଣିପାରନ୍ତି ସେଇ ଉତ୍‌ପୀଡ଼କ ଗୋଷ୍ଠୀ? ମଜା କରିବା ନାଁରେ ଏଇ ପ୍ରଥା ଅନେକ ମେଡିକାଲ ଓ ଇଞ୍ଜିନିୟରିଂ କ୍ୟାମ୍ପସ୍‌ରେ ସୀମା ଟପେ। ବହୁ ସମୟରେ ଶାରୀରିକ ଓ ମାନସିକ ଶୋଷଣର ଶିକାର ହୁଅନ୍ତି ନବାଗତମାନେ। କୌଣସି ହୃଦୟବାନ ଓ ନୀତିବାନ ବ୍ୟକ୍ତି ଏହାକୁ ଗ୍ରହଣ କରିପାରିବେ ନାହିଁ କେତେବେଳେ।

ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଅଜବ ପ୍ରଶ୍ନ ପଚରାଯାଏ। ସେଥିରେ ଅଶ୍ଳୀଳତା ଥାଏ ମୂଳ ଆଧାର। ଅଶ୍ଳୀଳତା ଜୀବନର ଏକ ଅସ୍ୱାଭାବିକ ବିକାର। ଏହା ନଗ୍ନତା ନୁହେଁ କେବଳ। ସୁକୁମାର ବାଳକଟିଏ, ଯିଏ ଜୀବନରେ କେବେବି ସେଇ ଶବ୍ଦଟିଏ ଉଚ୍ଚାରଣ କରିବାକୁ ନିଜର ଲକ୍ଷ୍ମଣଗାରର ଆରପାରି ବୋଲି ମନେମନେ ଭାବି ନେଇଥିଲା, ତାକୁ ବାଧ୍ୟ କରାଯାଏ ସେଇ କଥା କହିବାକୁ। ଆଉ ଗୋଟିଏ ଚାରଣ ଗୋଷ୍ଠୀ ଥା'ନ୍ତି ମଜା ଦେଖିବାକୁ, ଥଟ୍ଟା ପରିହାସ କରିବାକୁ। ପରିହାସ ଯଦି ବୁଦ୍ଧି ପ୍ରଦୀପକ, ତା'ହେଲେ ତାହା ଅଗ୍ରହଣୀୟ ନୁହେଁ। ମାତ୍ର ଏଇ ଅନୁଷ୍ଠାନରେ ବରିଷ୍ଠମାନଙ୍କ ଦ୍ୱାରା କରାଯାଉଥିବା ର୍ୟାଗିଂ ବୁଦ୍ଧିର ପରୀକ୍ଷା ନୁହେଁ; ଏହା ନିର୍ଯାତନାର ଏକ ଭୟଙ୍କର ରୂପ। ର୍ୟାଗିଂ ପିରିଅଡରେ ନିଜର ପୁତ୍ରକନ୍ୟାଙ୍କର ସୁରକ୍ଷା ପାଇଁ ଅଭିଭାବକମାନେ ଏତେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି ଯେ ସେମାନେ ମଧ୍ୟ ମାନସିକ ଭାରସାମ୍ୟ ହରେଇ ବସନ୍ତି।

କଥା ଉଠେ ଏଇ କୁତ୍ସିତ ପରମ୍ପରା କ'ଣ ସାରା ପୃଥିବୀରେ ପରିବ୍ୟାପ୍ତ? ଏଇ ପ୍ରଶ୍ନର ନିର୍ଭରଯୋଗ୍ୟ ଉତ୍ତର ହେଲା- ନା। ବିଶ୍ୱର ବଡ଼ ବଡ଼ ନାମକରା ଶିକ୍ଷାନୁଷ୍ଠାନରେ ଏପରି ବିଚିତ୍ର କାର୍ଯ୍ୟ ହୁଏ ନାହିଁ। ଏହା କେବଳ ଭାରତ ପରି କିଛି ଏସୀୟ ଦେଶ ଓ ଉନ୍ନତିଶୀଳ ଦେଶ ଭିତରେ ସୀମିତ। କୌତୁକ ସୃଷ୍ଟି କରିବା ଏବଂ ନୂଆ ପରିବେଶରେ ନବାଗତଙ୍କୁ ପରିଚିତ କରିବା ପାଇଁ ଏଇ ପ୍ରଥା ଅନେକ ଅନୁଷ୍ଠାନରେ ଚାଲିଛି ଭାରତରେ। ଏପରିକି ଥରେ ବିଖ୍ୟାତ ଇତିହାସ ପ୍ରଫେସର ଆଲତାଫ ହୁସେନ ତାଙ୍କର ଛାତ୍ରଜୀବନ କଥା କହୁଥିଲେ। ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରେ ଊଣେଇଶଶହ ଚାଳିଶ ଦଶକରେ ଘଟିଥିବା ଘଟଣାଟିଏ। ସେ ସ୍ନାତକୋତ୍ତର ଅଧ୍ୟୟନ ପାଇଁ ସେଠାରେ ଦାଖିଲ ହୋଇଥା'ନ୍ତି। ଥରେ ଜଣେ ସିନିଅର ତାଙ୍କୁ ପଚାରିଲେ- 'ତମେ ଜାଣିଛ ଏଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କିଏ?' ପ୍ରଫେସର ହୁସେନଙ୍କ ପାଇଁ ଉତ୍ତର ଦେବାରେ କିଛି ଅସୁବିଧା ନ ଥିଲା। ମାତ୍ର ତା'ର ପ୍ରଶ୍ନଟି ଥିଲା ଏମିତି - 'ତମେ ତାଙ୍କୁ ଦେଖିଛ?' ମୁଣ୍ଡ ହଲେଇ ନାସ୍ତିସୂଚକ ବାଣୀ ଜଣେଇଦେଲେ ସେ। ତହୁଁ ତାଙ୍କୁ ଏକ ହଲ୍‌କୁ ନିଆଗଲା। ସେଇଠି ଗୋଟିଏ ଟେବୁଲ ଉପରେ ଚୌକିଟିଏ ପକା ହୋଇଥାଏ। ତାଙ୍କୁ ଗୋଟିଏ କୋଟ୍ ଦିଆଗଲା ପିନ୍ଧିବାକୁ। ଆଉ ସେଇ ଚଉକି ଉପରେ ବସିବାକୁ କୁହାଗଲା। ତାଙ୍କ ସାମ୍ନାରେ ଏକ ବିଶାଳ ଦର୍ପଣ ଟାଙ୍ଗି ଦିଆଗଲା। ଅନ୍ୟ ନବାଗତଙ୍କୁ କୁହାଗଲା ଯେ ହେଉଛନ୍ତି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା।

ପ୍ରଫେସର ହୁସେନ ବି କମ୍ ମଜାଦାର ଲୋକ ନୁହନ୍ତି। ସେ କହିଲେ, 'ସେଠାରେ କିଛି ସମୟ ବସିବା ପରେ ତାଙ୍କର ଧାରଣା ହେଲା ହୁଏତ ସେ ସେଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା।' କିନ୍ତୁ ତାଙ୍କୁ କେହି କେବେ ତାଚ୍ଛଲ୍ୟ କରିନାହାନ୍ତି, ଶାରୀରିକ ଆକ୍ରମଣ ତ ଦୂରର କଥା। ମାତ୍ର ଘରୋଇ ଇଞ୍ଜିନିଅରିଂ କଲେଜଗୁଡ଼ିକ ଛତୁ ଫୁଟିଲା ପରି ଊଣେଇଶିଶହ ଅଶୀ ଦଶକରେ ଆସିବା ପରେ ର୍ୟାଗିଂ ବଢ଼ିବଢ଼ି ଗଲା ଏବଂ ଏହା ପାଲଟିଲା ଅତି ଉକ୍ରଟ ଓ ଅମାନୁଷିକ। ବରିଷ୍ଠମାନଙ୍କର ଗୋଷ୍ଠୀ ଆକ୍ରମଣରେ ଅନେକ ନବାଗତ ଲହୁଲୁହାଣ ହେଲେ। କେତେକ ଭୟରେ ମନ୍ତ୍ରସ୍ଥ ହୋଇ ଉପର ମହଲାର ତଳକୁ ଡେଇଁ ବିକଳାଙ୍ଗ ହେଲେ। କେତେକ ମାନସିକ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟାକୁ ବାଛି ନେଲେ। ପରିସ୍ଥିତି ଏତେ ବୀଭତ୍ସ ହେଲା ଯେ ଦୁଇହଜାରନଅ ବେଳକୁ ସାରା ଦେଶର ଯୁବକମାନଙ୍କର ଏହା ଏକ ଅତି ବଡ଼ ସମସ୍ୟା ଭାବରେ ଉଭା ହେଲା। କାରଣ ମେଡିକାଲ ଇଞ୍ଜିନିଅରିଂ ଭିତରେ ସୀମିତ ନ ରହି ଏଇ ଦୁଷ୍ଟ ପରମ୍ପରାର ଡେଣା ସାଧାରଣ ଅନୁଷ୍ଠାନକୁ ବ୍ୟାପିଗଲା।

ଉଚ୍ଚତମ ନ୍ୟାୟାଳୟ ଏଇ ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ତତ୍କାଳୀନ ସିବିଆଇର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାଘବନଙ୍କ ନେତୃତ୍ୱରେ ଏକ କମିଟି ଗଠନ କଲେ। ଶିକ୍ଷାନୁଷ୍ଠାନରୁ ଏଇ କଳଙ୍କିତ ପରମ୍ପରା ସମୂଳେ ବିନାଶ କରିବା ପାଇଁ ସେଇ କମିଟି ଯେଉଁ ପରାମର୍ଶ ଦେଇଥିଲେ, ସେଇ ଆଧାରରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଦୁଇହଜାର ଏଗାରରେ ବିସ୍ତୃତ ନିୟମାବଳୀ ଜାରି କଲେ। ସବୁ ଉଚ୍ଚଶିକ୍ଷା ଅନୁଷ୍ଠାନ ଏହାକୁ କଡ଼ାକଡ଼ି ମାନିବା ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ଉଚ୍ଚଶିକ୍ଷା ଅନୁଷ୍ଠାନ ଏହାକୁ ନ ମାନନ୍ତି, ତା'ହେଲେ ତାଙ୍କର ଅନୁବନ୍ଧନ ବାତିଲ କରିବାର ପ୍ରାବଧାନ ରହିଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ କିଛି ଅନୁଷ୍ଠାନରେ ଏହା ଚାଲୁ ରହିଛି। ଏହା ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିଲେ ମଧ୍ୟ ଏବଂ ଏଥିରେ ସର୍ବାଧିକ ପାଞ୍ଚ ବର୍ଷ ଜେଲଦଣ୍ଡ ସାଙ୍ଗକୁ ଜୋରିମାନା ହେବାର ସମ୍ଭାବନା ଥିଲା ବେଳେ କିପରି ଏହା ଚାଲୁରହିଛି ତାହା ଚିନ୍ତାଜନକ।

ପ୍ରତି ଛାତ୍ର ଓ ଅଭିଭାବକଙ୍କୁ ଅନୁଷ୍ଠାନରେ ପ୍ରବେଶବେଳେ ଏକ ହଲପନାମା ଦାଖଲ କରିବାକୁ ହେଉଛି। ପ୍ରତି ଉଚ୍ଚଶିକ୍ଷା ଅନୁଷ୍ଠାନରେ ଗୋଟିଏ ଗୋଟିଏ ଆଣ୍ଟିର୍ୟାଗିଂ ସ୍କ୍ୱାର୍ଡ ରହିଛି। ଏତେ ହେବା ପରେ ବି ଯାଦବପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ତୃତୀୟ ମହଲାରୁ ର୍ୟାଗିଂ ଆତଙ୍କରେ ଡେଇଁ ପ୍ରାଣତ୍ୟାଗ କରିଛନ୍ତି। ଦୁଇହଜାର ଚବିଶରେ ୟୁଜିସିଙ୍କ ନିକଟରେ ପ୍ରାୟ ଆଠଶହ ଅଭିଯୋଗ ପହଞ୍ଚିଛି। ବେଶୀ ଭାଗ ଅଭିଯୋଗ ମେଡିକାଲ କଲେଜରୁ ଆସୁଥିବା ବେଶ୍ ଚିନ୍ତାଜନକ। ମାତ୍ର ଏଥିରେ ଅଭିଯୋଗ ପ୍ରମାଣ କରିବା ପ୍ରକ୍ରିୟା ନବାଗତଙ୍କୁ ବୋଧହୁଏ ଉପଯୋଗୀ ହେଉନାହିଁ। ଅନେକ ଅନୁଷ୍ଠାନ ଏଇ ଅଭିଯୋଗକୁ ଲୁଚେଇବାକୁ ଚେଷ୍ଟା କରୁଛନ୍ତି ଏବଂ କିଛି ସଲାସୁତୁରା କରି ମାମଲାଗୁଡ଼ିକୁ ଚାପି ଦେଉଛନ୍ତି।

ପ୍ରଶ୍ନ ଉଠୁଛି ଯେଉଁମାନେ ନିଜେ ଏଇ ଯନ୍ତ୍ରଣାଦାୟକ ଅନୁଭୂତ ପାଇଥା'ନ୍ତି ସେମାନେ ପୁନର୍ବାର କେମିତି ଅନ୍ୟକୁ ଦୁଃଖ ଦେଇପାରୁଛନ୍ତି। ଏହା ଏକ ଜଟିଳ ମନସ୍ତାତ୍ତ୍ୱିକ ବ୍ୟାପାର। ଅନ୍ୟକୁ ଦୁଃଖ ଦେଇ ଆନନ୍ଦ ପାଇବା, ଯାହାକୁ ଇଂରାଜୀରେ କହନ୍ତି 'ସ୍ୟାଡିଜମ୍', ଏକ ମାନସିକ ବ୍ୟାଧି। ଏଇ ବ୍ୟାଧି ବଢ଼ିବାରେ ସାହାଯ୍ୟ କରେ ଆଉ ଏକ ତତ୍ତ୍ୱ। ତାହା ହେଉଛି ଗୋଷ୍ଠୀଗତ ପ୍ରାଧାନ୍ୟ ରକ୍ଷା ପାଇଁ ସାମୂହିକ ଯୋଗଦାନ। ଆପଣମାନେ ଲକ୍ଷ୍ୟ କରିପାରୁଥିବେ ବେଳେବେଳେ ବିଶୃଙ୍ଖଳିତ ଜନସ୍ରୋତରେ ସାଧାରଣ ଲୋକଟିଏ ବି ଢେଲାଟିଏ ଫିଙ୍ଗିଦେବାକୁ ଭୁଲେ ନାହିଁ। ଏହା ହେଉଛି ଗୋଷ୍ଠୀ ଭିତରେ ଥିବା ପ୍ରତ୍ୟେକ ବ୍ୟକ୍ତି ସାମୂହିକ ଶୌର୍ଯ୍ୟର ଅଧିକାରୀ ଭାବନ୍ତି। ଆଉ ତା'ର ଫଳ ହୁଏ - ଗୋଠ ମାତିଲେ ଖଣ୍ଡିଆ ମାତେ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା - ନେତୃତ୍ୱ ଆସ୍ତେ ଆସ୍ତେ ବଡ଼ପାଟିଆ ପେଞ୍ଚୁଆମାନଙ୍କ ହାତକୁ ଚାଲିଯାଉଛି। ଭରା କୁରୁସଭାରେ ଦୁର୍ଯ୍ୟୋଧନ ଓ ଦୁଃଶାସନ କିପରି ବଡ଼ବଡ଼ ମୁଖିଆମାନଙ୍କୁ ଚୁପ୍ କରେଇ ଦେଇଥିଲେ, ତାହା କାହାକୁ ଅଜଣା ନୁହେଁ। ର୍ୟାଗିଂ ବ୍ୟାଧି କମିବାକୁ ନା ନଧରୁଥିବା ସେଇମାନଙ୍କର କାରସାଦୀ। ତାଙ୍କୁ ସାବାଡ୍ ନ କଲେ ପରିବର୍ତ୍ତନ ଆଶା କରିବା ବୃଥା। ●

**(ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ)**
**ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧**

## ଅପହୃତ ଖୁସି ବନାମ ସୁଖ ସୂଚକାଙ୍କ

**ପାର୍ଥସାରଥୀ ରାଉତ**

ଖଟ ଅଛି, ନିଦ ନାହିଁ। ସୁଦୃଶ୍ୟ ବଙ୍ଗଳାର ବିଳାସମୟ ଶୟନକକ୍ଷ, ଲୋଭନୀୟ ସାଜସଜ୍ଜା ସମ୍ପନ୍ନ ଶୀତତାପ ନିୟନ୍ତ୍ରିତ କକ୍ଷ। ଶୟନ ପୂର୍ବରୁ ସୁଖାଦ୍ୟ। ଘରର ଅବଶିଷ୍ଟ ସବୁକିଛି ସୁବ୍ୟବସ୍ଥିତ। କିନ୍ତୁ ଗୃହକର୍ତ୍ତା ସାରାରାତି ଅନିଦ୍ରା। ରାତିରେ ବାଲକୋନିରେ ବସି ଅଥବା ଛାତ ଉପରେ ବୁଲି ନିରାଶାରେ ସମୟ କାଟିବା ଛଡ଼ା ଅନ୍ୟ ଉପାୟ ନାହିଁ। ଅଥଚ ଚଉରାଳିଶ ଡିଗ୍ରୀ ତାପମାତ୍ରାରେ ଟ୍ରାକ୍ଟର ଡାଲାର ତତଲା ଗୋଡ଼ି ଉପରେ ଶ୍ରମିକଟେ ବେଶ୍ ଅଚିନ୍ତାରେ ନିଦ୍ରାଗତ। ମୁଣ୍ଡରେ ଗାମୁଛା ଭିଡ଼ି ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଛି। ନିଦଟା ଏତେ ଗାଢ଼ ଯେ ହମ୍ପସ ଉପରେ ଦ୍ରୁତବେଗର ଚକ ଚଢ଼ିଲେ ବି ତା' ନିଦ ଭାଙ୍ଗୁନି। ପରମ ଶାନ୍ତିର ନିଦ; ଅର୍ଥାତ ସୁଖନିଦ୍ରା।

ଏ ଗୃହକର୍ତ୍ତା ଜଣକ କେବଳ ଏକ ଉଦାହରଣ ମାତ୍ର। ଅଜସ୍ର ଗୃହକର୍ତ୍ତା ଏହି ବର୍ଗର ଅନ୍ତର୍ଭୁକ୍ତ। ଅର୍ଥାତ ଅନେକ ଲୋକ ଏବେ ଖୁସିରେ ନାହାନ୍ତି। ନିଜକୁ ନେଇ, ନିଜ ପରିବାରକୁ ନେଇ, ନିଜ ପରିସ୍ଥିତିକୁ ନେଇ, ନିଜ ବୃତ୍ତିକୁ ନେଇ ସନ୍ତୁଷ୍ଟ ନାହାନ୍ତି। ପରିସଂଖ୍ୟାନ କହୁଛି, ଏହି ଅଭିଜାତ ଗୃହକର୍ତ୍ତାଙ୍କ ପରି ନିଦ ହରାଉଥିବା ଲୋକଙ୍କ ସଂଖ୍ୟା ଅଧିକ ହେବାରେ ଲାଗିଥିବା ବେଳେ ନିଃସ୍ୱ ଶ୍ରମିକଟି ପରି ଶାନ୍ତିରେ ଶୋଉଥିବା ଲୋକଙ୍କ ସଂଖ୍ୟା ଦ୍ରୁତବେଗରେ କମିବାରେ ଲାଗିଛି। ଯୁଗ୍ମ ପରିବାର ଛାଡ଼ି ଭଲରେ ରହିବାକୁ ଏକକ ପରିବାର ବଛାଗଲା। କିନ୍ତୁ ଦେଖାଗଲା ଏହାପରେ ନିରସତା ଓ ଅସହାୟତା ବଢ଼ିଲା। ଭଲ ଘରଟିଏ ଥିଲା ଜୀବନର ଅନ୍ୟତମ ସର୍ବଶ୍ରେଷ୍ଠ ସ୍ୱପ୍ନ। ହେଲେ ଘର ନିର୍ମାଣ ପରେ ଆରମ୍ଭ ହୋଇଗଲା ଋଣ ସୁଝିବାର ଆଶୁଯନ୍ତ୍ରଣା। ଇଏମଆଇ ସୁଝିବାରେ ଏମିତି ବେହାଲ ଓ ବେଦମ ହେବାକୁ ପଡୁଛି ଯେ ଟିକେ ନିଜକୁ ହାଲକା କରିବାକୁ ଛାତ ଉପରକୁ ବି ଯାଇହେଉନି। ଏପରିକି ଘରେ ଗୋଟେ ବାଲକୋନି ଅଛି ବୋଲି ବି ମଣିଷ ଭୁଲିଗଲାଣି। ପିଲାଙ୍କୁ ପାଠ ପଢ଼େଇ ମଣିଷ କରିବା ଆଉ ଏକ ବଡ଼ ଅଭିଳାଷ ଥିଲା। ଅଥଚ ମୁଣ୍ଡକୁ ହାତ ପାଇଯିବା ପରେ ପିଲାମାନେ ହିଁ ସବୁଠାରୁ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟୁଛନ୍ତି। ଏ ସବୁ ଏବେ ପ୍ରତିଘରର କାହାଣୀ ହୋଇଯାଇଛି।

ସଦ୍ୟ ପ୍ରକାଶିତ ବିଶ୍ୱ ସୁଖ ସୂଚକାଙ୍କ (ୱାର୍ଲଡ ହାପିନେସ୍ ଇନଡେକ୍ସ-୨୦୨୫)ରେ ଭାରତ ୧୧୮ ତମ ସ୍ଥାନକୁ ଖସିବା ପରେ ଦେଶବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ ଫିନଲ୍ୟାଣ୍ଡ ସବୁଠୁ ସୁଖୀ ରାଷ୍ଟ୍ର ଓ ଆଫଗାନିସ୍ତାନ ସବୁଠୁ ଦୁଃଖୀ ରାଷ୍ଟ୍ର। ଯୁଦ୍ଧ ଜର୍ଜରିତ ଦେଶ ପାଲେଷ୍ଟାଇନ ଓ ୟୁକ୍ରେନ ତୁଳନାରେ ଭାରତ ହତାଶ ଓ ଅସନ୍ତୁଷ୍ଟ ଦେଶ। ଏପରିକି ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିବା ପାକିସ୍ତାନ ବି ଆମ ଉପରେ। ଅଥଚ ଯୁଦ୍ଧ, ଅସ୍ଥିରତା, ଦୁସ୍ଥ ଅର୍ଥନୀତି, ଆତଙ୍କବାଦ ଘେରରେ ନଥାଇ ମଧ୍ୟ ଭାରତୀୟମାନେ ଖୁସି ନୁହନ୍ତି। ଏହା ଯେତିକି ବିସ୍ମୟକର ସେତିକି ଉଦ୍‌ବେଗଜନକ। ଏବେ ଏହାକୁ ନେଇ ବିଭିନ୍ନ ସ୍ତରରେ ଆରମ୍ଭ ହୋଇଛି ମାନସମନ୍ଥନ। କେହିକେହି ଅତ୍ୟାଧୁନିକ ଓ ବେପରୁଆ ଜୀବନଚର୍ଯ୍ୟାକୁ ଦାୟୀ କରୁଛନ୍ତି ତ କେହି କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ଓ ନିମ୍ନଗାମୀ ଅର୍ଥନୀତିକୁ କାରଣ ଦର୍ଶାଉଛନ୍ତି। ଅଳ୍ପରେ ସନ୍ତୁଷ୍ଟ ନହୋଇ ଅପହଞ୍ଚ ଉଚ୍ଚତାର ସୁଖ ପଛରେ ଧାଇଁବାକୁ ଅନେକ ଇଙ୍ଗିତ କରୁଛନ୍ତି ତ ଆଉ କିଏ ସାମାଜିକ ଅସମନ୍ୱୟତାକୁ ଦାୟୀ କରୁଛନ୍ତି। କାରଣ ଯାହା ହେଉନା କାହିଁକି, ମନସ୍ତାତ୍ତ୍ୱିକ ଶାନ୍ତି ଓ ସନ୍ତୋଷର ଯେ ଏହା ସହିତ ଖୁବ୍ ନିବିଡ଼ ସମ୍ପର୍କ ରହିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ।

ଆମେ ଏପରି ଏକ ବ୍ୟବସ୍ଥା ଓ ମାନସିକତାରେ ବଢ଼ିଆସିଛୁ ଯେ ସ୍ୱର୍ଗ ଖୋଜିବା ଆମର ସ୍ୱପ୍ନ ପାଲଟିଛି। ଏହି ତଥାକଥିତ 'ସ୍ୱର୍ଗ'ର ଅର୍ଥ ବା ମାନକ ସମ୍ପର୍କରେ କହିବା ଅନାବଶ୍ୟକ। କିନ୍ତୁ ଆମେ ବୋଧହୁଏ ଜାଣିନାହୁଁ ଯେ ପୃଥିବୀ ବାହାରେ କୌଣସି ସ୍ୱର୍ଗ ନାହିଁ କି ନର୍କ ନାହିଁ। କିନ୍ତୁ ଭବିଷ୍ୟତରେ ସ୍ୱର୍ଗ ସୁଖ ପାଇଁ ଆମେ ବର୍ତ୍ତମାନକୁ ଜରାଜୀର୍ଣ୍ଣ କରିବାକୁ ପଛାଉନାହୁଁ। ସେହିପରି ନର୍କକୁ ନ ଯିବା ପାଇଁ ଆମେ ଏତେ ଅଯଥା ଓ ଅନାବଶ୍ୟକ ସତର୍କତା ଅବଲମ୍ବନ କରୁ ଯେ ସେଥିରେ ବର୍ତ୍ତମାନଟା ଖିନ୍‌ଭିନ ହୋଇଯାଏ। ଅତଏବ ବାସ୍ତବତାକୁ ଗ୍ରହଣପୂର୍ବକ ବର୍ତ୍ତମାନରେ ବଞ୍ଚିବା ଜରୁରୀ। ଯାହା ପାଇଁ ନିଜକୁ ନେଇ ସନ୍ତୁଷ୍ଟ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁଖ ସ୍ୱଭାବସିଦ୍ଧ। ତେଣୁ ସୁଖକୁ ଅନ୍ୱେଷଣ କରିବାକୁ ଅସ୍ୱାଭାବିକ ପନ୍ଥା ଅବଲମ୍ବନ କରିବା ନିର୍ବୋଧତା। ସୁଖ ଏକ ଅନ୍ତଃସ୍ରୋତ। ଏହାର ଉତ୍ସ ଆମ ଅନ୍ତର ଭିତରେ ରହିଛି। ଅତଏବ ଏହି ସ୍ରୋତକୁ ଆବିଷ୍କାର କରି ଧରି ରଖିବାକୁ ବାହ୍ୟ ଜଗତରେ 'ଯୁଦ୍ଧଂଦେହୀ' ଡାକରା ଦେଇ ଅଣନିଃଶ୍ୱାସୀ ହେବା ମଧ୍ୟ ଅନୁଚିତ।

ଜୀବନରେ ଦୁଃଖର ଯେପରି ଭାବେ କାରଣ ଖୋଜାଯାଉଛି, ସୁଖର ବି ଗୋଟେ ଉପାୟ ଚିନ୍ତା କରାଯାଉ। ଜୀବନରେ ଦୁଃଖ ଆସିବ। କେହି ଏହାକୁ ରୋକିପାରିବେନି। ଏହା ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ସୁଖ ଯେବେ ଆସୁଛି, ତା'କୁ ଖୋଲିବାରେ କାର୍ପଣ୍ୟ କରା ନଯାଉ। ଏଇ କଥାଟି ଜୀବନ ତନ୍ତ୍ର ହେବା ଆବଶ୍ୟକ।

ଆମେ ସମସ୍ତେ ସମ୍ପ୍ରତି ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛୁ, ତାହା ହେଲା ଜୀବନ ଏବେ 'ଲାଇଫ' ପାଲଟିଛି। ଆମେ ଆଉ ଜୀବନ ବଞ୍ଚୁନାହୁଁ, ବରଂ ଲାଇଫଟିଏ କାଟୁଛୁ। ଆମେ ସେଇ ଜୀବନ ବଞ୍ଚୁନାହୁଁ, ଯାହା ଆମ ଈପସିତ ଅଭିଳାଷିତ କଳ୍ପନାର ଜୀବନ ଥିଲା। ଏବେ ଆମେ ଯେଉଁ ଲାଇଫ୍ କାଟୁଛୁ, ତାହା ନା ସୁଖ ଦେଉଛି ନା ଶାନ୍ତି। ଯେଉଁ ସନ୍ତୋଷ ମିଳୁଛି, ଏଇ ଭାଗ ଟିକକ ଅତି ନଗଣ୍ୟ। ଏତେ କମ୍ ରୋଜଗାରରେ ଚଳି ହେଉନି। ରୋଗ, ବୈରାଗ, ଅଫିସ, ପରିବାର ସବୁକୁ ସନ୍ତୁଷ୍ଟ କରିହେଉନି। ଆଉ କିଛି 'ଅଧିକ' କରିବା ଆବଶ୍ୟକ। ସେଇ 'ଅଧିକ' କରିବା ଚକ୍କରରେ ପେଶି ହୋଇଯାଉଛି ମଣିଷ। ୟା'ପରେ ଏଇଟା ଦରକାର, ତା'ପରେ ସେଇଟା ଦରକାର। ଏଇ 'ଦରକାର' ହିଁ ଆମ ସୁଖକୁ ଅପହରଣ କରିନେଉଛି। ଯାହା ନାହିଁ ତା' ପଛରେ ଧାଉଁଛି ମଣିଷ। ଯାହା ଅଛି, ତା'କୁ ନେଇ ଖୁସି ହୋଇପାରୁନି। ଅର୍ଥାତ ଲକ୍ଷେଟଙ୍କିଆ ଖଟ କିଣିବାକୁ ଯାଇ ନିଦ ହରାଉଛି। ବିଶ୍ୱ ସୁଖ ସୂଚକାଙ୍କ ପ୍ରକାଶ ପରେ ଅଧିକାଂଶ ଭାରତୀୟଙ୍କ ଜନଜୀବନରୁ କ୍ରମଶଃ ଅପହରଣ ହୋଇଯାଉଥିବା ଖୁସି ବିଷୟରେ ଗୁରୁତର ସହ ଚିନ୍ତା କରିବା ସମସ୍ତଙ୍କ କର୍ତ୍ତବ୍ୟ ନୁହେଁ କି? ●

**ଭୁବନେଶ୍ୱର, ମୋ: ୯୪୩୮୨୯୦୪୯୧**

## ନବଜାଗରଣର ନାୟକ ଫକୀରମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୀବନ ଓ ସାହିତ୍ୟ ନିଷ୍ଠାପର ପାଠକ ସକାଶେ ଏକ ଅନନ୍ୟ, ଅଲୌକିକ ଆକର୍ଷଣ। ତାଙ୍କ ଜୀବନାୟନ ଓ ସାହିତ୍ୟାୟନ ମଧ୍ୟରେ ଏପରି ଦୁର୍ଲଭ ଉପାଦାନ ସଂରକ୍ଷିତ ହୋଇ ରହିଛି, ଯାହା ତାଙ୍କ ସମୟରେ କେବଳ ନବ-ଚେତନା ସୃଷ୍ଟିରେ ଯେ ନେଇପାରିଥିଲା ଶ୍ରେଷ୍ଠ ଭୂମିକା ସେତିକି ନୁହେଁ, ଏହା ଯେକୌଣସି ସମୟ ସକାଶେ କ୍ରାନ୍ତିକାରୀ ଆହ୍ୱାନ-ସୃଷ୍ଟି-କ୍ଷମ ଏକ ଅପରାଜେୟ ଶକ୍ତି ଭାବରେ ଉଦ୍ଭାସିତ ରହିଛି ଅନୁକ୍ଷଣ। ସେଇ ଅତୁଳନୀୟ ଅନିର୍ବଚନୀୟ ଭାବ-ସମ୍ଭାର ମଧ୍ୟରେ ରହିଛି କ'ଣ? ତାହାର ଅନୁସନ୍ଧାନ ତ ଏକ ଅସରନ୍ତି ଧାରା। ଥରକୁ ଥର, ବାରମ୍ବାର ଅଧ୍ୟୟନ କରୁଥିଲେ ମଧ୍ୟ ତାହା କେବେ ପୁରାତନ ହେବାର ସମ୍ଭାବନା ନାହିଁ। ସେ ଆଧୁନିକ ଯୁଗର ଯେପରି ଥିଲେ ସର୍ବପୂଜ୍ୟ ସ୍ରଷ୍ଟା, ଆଜି ବି ରହିଛନ୍ତି। ଅନୁରୂପ ଭାବରେ ଆଧୁନିକ ଓ ଆଗାମୀ ଭବିଷ୍ୟତ ପାଇଁ ମଧ୍ୟ ତାଙ୍କ ସାହିତ୍ୟର ଆବେଦନ ରହିବ ଅପରିବର୍ତ୍ତିତ।

ସକଳ ପ୍ରତିକୂଳ ପରିସ୍ଥିତି ଭିତରେ ସଂଗ୍ରାମ ଅବ୍ୟାହତ ରଖିବାର ତେଜସ୍କ୍ରିୟ ଦୃଢ଼ତା ତାଙ୍କ ବ୍ୟକ୍ତିତ୍ୱର ବିଶାଳତାକୁ ପ୍ରତିପାଦିତ କରିଦିଏ। ଫକୀରମୋହନଙ୍କ ବାଲ୍ୟକାଳରୁ ଆରମ୍ଭ କରି ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ଦେଖିବାକୁ ମିଳେ ନିଜଭାଗ୍ୟକୁ ନିଜେ ହିଁ ନିର୍ମାଣ କରିବାରେ ଅଦ୍ଭୁତ ମନୋବଳ। ହୃଦୟରେ ଭରି ରହିଥିଲା କି ପରିପୂର୍ଣ୍ଣ ମାନବିକ ସମ୍ବେଦନଶୀଳତା ସତେ! ତାହାରି ଯାଦୁସ୍ପର୍ଶ ଲାଭ କରି ତାଙ୍କ ଚରିତ୍ର ସବୁ ହୋଇଯାଇଛନ୍ତି ଓଡ଼ିଶାବାସୀଙ୍କ ଏକାନ୍ତ ଆପଣାର। ସିଏ ପୁଣି ଆୟତ୍ତ କରିପାରିଥିଲେ ସେହି ଦୁର୍ଲଭ କଳା, ଯାହା ଦ୍ୱାରା ନିଜସ୍ୱ ଦୁଃଖ ଓ ବେଦନାକୁ ସାହିତ୍ୟରେ ରୂପାନ୍ତରିତ କରାଯାଇପାରେ। ଏ ଦୃଷ୍ଟିରୁ ତାଙ୍କ ବ୍ୟକ୍ତିନିଷ୍ଠ ଅଶ୍ଳୀଳ ଅନୁଭବ ଅଭିବ୍ୟକ୍ତି ଲାଭ କରିଛି ଯେଉଁଠି, ସେଠି ପାଠକର ଦୁଇ ଆଖି ମଧ୍ୟ ଅଶ୍ରୁସ୍ନାତ ହୋଇଉଠେ। ଗଳ୍ପ ରଚନା ବେଳେ ମଳକଣ୍ଟକ ରୋଗର ଅସହ୍ୟ ଯନ୍ତ୍ରଣାରେ ଫକୀରମୋହନ ଥରି ଉଠନ୍ତି। ଶୁଭ୍ରରଙ୍ଗର ଧୋତି ତାଙ୍କର ଲାଲ ବର୍ଣ୍ଣ ଧାରଣ କରେ। ତଥାପି ସମର୍ପିତ ଅନ୍ତରର ସାଧନା ତାଙ୍କର ହୋଇ ଉଠେ ନାହିଁ ଅସ୍ଥିର।

ମାତୃଭୂମି ଓ ମାତୃଭାଷା ପ୍ରତି କି ଆକାଶଚୁମ୍ବୀ ଶ୍ରଦ୍ଧା ଓ ସମ୍ମାନ! ସମକାଳୀନ ସାରସ୍ୱତ ସାଧକମାନଙ୍କ ପ୍ରତି କି ଅପ୍ରମିତ ପ୍ରେମ! ରାଧାନାଥ, ମଧୁସୂଦନ, ନନ୍ଦକିଶୋର, ଗଙ୍ଗାଧର, ବିଶ୍ୱନାଥ କର, ନୀଳମଣି ବିଦ୍ୟାରତ୍ନ ସମସ୍ତଙ୍କୁ ସେ ଅମୂଲ୍ୟ ରତ୍ନ ମନେ କରୁଥିଲେ। ଏକୁଟିଆ ଜୀବନ ବଞ୍ଚିବାର ଅମିତ ଅନ୍ତଃପ୍ରେରଣା, ଦେଶ ଓ ଜାତିର ପ୍ରଗତି ନିମିତ୍ତ ସମ୍ପୂର୍ଣ୍ଣ ସମର୍ପିତ ଚେତନା ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ଆତ୍ମା। ସେ 'ଉତ୍କଳ ଭ୍ରମଣ' ଲେଖିଲା ବେଳେ ପ୍ରସ୍ଫୁଟିତ ହୋଇଯାଏ ଉତ୍କଳ-ସନ୍ତାନଙ୍କ ପ୍ରତି ପରମ ସମ୍ମାନ-ବୋଧ। ରାମାୟଣ ମହାଭାରତ ଅନୁବାଦ କରିବା ବେଳକୁ ପ୍ରିୟତମା ପତ୍ନୀ କୃଷ୍ଣକୁମାରୀଙ୍କ ସନ୍ତାନ-ବିୟୋଗ ବିଧୂର-ଶୋକ ଜର୍ଜରିତ ଚିତ୍ତକୁ ପ୍ରବୋଧନା ପ୍ରଦାନ କରିବାର ଅମାପ ଆନ୍ତରିକତା। 'ରେବତୀ' ସର୍ଜନା ସମୟରେ ସେ ସ୍ୱର ଉତ୍ତୋଳନ କରିପାରନ୍ତି ରକ୍ଷଣଶୀଳ ସମାଜ ବିରୁଦ୍ଧରେ। ଜୀବନର ସୁଖ କି କ୍ଷଣିକ କି ଅଳୀକ ତାହା ଦର୍ଶାଇ ଦିଅନ୍ତି ଲୋତକାର୍ଦ୍ର ନେତ୍ରରେ। ବାହାରକୁ ବୁଦ୍ଧିହୀନ, ବିଶୃଙ୍ଖଳ ଦେଖା ଯାଉଥିବା 'ଅନନ୍ତା' ମଧ୍ୟରୁ ଯେଉଁ ଦିବ୍ୟତାର ଦ୍ୟୁତି ସେ ପ୍ରକଟିତ କରିଦିଅନ୍ତି ସେଥିରେ ଦେବଗଣ ବି ସ୍ତମ୍ଭୀଭୂତ ହୋଇଯିବା କ'ଣ ଅସମ୍ଭବ? 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ତାଙ୍କ ହୃଦୟର ଅବାରିତ ମମତା ଉନ୍ମୁକ୍ତ ହୋଇଯାଉଥାଏ 'ଶାରିଆ' 'ଭଗିଆ' ଚରିତ୍ର ପ୍ରତି। ଆଉ ଖଳଚରିତ୍ର ରାମଚନ୍ଦ୍ର ମଙ୍ଗରାଜ ଅଥବା ଚମ୍ପାର ପରଣତି ହୋଇପାରେ କି ଭୟଙ୍କର, ତାହା ଦର୍ଶାଇଦେଇ ସେ ପ୍ରଦାନ କରିଛନ୍ତି ସାମାଜିକ ପ୍ରତିଶ୍ରୁତିବଦ୍ଧତାର ନିଖୁଣ ପରିଚିତି। ମଣିଷ ମଧ୍ୟରେ ଯେତେ ଦୁଷ୍ଟ ଅପଶକ୍ତି ଲୁକ୍କାୟିତ ରହିଥିଲେ ମଧ୍ୟ ଅଙ୍କୁର ଉପରୁ ପ୍ରସ୍ତର ଖଣ୍ଡ ଗଡ଼ିଯିବା ପରେ ସେ ଯେପରି ପଲ୍ଲବିତ ହୋଇଉଠେ, 'ମାମୁଁ' ଉପନ୍ୟାସରେ ସେହି ଅନ୍ତଃପରିବର୍ତ୍ତନକୁ ପ୍ରଦର୍ଶିତ କରିଛନ୍ତି ନାଜର ନଟବର ଦାସ ଚରିତ୍ରରେ। ଲେଖିଛନ୍ତି ପୁଣି ତାଙ୍କର ବାଧା ବିଘ୍ନ କଣ୍ଟକିତ ଆତ୍ମାନୁଭବକୁ ଆତ୍ମଚରିତରେ।

ଫକୀରମୋହନ ସେନାପତି ପ୍ରତିଟି ପାଠକଙ୍କ ଆତ୍ମଶକ୍ତି ଉପରେ ଆସ୍ଥାଶୀଳ ହେବା ସକାଶେ ଦେଇଛନ୍ତି ଯେଉଁ ଅଭ୍ରାନ୍ତ ପ୍ରେରଣା, ସେଥିପାଇଁ ସେ ସର୍ବଦା ରହିଥିବେ କାଳଜୟୀ ସ୍ରଷ୍ଟା, ସମାଜ-ସଂଗଠକ ଭାବରେ ଜ୍ୟୋତିର୍ମୟ ରୂପ ପରିଗ୍ରହ କରି। ●

**ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ‘ସୁଭଦ୍ରା’ ଟଙ୍କା ନ ଦେବାରୁ ସ୍ତ୍ରୀକୁ ପଥରରେ ଛେଚି ହତ୍ୟା; ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼,୨୬।୩(ସମିସ): ବାଇକ୍ କିଣିବା ପାଇଁ ସୁଭଦ୍ରା ଓ ଧାନ ବିକା ଟଙ୍କା ନ ଦେବାରୁ ଜଣେ ନୃଶଂସ ସ୍ୱାମୀ ତା'ର ସ୍ତ୍ରୀକୁ ପଥରରେ ଛେଚି ହତ୍ୟା କରିଛି। ଏପରି ଅଭାବନୀୟ ଘଟଣା ଘଟିଛି ତଳସରା ଥାନା ହୁଟୁପାନି ଗ୍ରାମରେ। ହୁଟୁପାନି ଗ୍ରାମର ରୂପନନ୍ଦ ସିଂ (୫୦) ସନ୍ତାନ ମୁଖ ଦେଖିବା ଆଗରୁ ପତ୍ନୀଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ବଡ଼ ଭାଇଙ୍କ ମଧ୍ୟ ଅକାଳବିୟୋଗ ଘଟିଥିଲା। ଏହାପରେ ରୂପନନ୍ଦ ତାଙ୍କ ବିଧବା ଭାଉଜ ଦୁର୍ଗାବତୀ ସିଂ (୪୫)ଙ୍କ ସହିତ ପତି ପତ୍ନୀ ଭାବେ ରହିଆସୁଥିଲେ। ରୂପନନ୍ଦ ତାଙ୍କ ବଡ଼ ଭାଇଙ୍କ ଦୁଇ ବାପ ଛେଉଣ୍ଡ ପୁଅ ଝିଅଙ୍କୁ ଆଦରି ନେଇ ଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କ ଔରସରୁ ମଧ୍ୟ ଏକ ପୁତ୍ର ସନ୍ତାନ ହୋଇଛି। ଆସନ୍ତା ୨୮ ତାରିଖରେ ବଡ଼ ଭାଇଙ୍କ ପୁଅର ବିବାହ ଉତ୍ସବ ପାଇଁ ନିର୍ଘଣ୍ଟ ହୋଇସାରିଛି। ତେବେ ରୂପନନ୍ଦ ଏହି ବିବାହ ଉତ୍ସବକୁ ସୁରୁଖୁରୁରେ ତୁଲାଇବା ପାଇଁ ଚିନ୍ତା କରିବା ପରିବର୍ତ୍ତେ ନିଜ ପାଇଁ ଏକ ବାଇକ୍ କିଣିବାକୁ ଜିଦ୍ କରିଥିଲେ। ଦୁର୍ଗାବତୀଙ୍କୁ ବାଇକ୍ କିଣିବାକୁ ଟଙ୍କା ମାଗିଥିଲେ। ଖରିଫରେ ବିକ୍ରି କରି କରିଥିବା ଧାନ ବାବଦ ୫୬ ହଜାର ଟଙ୍କା ସହିତ ‘ସୁଭଦ୍ରା’ ଯୋଜନାରେ ମିଳିଥିବା ୫ ହଜାର ଟଙ୍କା ଦେବାକୁ କହିଥିଲେ। ତେବେ ଆଗକୁ ପୁଅ ବାହାଘର ଥିବାରୁ ଦୁର୍ଗାବତୀ ରୂପନନ୍ଦଙ୍କୁ ସବୁ ଟଙ୍କା ନଦେଇ ୨୬ ହଜାର ଟଙ୍କା ଦେଇଥିଲେ। ହେଲେ ଏଥିରେ ରାଗିଯିବା ସହ ପତ୍ନୀଙ୍କ ସହ ୧୫ଦିନ ହେଲା ଝଗଡ଼ା କରୁଥିଲେ। ଦୁର୍ଗାବତୀ ବୁଧବାର ସକାଳୁ ଗାଁ ନିକଟସ୍ଥ ଡୁମେରମୁଣ୍ଡାକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିବାବେଳେ ରୂପନନ୍ଦ ହଠାତ୍ ସେଠାରେ ପହଞ୍ଚି ପୁନର୍ବାର ଝଗଡ଼ା କରିଥିଲେ। ସ୍ଥିତି ଏଭଳି ହୋଇଥିଲା ଯେ ନିଜର ହିତାହିତ ଭୁଲି ସ୍ତ୍ରୀକୁ ପଥରରେ ଛେଚି ହତ୍ୟା କରିଥିଲେ। ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇ ଯାଇଥିଲେ। ଖବର ପାଇ ଆଇଆଇସି ପୁଷ୍ପେନ୍ଦୁ ସାଗର ସଦଳବଳ ଘଟଣାସ୍ଥଳକୁ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୁଲିସ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରୁ ରକ୍ତ ଭିଜା ପଥର ସହ ଅନ୍ୟାନ୍ୟ ନମୁନା ଜବତ କରିଛି। ଘଟଣାରେ ତତ୍ପରତା ପ୍ରକାଶ କରି ପୁଲିସ ପତ୍ନୀହନ୍ତାଙ୍କୁ ଡମକୁଡ଼ା ନିକଟରୁ ଗିରଫ କରିବାରେ ସକ୍ଷମ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

# ‘ବନ୍ଦେ ଭାରତ ଏକ୍ସପ୍ରେସ’କୁ ପଥର ମାଡ଼



ଏକାଧିକ ଝରକାର କାଚ ଭାଙ୍ଗିଲା

ରାଉରକେଲା,୨୬।୩(ସମିସ): ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ବନ୍ଦେ ଭାରତ ଏକ୍ସପ୍ରେସ ଉପରକୁ କଲୁଙ୍ଗା ନିକଟରେ କିଛି ଦୁର୍ବୃତ୍ତ ପଥର ମାଡ଼ କରି ଟ୍ରେନ୍‌ର ଏକାଧିକ ବଗିର ଝରକା କାଚକୁ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏପରିକି ପଥର ମାଡ଼ରେ ଝରକା କାଚ ଛିଦ୍ର ହୋଇ ଟ୍ରେନ୍ ଭିତରେ ବିକ୍ଷିପ୍ତ ଭାବେ ପଡ଼ିଥିବା ଦେଖିବାକୁ ମିଳିଛି। ଅବଶ୍ୟ ଏହି ଘଟଣାରେ କୌଣସି ଯାତ୍ରୀ ଆହତ ହୋଇ ନଥିବା ସୂଚନା ମିଳିଛି। ବନ୍ଦେ ଭାରତ ଏକ୍ସପ୍ରେସ ବୁଧବାର ଅପରାହ୍ଣ ପ୍ରାୟ ୨ଟାରେ ରାଉରକେଲା ରେଳଷ୍ଟେସନ୍‌ରେ ପହଞ୍ଚିବା ପରେ ରେଳବାଇ ପୁଲିସ ଓ ଆରପିଏଫ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରେନ୍‌ର ୨ଟି ବଗିର ଝରକା କାଚ ଭାଙ୍ଗି ଯାଇଥିବାରୁ ରେଳବାଇ ପକ୍ଷରୁ ଭଙ୍ଗା କାଚରେ ଟେପ୍ ଲଗାଇ ସାମାନ୍ୟ ମରାମତି କରିବା ପରେ ପୁନର୍ବାର ଭୁବନେଶ୍ୱର ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି। ପୂର୍ବରୁ ବାହାର ରାଜ୍ୟରେ ଟ୍ରେନ୍ ଉପରକୁ ପଥର ମାଡ଼ ହୋଇଥିବାର ନଜିର ରହିଥିବା ବେଳେ ଓଡ଼ିଶାର ରାଉରକେଲା ସହରରେ ଏହି ଘଟଣା ପ୍ରଥମ ବୋଲି କୁହାଯାଉଛି। ତେବେ କଲୁଙ୍ଗା ନିକଟରେ ଚଳନ୍ତା ଟ୍ରେନ୍ ଉପରକୁ କିଏ ଏବଂ କାହିଁକି ପଥର ମାଡ଼ କଲା ଏବଂ ଏଥିରେ କିଏ କିଏ ସମ୍ପୃକ୍ତ ସେସବୁର ତଦନ୍ତ ଆରମ୍ଭ କରିଛି ପୁଲିସ।

# ୧୬ ଚକିଆ ଟ୍ରକ୍ ଧକ୍କାରେ ୩ ମଇଁଷି ମୃତ

ରାଉରକେଲା,୨୬।୩(ସମିସ): ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଚାନ୍ଦିପୋଷ ଥାନା ଅଞ୍ଚଳରେ ଏକ ସଡକ ଦୁର୍ଘଟଣାରେ ୧୬ ଚକିଆ ଟ୍ରକ ଧକ୍କାରେ ୩ଟି ମଇଁଷିଙ୍କର ମୃତ୍ୟୁ ହୋଇଛି। ଚାନ୍ଦିପୋଷ ଥାନା ଅନ୍ତର୍ଗତ ଦର୍ଜ୍ଜି ନିକଟ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ଏହି ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ୧୬ ଚକିଆ ଟ୍ରକ ଭାରସାମ୍ୟ ହରାଇ ଏକ ମଇଁଷି ଦଳ ଉପରକୁ ମାଡି ଯିବା ସହ ଓଲଟି ପଡିବାରୁ ଘଟଣାସ୍ଥଳରେ ୩ଟି ମଇଁଷିଙ୍କର ମୃତ୍ୟୁ ହୋଇଛି। ଚାନ୍ଦିପୋଷ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଟ୍ରକ୍ ମାଲିକଙ୍କ ପକ୍ଷରୁ ମଇଁଷି ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

■ ନାବାଳକ ସହ ଅପ୍ରାକୃତିକ ଯୌନକ୍ରିୟା ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡ

କେନ୍ଦୁଝର, ୨୬।୩(ସମିସ): ଜଣେ ନାବାଳକ ସହିତ ଜୋରଜବରଦସ୍ତ ଅପ୍ରାକୃତିକ ଯୌନକ୍ରିୟା କରିଥିବା ନେଇ ଚାଲିଥିବା ମାମଲାରେ ଅଭିଯୁକ୍ତକୁ କେନ୍ଦୁଝର ପୋକ୍ସୋ କୋର୍ଟ ୨୦ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୧୫.୯.୨୦୧୯ ଅପରାହ୍ଣ ୫.୩୦ରୁ ୬ଟା ମଧ୍ୟରେ ଘସିପୁରା ଥାନାଞ୍ଚଳର ଏକ ସାପ୍ତାହିକ ହାଟକୁ ଜଣେ ନାବାଳକ ନିଜ ବାପାଙ୍କ ସହିତ ଆସିଥିଲେ। ହାଟରେ ଶାଳପଡା ସାଉଁତିସାହିର ବାବୁ ଓରଫ କାଉଁଚିଆ ନାୟକ (୨୩) ର ଭେଟ ହୋଇଥିଲା। ସେମାନଙ୍କ ମଧ୍ୟରେ ପୂର୍ବରୁ ପରିଚୟ ରହିଥିଲା। କଥାବାର୍ତ୍ତା ପରେ ନାବାଳକ ପୁଅକୁ ତାଙ୍କ ଅଜା ଘରେ ଛାଡି ଦେବ କହି କାଉଁଚିଆ ସାଙ୍ଗରେ ଡାକି ନେଇଥିଲା। ବାଟରେ ଏକ ବୁଦାମୂଳେ ଅପ୍ରାକୃତିକ ଯୌନ ସମ୍ପର୍କ କରିଥିଲା। ହାଟରୁ ଫେରି ନାବାଳକ ଘରକୁ ଫେରିବାର ବିଳମ୍ବ ଦେଖି ତାଙ୍କ ବାପା ପିଲାଟିକୁ ଖୋଜାଖୋଜି କରିଥିଲେ। ହାଟରୁ ଆସିବା ବାଟ ବୁଦାମୂଳେ ପିଲାଟିକୁ ମୁମୂର୍ଷୁ ଅବସ୍ଥାରେ ଠାବ କରିଥିଲେ। ପରେ ପରିବାର ପକ୍ଷରୁ ଘସିପୁରା ଥାନାରେ ଏତଲା ହୋଇଥିଲା। ଏତଲାକୁ ଭିତ୍ତିକରି ଥାନା କେସ୍ ନମ୍ବର ୧୫୬/୨୦୧୯ରେ ମାମଲା ରୁଜୁକରି ଅଭିଯୁକ୍ତ କାଉଁଚିଆକୁ ପୁଲିସ କୋର୍ଟ ଚାଲାଣ କରିଥିଲା। ଏହି ମାମଲାଟି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାର ଚାଲିଥିଲା। ବୁଧବାର ଏହାର ଚୂଡ଼ାନ୍ତ ଶୁଣାଣି ଥିଲା। ୧୫ ଜଣ ସାକ୍ଷୀ, ପୁଲିସ ତଦନ୍ତ ଓ ପ୍ରମାଣକୁ ଭିତ୍ତି କରି ସ୍ୱତନ୍ତ୍ର କୋର୍ଟର ଜଜ ମୋନାଲିସା ମହାନ୍ତି ଅଭିଯୁକ୍ତ ବାବୁ ଆଲିଆସ କଉଁଚିଆ ନାୟକକୁ ୨୦ ବର୍ଷ ଜେଲ ଦଣ୍ଡ, ୨ ହଜାର ଜରିମନା, ଅନାଦେୟ ଅଧିକ ଏକବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ପୀଡିତକୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

■ ଗଞ୍ଜେଇ ଚାଲାଣ ମାମଲା

# ସରପଞ୍ଚଙ୍କୁ ବାନ୍ଧିଲା ମଧ୍ୟପ୍ରଦେଶ ପୁଲିସ



ପୂର୍ବରୁ ଆନ୍ଧ୍ରପ୍ରଦେଶ ପୁଲିସ ଦ୍ୱାରା ହୋଇଥିଲେ ଗିରଫ

ନନ୍ଦପୁର,୨୬।୩(ସମିସ): କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକର ଗୋଲୁରୁ ପଞ୍ଚାୟତର ସରପଞ୍ଚଙ୍କ ପିଛା ଛାଡୁନି ଗଞ୍ଜେଇ ମାମଲା। ଗଞ୍ଜେଇ ଚୋରା ଚାଲାଣକୁ ନେଇ ଆନ୍ଧ୍ରରୁ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ଲମ୍ବା ମାମଲାରେ ଛନ୍ଦି ହୋଇଛନ୍ତି ଗୋଲୁରୁ ସରପଞ୍ଚ ସୁବାସ ପାଙ୍ଗି। ଦୀର୍ଘ ବର୍ଷ ଧରି ଗଞ୍ଜେଇ ଚାଲାଣ ମାମଲାରେ ଆନ୍ଧ୍ର ପୁଲସ ଦ୍ୱାରା ଗିରଫ ହୋଇ ଜେଲରେ ରହି ଫେରିବା ପରେ ଏବେ ପୁଣି ଆଉ ଏକ ପୁରୁଣା ମାମଲାରେ ମଧ୍ୟପ୍ରଦେଶ ପୁଲିସ ଦ୍ୱାରା ଗିରଫ ହୋଇଛନ୍ତି। ଯାହା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଛି। ସୂଚନାନୁଯାୟୀ, ୨୦୨୩ ମସିହାରେ ସ୍ଥାନୀୟ ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚାଲାଣ ମାମଲାରେ ବୁଧବାର ମଧ୍ୟପ୍ରଦେଶ ପୁଲିସର ଏକ ଟିମ୍ ପାଡୁଆ ପହଞ୍ଚି ସରପଞ୍ଚ ସୁବାସ ପାଙ୍ଗିଙ୍କୁ ଗିରଫ କରିଛନ୍ତି। ଗିରଫ ପରେ ପୁଲିସ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମଧ୍ୟପ୍ରଦେଶକୁ ନେଇଥିବା ଜଣାପଡିଛି। ତାଙ୍କ ନାମରେ ଆନ୍ଧ୍ର, ଓଡ଼ିଶା ସମେତ ସୀମାନ୍ତ ମଧ୍ୟପ୍ରଦେଶ ରାଜ୍ୟରେ ଗଞ୍ଜେଇ ଚାଲାଣ ମାମଲା ରହିଥିବା ନେଇ ଜଣାପଡ଼ିଛି। ସୂଚିତ ଯେ, ଆନ୍ଧ୍ରପ୍ରଦେଶ ପୁଲିସ ଗତ ଦୁଇବର୍ଷ ତଳେ ଏକ ଗଞ୍ଜେଇ ଚାଲାଣ ମାମଲାରେ ଗୋଲୁରୁ ସରପଞ୍ଚ ପାଙ୍ଗୀଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ସରପଞ୍ଚ ପଦବୀରୁ ନିଲମ୍ବିତ କରାଯାଇଥିଲା। ମାମଲାର ରଫାଦଫା ପରେ ଗତ ଏକ ମାସ ତଳେ ସେ ନିଜ ପଞ୍ଚାୟତକୁ ଫେରିଥିଲେ। ସରପଞ୍ଚ ପଦବୀ ମଧ୍ୟ ଫେରିପାଇଥିଲେ। ସରପଞ୍ଚ ଭାବେ ଦାୟିତ୍ୱ ନେବାର ମାସକ ପରେ ପୁଣି ବୁଧବାର ସମାନ ମାମଲାରେ ମଧ୍ୟପ୍ରଦେଶ ପୁଲିସ ତାଙ୍କୁ ଗିରଫ କରିଛି।

# ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

ନୂଆପଡ଼ା, ୨୬।୩ (ସମିସ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଅନ୍ତର୍ଗତ ପତୋରା ନିକଟସ୍ଥ ଏକ ନାଲାରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏମାନେ ଦୁହେଁ ପଡ଼ୋଶୀ ଛତିଶଗଡ଼ର ଛୁରା ଥାନା କାମରାଜ ଗାଁର ରାଜେଶ ଠାକୁର(୨୬) ଏବଂ ଦାଦର ନୟା ଗାଁର ଲଳିତା ଠାକୁର(୨୦)ବୋଲି ଜଣାପଡିଛି। ଦୁହେଁ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଧରମବନ୍ଧା ଥାନା ପୁଲିସ ମୃତଦେହ ଦୁଇଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ବୁଧବାର ପୂର୍ବାହ୍ଣରେ ପ୍ରସିଦ୍ଧ ପତୋରା ନଦୀଘାଟରେ ପ୍ରେମୀ ଯୁଗଳଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ସ୍ଥାନୀୟ ପତୋରା ଗାଁର ଓ୍ୱାର୍ଡମେମ୍ବର ଦେଖିବାକୁ ପାଇଥିଲେ। ଧରମବନ୍ଧା ଥାନା ପୁଲିସକୁ ସୂଚନା ଦେବା ପରେ ଥାନାଧିକାରୀ ଟଙ୍କଗିରି ଭୋଇ, ସବ ଇନ୍ସପେକ୍ଟର ବିନୋଦ ବିହାରୀ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ମୃତଦେହ ଦୁଇଟିକୁ ଜବତ କରି ଛାନଭିନ ଆରମ୍ଭ କରିଦେଇଥିଲେ। ରାକେଶ ଓ ଲଳିତାଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା । ଅନ୍ୟପକ୍ଷେ ରାଜେଶ ଜଣେ ବିବାହିତ ଯୁବକ ଥିବା ବେଳେ ଲଳିତାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିବେ ବୋଲି କଥା ଦେଇଥିଲେ। ହେଲେ ବିଭିନ୍ନ କାରଣକୁ ନେଇ ଏହା ସଫଳ ହୋଇ ନଥିଲା। ଶେଷରେ ଗତ ୨୨ ତାରିଖଠାରୁ ଦୁହେଁ ଫେରାର ଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଶେଷରେ ପତୋରା ଜଙ୍ଗଲରେ ଥିବା ନଦୀ ଘାଟରେ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି।

# ସୀମାନ୍ତରେ ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୬।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଓ ସୁକ୍‌ମାରେ ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ଭିତରେ ଏକାଧିକ ଇନାମୀ ମାଓବାଦୀ ରହିଥିବା ଜଣାପଡିଛି।

ଦାନ୍ତେୱାଡା ଜିଲ୍ଲାରେ ‘ଲୋନ ଭାରାତୁ’ ତଥା ଘରକୁ ଫେରିଆସ ଅଭିଯାନ ଅଧୀନରେ ୩ ଜଣ ଇନାମୀ ମାଓବାଦୀଙ୍କ ସମେତ ମୋଟ ୬ ମାଓବାଦୀ ଦାନ୍ତେୱାଡାର ଡିଆଇଜି କାର୍ଯ୍ୟାଳୟରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ୮ ଲକ୍ଷ ଇନାମୀ ଶାନ୍ତି ମାଣ୍ଡଭି, ୩ ଲକ୍ଷ ଇନାମୀ ଖରାମ କୁମାର, ୨ ଲକ୍ଷ ଇନାମୀ ପ୍ରକାଶ ଓରଫ ଚିନ୍ନା ବୈୟମପାଲି, କମଲୁ ସୁନ୍ଦମ ମୁଚାକି ସାନି ଓ ଜୋଗା ମୁଡାମ୍। ସେହିପରି ସୁକ୍‌ମାଠାରେ ଆତ୍ମସମର୍ପଣ କରିଥିବା ୯ଜଣ ମାଓବାଦୀଙ୍କ ମଧ୍ୟରେ ୬ଜଣ ମହିଳା ଓ ୩ଜଣ ପୁରୁଷ ମାଓବାଦୀ ରହିଥିବାବେଳେ ସେମାନଙ୍କ ନାମରେ ୨୬ ଲକ୍ଷ ଟଙ୍କାର ଇନାମ ରହିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ କୁଖ୍ୟାତ ମାଓବାଦୀ ରହିଥିବା ପୁଲିସ ସୂଚନା ଦେଇଛି। ଏମାନଙ୍କ ମଧ୍ୟରୁ ବାଣ୍ଡି ମାଡ଼କାମ ନାମକ ମାଓବାଦୀ ନାମରେ ୮ ଲକ୍ଷ ଟଙ୍କା, ମାସେ ଓରଫ ଭେଟି କାନି ଓ ପଦମା ସାମ୍ମି ନାମକ ମହିଳା ମାଓବାଦୀଙ୍କ ନାମରେ ୫ ଲକ୍ଷ ଟଙ୍କାର ଇନାମ ରହିଥିଲା।



ସେହିପରି ମାଡଭି ହୁଙ୍ଗା, ପୁନେମ ମାଗାଣ୍ଡି, କଡଟି ବଜ୍ଜେ, ମାଡକାମ ଶାନ୍ତି, ମୁଚାକି ମାସେ, କଡଟି ହିଡିଆ ଆଦି ମାଓବାଦୀଙ୍କ ନାମରେ ୨ ଲକ୍ଷ ଲେଖାଏଁ ଇନାମ ରହିଥିଲା। ଯବାନଙ୍କ ଘନ ଘନ କମ୍ବିଂ ଅପରେସନରେ ଭୟଭୀତ ଓ ସରକାରଙ୍କ ପୁରସ୍କାର ରାଶିରେ ପ୍ରଭାବିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ନବଜାତକକୁ ଝୁଣି ଖାଇଲା କୁକୁର

ସୁନ୍ଦରଗଡ଼,୨୬।୩(ସମିସ): ସୁନ୍ଦରଗଡ଼ ଟାଉନା ଥାନା ମହେଶଡିହି ଥିମ ପାର୍କ ନିକଟରୁ ପୁଲିସ ବୁଧବାର ମୃତ ନବଜାତକକୁ ଜବତ କରିଛି। ଏହି ମୃତଦେହକୁ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଏହା ଏକ ଶିଶୁ କନ୍ୟାର ମୃତଦେହ ବୋଲି ଜଣାପଡ଼ିଛି। ପ୍ରାୟ ୨ ଦିନ ତଳର ଏହି ମୃତଦେହକୁ କେହି ଅଖାରେ ଭର୍ତ୍ତିକରି ଫିଙ୍ଗି ଦେଇଥିବାବେଳେ କୁକୁର ଝୁଣି ଖାଉଥିବା ଭଳି ଅଭାବନୀୟ ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ପୁଲିସ ପ୍ରାଥମିକ ତଦନ୍ତ ପରେ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଏ ନେଇ ପୁଲିସ ମାମଲା ରୁଜୁ କରି କାହାର ଶିଶୁ କନ୍ୟା ତାହା ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୂପେଶ ବଘେଲଙ୍କ...

ସକାଳୁ ଚଢ଼ଉ ଆରମ୍ଭ ହୋଇଥିଲା। ଏହା ସନ୍ଧ୍ୟାରେ ଶେଷ ହୋଇଥିଲା। ଏହି ଚଢ଼ଉକୁ ନେଇ ତାଙ୍କ ଘର ଆଗରେ ହଙ୍ଗାମା ହୋଇଥିଲା। ତିନୋଟି ଗାଡ଼ିରେ ସିବିଆଇ ଟିମ୍ ବାହାରିବା ପରେ କଂଗ୍ରେସ ନେତା ଏବଂ କର୍ମୀ ଗାଡିକୁ ଅଟକାଇବାକୁ ପ୍ରୟାସ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ରର ନିର୍ଦ୍ଦେଶରେ ଷଡ଼ଯନ୍ତ୍ର କରି ଚଢ଼ଉ କରାଯାଉଥିବା ଅଭିଯୋଗ କରିଥିଲେ। ସକାଳେ ଚଢ଼ଉ ସମୟରେ ବ୍ୟାରିକେଡ ଭାଙ୍ଗି ଘର ଭିତରେ ପ୍ରବେଶ କରିବାକୁ ଚାହୁଁଥିଲେ। କାନ୍ଧରେ ବ୍ୟାଗ୍ ରଖିଥିବା ଜଣେ ଅଧିକାରୀଙ୍କୁ ଭିତରକୁ ଛାଡ଼ିବାକୁ ବିରୋଧ କରିଥିଲେ। ଏଠାରେ ପୁଲିସ ସହ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଏହି ଚଢ଼ଉକୁ ବିରୋଧ କରି ଗୁରୁବାର ସାରା ରାଜ୍ୟରେ ବିଜେପି ସରକାରର କୁଶପୁତ୍ତଳିକା ଦହନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ବିଧାୟକ ଦେବେନ୍ଦ୍ର ଯାଦବ, ଅବସରପ୍ରାପ୍ତ ଆଇଏଏସ ଅନିଲ ଟୁଟେଜା ଏବଂ ୪ ଆଇପିଏସ ଅଧିକାରୀ ଆନନ୍ଦ ଛାବଡ଼ା, ଅଭିଷେକ ପଲ୍ଲବ, ଆରିଫ ଶେଖ, ପ୍ରଶାନ୍ତ ଅଗ୍ରୱାଲଙ୍କ ଘରେ ଯାଞ୍ଚ ଜାରି ରହିଛି। ଏହା ବ୍ୟତୀତ ଏଏସ୍‌ପି ସଞ୍ଜୟ ଧ୍ରୁବ ଏବଂ ୨ କନଷ୍ଟେବଲ ନକୁଲ-ସହଦେବଙ୍କ ଘରେ ମଧ୍ୟ ସିବିଆଇ ଚଢ଼ଉ ହୋଇଛି। ରାୟପୁର, ଦୁର୍ଗ ଏବଂ ଭିଲାଇରେ ୧୦ରୁ ଅଧିକ ଟିମ୍ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ସେହିପରି କେପିଏସ ଗ୍ରୁପର ପରିଚାଳକ ପ୍ରଶାନ୍ତ ତ୍ରିପାଠୀଙ୍କ ଘରେ ମଧ୍ୟ ଯାଞ୍ଚ ହେଉଛି। ସିବିଆଇ ପକ୍ଷରୁ କୁହାଯାଇଛି ଯେ ଅଧିକାରୀ-ନେତାଙ୍କ ଘରୁ ଡିଜିଟାଲ ପ୍ରମାଣ ଏବଂ ଅନ୍ୟ ପ୍ରମାଣ ଜବତ କରାଯାଇଛି। ତଲାସୀ ଅଭିଯାନ ଜାରି ରହିଛି।

### ଶପଥନେଲେ ମୁଖ୍ୟ ବିଚାରପତି...

ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶପଥ ନେବା ପରେ ଜଷ୍ଟିସ ଅରିନ୍ଦମ ସିହ୍ନା ଓ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନଙ୍କ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିଥିଲେ।

ପ୍ରକାଶଥାଉକି, କଲିକତା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଗତ ମାର୍ଚ୍ଚ ୬ ତାରିଖରେ ସୁପାରିସ କରାଯାଇଥିଲା। ଗତ ମାର୍ଚ୍ଚ ୨୦ରେ ଜଷ୍ଟିସ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିଥିଲେ ରାଷ୍ଟ୍ରପତି। ଗତ ୨୦୨୫ ଜାନୁଆରୀ ୧୯ ତାରିଖରୁ ହାଇକୋର୍ଟ ମୁଖ୍ୟ ବିଚାରପତି ପଦ ଖାଲି ପଡିଥିଲା। ସେବେଠାରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଉଥିଲେ ଜଷ୍ଟିସ ଅରିନ୍ଦମ ସିହ୍ନା। ଜଷ୍ଟିସ ଟଣ୍ଡନଙ୍କ ନିଯୁକ୍ତି ପରେ ହାଇକୋର୍ଟର ବିଚାରପତି ସଂଖ୍ୟା ୧୯ କୁ ବୃଦ୍ଧି ପାଇଛି। ମୋଟ ୩୩ଟି ବିଚାରପତି ପଦ ରହିଥିବା ବେଳେ ଏବେ ବି ୧୪ଟି ଫାଙ୍କା ପଡିଛି। ସେହିଭଳି ନିକଟରେ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ଆହ୍ଲବାଦ ହାଇକୋର୍ଟକୁ ବଦଳି ପାଇଁ ମଧ୍ୟ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲା। ତେବେ ଏହି ବଦଳିକୁ ଅନୁମୋଦନ ମିଳିଲେ ଓଡିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ପୁଣି ୧୮ କୁ ହ୍ରାସ ପାଇବ। ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନ ୧୯୬୪ ମସିହା ନଭେମ୍ବର ୧୬ରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ୧୯୮୯ସେପ୍ଟେମ୍ବର୨୬ରେ ଆଇନଜୀବୀ ଭାବେ ପଞ୍ଜିକୃତ ହାଇେ କଲିକତା ହାଇକୋର୍ଟରେ ଓକିଲାତି ପେସାରେ ଯୋଗଦେଇଥିଲେ। ସିଭିଲ ମାମଲାଗୁଡିକୁ ସେ ଦକ୍ଷତାର ସହ ପରିଚାଳନା କରି ଆସିଥିଲେ। ୨୦୧୦ ଏପ୍ରିଲ୧୩ରେ କଲିକତା ହାଇକୋର୍ଟର ବିଚାରପତି ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା।

### ବିଧାନସଭା ସମ୍ମୁଖ...

ପ୍ରମୁଖ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କୁ ଲଗାଇ ପ୍ରଥମେ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇଥିଲେ। ପରେ ବିଧାୟକମାନଙ୍କୁ ଜଣ ଜଣ କରି ପୁଲିସ ବିଧାନସଭା ଫାଟକ ସାମ୍ନାରୁ ଉଠାଇ ନେଇଥିଲା। ଏପରିକି କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକାକୁ ମଧ୍ୟ ବିଧାନସଭା ଭିତରକୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲଶ। ଯାହାକୁ ନେଇ ସପ୍ତଗିରି କଡ଼ା ଅସନ୍ତୋଷ ପ୍ରକାଶ କରିବା ସହ ପୁଲିସ ବିରୋଧରେ ମାମଲା କରିବେ ବୋଲି କହିଥିଲେ। ପ୍ରାୟ ଏକ ଘଣ୍ଟା ଏପରି ସ୍ଥିତି ଲାଗି ରହିଥିବା ବେଳେ ସାଢ଼େ ୧୧ଟା ବେଳକୁ ସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ ପୁଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସଫେଇ ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଥିଲେ ଯେ ବିଧାନସଭା ଚତୁପାର୍ଶ୍ୱରେ ଧାରା ୧୬୩ ଲାଗୁ ହୋଇଥିଲା। ମାତ୍ର ଏକ ଗ୍ରୁପ ଏହାକୁ ଉଲ୍ଲଂଘନ କରି ବିଧାନସଭା ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ ବୋଲି ସେ କହିଥିଲେ।ଅପରପକ୍ଷେ ଆସନ୍ତାକାଲି ବିଧାନସଭା ସମ୍ମୁଖରେ ଗାନ୍ଧୀମାର୍ଗରେ ବଡ଼ ଧରଣର ଶକ୍ତି ପ୍ରଦର୍ଶନ କରିବ କଂଗ୍ରେସ। ନାରୀ ସୁରକ୍ଷା ପ୍ରସଙ୍ଗରେ ପ୍ରାୟ ୨୫ରୁ ୩୦ ହଜାର କଂଗ୍ରେସ କର୍ମୀ ବିଧାନସଭା ଘେରଉ କରିବାର କାର୍ଯ୍ୟକ୍ରମ ରହିଛି। ରାମ ମନ୍ଦିର ନିକଟରୁ କଂଗ୍ରେସର ବିଶାଳ ଶୋଭାଯାତ୍ରା ମାଷ୍ଟର କ୍ୟାଣ୍ଟିନ ଅଭିମୁଖେ ବାହାରିବ। ମାଷ୍ଟର କ୍ୟାଣ୍ଟିନଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ଗାନ୍ଧୀମାର୍ଗରେ ଏକ ସଭା ଅନୁଷ୍ଠିତ ହେବ। ଏହାପରେ କଂଗ୍ରେସ କର୍ମୀମାନେ ବିଧାନସଭା ଅଭିମୁଖେ ବାହାରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଶୋଭାଯାତ୍ରାର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ବିରୋଧରେ ବଡ଼ ଅଭିଯୋଗ ଆଣିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ସେ କହିଛନ୍ତି ଯେ ଆସନ୍ତାକାଲି ବିଧାନସଭା ଘେରଉ ପାଇଁ ଭୁବନେଶ୍ୱର ବାହାରୁ ଥିବା କଂଗ୍ରେସ ନେତା ଓ ସେମାନଙ୍କୁ ଗାଡ଼ିକୁ ଅଟକାଯାଉଛି। ଝାରସୁଗୁଡ଼ା ଥାନାରେ ଏନ୍‌ଏସ୍‌ୟୁଆଇ ଅଧ୍ୟକ୍ଷ ଏବଂ ଯୁବ କଂଗ୍ରେସ ଅଧ୍ୟକ୍ଷଙ୍କୁ ଅଟକ ରଖାଯାଇଛି ବୋଲି ସେ କହିଛନ୍ତି।

### ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି...

ବୁଧବାର ସକାଳେ ବିଧାନସଭା ମୁଖ୍ୟ ଫାଟକ ବାହାରେ କଂଗ୍ରେସ କର୍ମୀ ଏବଂ ବିଧାୟକଙ୍କ ସହ ପୁଲିସର ଧସ୍ତାଧସ୍ତି ଚାଲିଥିବାବେଳେ ବିଧାନସଭା ଭିତରୁ ଏଜି ଛକରେ ଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଆଡ଼କୁ ବିଜେଡି ବିଧାୟକମାନେ ପଦଯାତ୍ରାରେ ବାହାରିଥିଲେ। ଏହି ସମୟରେ ସେମାନଙ୍କୁ ପୁଲିସ ମୁଖ୍ୟ ଫାଟକ ନିକଟରେ ରୋକିଥିଲା। ଏପରିକି ବିଧାନସଭା ଫାଟକରେ ତାଲା ପକାଇ ଦେଇଥିଲା। ଯାହାକୁ ନେଇ ତାତିଥିଲେ ବିଜେଡି ବିଧାୟକ। ରାଜ୍ୟ ସରକାରଙ୍କ ଏକଛତ୍ରବାଦୀ ନୀତିକୁ ବିଜେଡି ବିଧାୟକ କଡ଼ା ସମାଲୋଚନା କରିବା ସହ ମୁଖ୍ୟ ଫାଟକ ଭାଙ୍ଗି ଆଗକୁ ବଢ଼ିଥିଲେ। ଏପରିକି ଗେଟ୍ ଆଗରେ ଲାଗିଥିବା ବ୍ୟାରିକେଡକୁ ମଧ୍ୟ ବିଜେଡି ବିଧାୟକମାନେ ଠେଲି ଆଗକୁ ବଢ଼ିଥିଲେ। ଏଜି ଛକରୁ ଫେରିବା ବେଳକୁ ମଧ୍ୟ ସମାନ ଅବସ୍ଥା ଉପୁଜିଥିଲା। ମୁଖ୍ୟ ଫାଟକରେ ବିଧାୟକଙ୍କୁ ଛଡ଼ାଯାଇ ନ ଥିବା ବେଳେ ବିଧାୟକମାନେ ରବିନ୍ଦ୍ର ମଣ୍ଡପ ୩ ନମ୍ବର ଫାଟକ ଗେଟ ଦେଇ ବିଧାନସଭାକୁ ପ୍ରବେଶ କରିଥିଲେ। ଏଠାରେ ମଧ୍ୟ ବିଧାୟକଙ୍କୁ ରୋକା ଯାଇଥିଲା। ତେବେ ପ୍ରବଳ ଯୁକ୍ତିତର୍କ ହେବା ପରେ ଶେଷରେ ପୁଲିସ ସେମାନଙ୍କୁ ଭିତରକୁ ଆସିବାକୁ ଦେଇଥିଲା। ଏହାକୁ ନେଇ ବିଜେଡି ବିଧାୟକମାନେ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଗତକାଲି କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ କରାଯିଥିବା ବେଳେ ଆଜି ଆମେ ଶାନ୍ତିପୂର୍ଣ୍ଣ ଭାବରେ ବାହାରକୁ ଯାଉଥିବା ବେଳେ ଆମକୁ ଆକ୍ରମଣ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ ପ୍ରମୁଖ ସରକାରଙ୍କୁ ଏଥିପାଇଁ ତୀବ୍ର ସମାଲୋଚନା କରିଛନ୍ତି । ସେମାନେ କହିଛନ୍ତି ଯେ ରାଜ୍ୟରେ ହିଟଲରୀ ଶାସନ ଚାଲିଛି। ପୁଲିସ ସରକାରୀ ଦଳର ଗୁଣ୍ଡାବାହିନୀ ପରି କାର୍ଯ୍ୟ କରୁଛନ୍ତି। ଓଡ଼ିଶା ବିଧାନସଭା ହେଉଛି ଲୋକଙ୍କ ଦ୍ୱାରା ନିର୍ବାଚିତ ବିଧାୟକଙ୍କର ସମ୍ପତ୍ତି। ମାତ୍ର କେଉଁ ଅଧିକାରରେ ସରକାର ବିଧାନସଭା ମୁଖ୍ୟ ଫାଟକକୁ ସରକାର ତାଲା ପକାଇଛନ୍ତି। ବିଧାନସଭା ବାହାରେ ଏବଂ ଭିତରେ ପୁଲିସ ମୁତୟନ କରି ବିରୋଧୀଙ୍କୁ ବାହାରକୁ କିମ୍ବା ଭିତରକୁ ଆସିବାକୁ ଦେଉନାହାନ୍ତି। ବିଧାନସଭାରେ ପୁଲିସ ପ୍ରବେଶ କରିବା ଅର୍ଥ ଗଣତନ୍ତ୍ରକୁ ହତ୍ୟା କରାଯିବା। ଗଣତନ୍ତ୍ରକୁ ଆଜି ଏମାନେ କ୍ଷତବିକ୍ଷତ କରିଛନ୍ତି। ଏକଛତ୍ରବାଦ, ହିଟଲରୀ ଶାସନ ବିଜେପି ଜିନ୍‌ରେ ରହିଛି। ଯାହାକୁ ସେମାନେ ନିଜର କାର୍ଯ୍ୟରେ ଦେଖାଉଛନ୍ତି। ଏସସି ଏସଟି ସଂରକ୍ଷଣ ପାଇଁ ବିଜେଡି ଉଠାଇଥିବା ସ୍ୱରକୁ ଚାପିବା ପାଇଁ ଏ ସରକାର ପୁଲିସ ଲଗାଇ ବାଟ ଛାଡୁନାହିଁ। ଏ ରାଜ୍ୟରେ ଏକ ଅନ୍ଧ, ମୂକ ଏବଂ ବଧିର ସରକାର ଚାଲିଛି। ଏ ଲଢ଼େଇ ପଲ୍ଲୀରୁ ଦିଲ୍ଲୀ ଯାଏଁ ଚାଲିବ ବୋଲି ବିଜେଡି ଚେତାବନୀ ଦେଇଛି ।

### ଦୁର୍ଘଟଣାରେ ଦମ୍ପତି...

ଦେଓଗାଁ ମଝିରେ ଦ୍ରୁତ ଗତିରେ ଆସୁଥିବା ଏକ ଡାଲା ଅଟୋ ଆସି ତାଙ୍କ ଅଟୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସ୍ୱପ୍ନା ରାସ୍ତାପାର୍ଶ୍ୱ ଏକ ଜମିରେ ଫୋପାଡ଼ି ହୋଇପଡ଼ିଥିଲେ। ଫଳରେ ସେଠାରେ ହିଁ ତାଙ୍କର ପ୍ରାଣ ବାୟୁ ଉଡି ଯାଇଥିଲା। କାହ୍ନୁ ରାସ୍ତା ମଝିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଖୋଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନଙ୍କ ଉଦ୍ୟମରେ କାହ୍ନୁଙ୍କୁ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏତେ ବଡ଼ ଦୁର୍ଘଟଣାରେ ଜୀବନ ଦାନ ପାଇଯାଇଛନ୍ତି ଚାରି ବର୍ଷ ର କୁନି ଝିଅ। ଝିଅଟିର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ପୁଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଡାଲା ଅଟୋକୁ ଜବତ କରି ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି।

### କଂଗ୍ରେସ ଫାଶରେ...

ଆକ୍ରମଣ କରି ଚାଲିଛି। ଏ ସଂକ୍ରାନ୍ତରେ ଗୃହ କମିଟି ଗଠନ ନିମନ୍ତେ ଦାବି କରି ଆସିଛି । ଦଳର ନେତାମାନେ ନିର୍ଦ୍ଦିଷ୍ଟ ଭାବରେ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ଚାଲିଛନ୍ତି ଏବଂ ଗୃହ କମିଟି ଗଠନ ନିମନ୍ତେ ପ୍ରତିଦିନ ବିଧାନସଭା ହଟ୍ଟଗୋଳ କରିଛନ୍ତି । ଏପରିକି ଦଳର ଏକମାତ୍ର ମହିଳା ସଦସ୍ୟ ମଧ୍ୟ ରାଜ୍ୟର ମହିଳା ହିଂସାକୁ ନେଇ ସେ ନିଜକୁ ଅସୁରକ୍ଷିତ ମଣୁଥିବା ଉଲ୍ଲେଖ କରି ଗୃହ କମିଟି ଗଠନ ଦାବିକୁ ଅଧିକ ଶାଣିତ କରିଛନ୍ତି । ମାତ୍ର ଶାସକ ବିଜେପି, ମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଓ ସରକାରଙ୍କ ପରାମର୍ଶଦାତାମାନେ ଏହାକୁ କ୍ରମାଗତ ଭାବରେ ଉପେକ୍ଷା କରିବା କଂଗ୍ରେସ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ଜାତୀୟସ୍ତରରେ କଂଗ୍ରେସ ପହଞ୍ଚାଇବାକୁ ସଫଳ ହୋଇଥିଲା। ଦଳର ସାଂସଦ ସପ୍ତଗିରି ଉଲ୍ଲାକା ଓଡ଼ିଶାରେ ଘଟୁଥିବା ମହିଳା ହିଂସାକୁ ଉଠାଇବା ଯୋଗୁଁ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ବିଧାନସଭାରୁ ୩ ଦିନ ନିଲମ୍ବନ ପ୍ରସଙ୍ଗ ଲୋକସଭାରେ ଉଠାଇଲେ । ଦିଲ୍ଲୀରେ ଏଆଇସିସି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ହିଂସା, ଦୁଷ୍କର୍ମ ଉଠାଇବା ଘଟଣାରୁ ମଧ୍ୟ ଶାସକ ବିଜେପି ଓ ସରକାର କିଛି ଅନୁମାନ କରିପାରିଲେ ନାହିଁ । ପ୍ରଥମେ ବିଧାୟକ ବାହିନୀପତିଙ୍କୁ ୭ ଦିନ, ପରେ ପୁଣି ୧୨ ବିଧାୟକ, ଏହାପରେ ପୁଣି ରମେଶ ଜେନା ଓ ତାରା ବାହିନୀପତିଙ୍କୁ ଆଉ ୭ ଦିନ ନିଲମ୍ବନ କରି ସରକାର ବିରୋଧୀ କଂଗ୍ରେସକୁ ଏକାଠି ହେବାକୁ ଯେଉଁ ସୁଯୋଗ ଦେଲେ, ତାହା ଭବିଷ୍ୟତରେ ବିଜେପି ଓ ସରକାରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି ।

ଏହି ସୁଯୋଗର ଉପଯୁକ୍ତ ସଦୁପଯୋଗ କରି କଂଗ୍ରେସ ଦଳୀୟ ନେତାଙ୍କୁ ଏକାଠି କରିଛି। ସେହିପରି ଦିନକ ତଳେ ବିଳମ୍ବିତ ରାତିରେ ଦଳର ବିଧାୟକମାନଙ୍କ ନିଲମ୍ବନ ବିରୋଧରେ ଦଳର ସବୁ ଛାମୁଆଁ ନେତା ବିଧାନସଭା ନିକଟରେ ପହଞ୍ଚି ଯେଉଁ ବାର୍ତ୍ତାଟି ଦେଇଛନ୍ତି, ତାହା ସରକାରଙ୍କ ପାଇଁ ଏକ ବଡ଼ ବିପଦର ପୂର୍ବାଭାସ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ଢ଼େର ଦିନ ଆଗରୁ ୨୭ ତାରିଖରେ କଂଗ୍ରେସ ରାଜଧାନୀରେ ମହା ସମାବେଶ କରିବା କଥା ଘୋଷଣା କରିଥିଲେ ହେଁ ତାହା ଏତେଟା ପ୍ରଭାବୀ ହେବ ନାହିଁ ବୋଲି ସରକାର ମନେ କରୁଥିଲେ। ମାତ୍ର ଶାସକ ବିଜେପି ଓ ସରକାରଙ୍କ ଏହି ଆକଳନ ଏବେ ଭୁଲ ହେବାକୁ ଯାଉଛି । ଦୁର୍ବଳ ସଂଗଠନକୁ ନେଇ କଂଗ୍ରେସ ନିଜର ସ୍ଥିତି ସହ ସଂଗ୍ରାମ କରୁଥିବାବେଳେ ବିଧାନସଭାରେ ଘଟିଥିବା ଘଟଣାକ୍ରମ ଓ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିର୍ଣ୍ଣୟ ଏବେ କଂଗ୍ରେସକୁ ଅଧିକ ସୁଦୃଢ଼ କରିବାକୁ ସୁଯୋଗ ଦେଇଛି । ସମ୍ଭବତଃ ପ୍ରଥମଥର ପାଇଁ ଗୋଷ୍ଠୀବିବାଦ ଭୁଲି କଂଗ୍ରେସର ସବୁ ବଡ଼ ନେତା ଏକାଠି ହୋଇଛନ୍ତି । ପିସିସି ସଭାପତି ଭକ୍ତ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ଶ୍ରୀଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ସହ ଛାମୁଆ ସଙ୍ଗଠନର ନେତାମାନେ ବିଳମ୍ବିତ ରାତିରେ ବିଧାନସଭା ନିକଟରେ ପହଞ୍ଚିବା ଓ ଦଳର ବିଧାୟକଙ୍କ ନିଲମ୍ବନକୁ ବିରୋଧ କରିବା ଭିନ୍ନ ବାର୍ତ୍ତା ଦେଇଛି । ଏକଦା କଂଗ୍ରେସର ଭୁଲ ପାଇଁ ରାଜ୍ୟରେ ବିଜେପିର ଅଭ୍ୟୁତ୍‌ଥାନ ହୋଇଥିଲା, ଏବେ ବିଜେପି ସେହି ଭୁଲକୁ ପୁନରାବୃତ୍ତି କରିଛି, ଯାହା ଆଗାମୀ ଦିନରେ କଂଗ୍ରେସ ପାଇଁ ଆଶୀର୍ବାଦ ହେବାକୁ ଯାଉଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ‘ପତ୍ନୀଙ୍କ ବାରମ୍ବାର ଆତ୍ମହତ୍ୟା ଧମକ ସ୍ୱାମୀଙ୍କ ପାଇଁ ନିର୍ଯାତନା ସଦୃଶ’

କଟକ,୨୬।୩(ସମିସ): ଏକ ବିବାହ ବିଚ୍ଛେଦକୁ ଅନୁମତି ପ୍ରଦାନ ପୂର୍ବକ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ପତ୍ନୀ ବାରମ୍ବାର ଆତ୍ମହତ୍ୟା ଧମକ ଦେବା ଜଣେ ସ୍ୱାମୀଙ୍କ ପାଇଁ ନିର୍ଯାତନା ଭଳି ବୋଲି କହିଛନ୍ତି ଓଡ଼ିଶା ହାଇକୋର୍ଟ। ଯାହାକୁ ମାନସିକ ନିଷ୍ଠୁରତା ଭାବରେ ବିବେଚିତ କରିବା ସହ ବିବାହ ବିଚ୍ଛେଦ ପାଇଁ ଏକ କାରଣ ଭାବରେ ଧରାଯିବ। ଜଷ୍ଟିସ ବି.ପି. ରାଉତରାୟ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରି କହିଛନ୍ତି। ପରିବାର ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ଜଣେ ମହିଳା ଦାୟର କରିଥିବା ମାମଲାର ଶୁଣାଣି କରି କୋର୍ଟ ଏପରି କହିଛନ୍ତି। ପତ୍ନୀ, ସ୍ୱାମୀଙ୍କ ବିରୋଧରେ ୪୫ଟି ମାମଲା ରୁଜୁ କରିଥିଲେ। କଟକ ପରିବାର ଅଦାଲତ ଗତ ୨୦୨୩ ଅଗଷ୍ଟରେ ଛାଡ଼ପତ୍ର ସମ୍ପର୍କିତ ମାମଲାରେ ସ୍ତ୍ରୀଙ୍କୁ ୬୩ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ପ୍ରଦାନ କରିବା ସପକ୍ଷରେ ରାୟ ପ୍ରଦାନ କରିଥିଲେ; କିନ୍ତୁ ସ୍ୱାମୀଙ୍କ ସହ ଏକତ୍ର ରହିବାକୁ ରହିବାକୁ ପତ୍ନୀ ଆବେଦନ କରିଥିଲେ। ମାତ୍ର ପରିବାର ଅଦାଲତ ପତ୍ନୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାକୁ ଚାଲେଞ୍ଜ କରି ପତ୍ନୀ ହାଇକୋର୍ଟ ଆସିଥିଲେ। ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି ଯେ ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ଆଉ ସମ୍ଭବ ନୁହେଁ। କାରଣ ପତ୍ନୀ ବାରମ୍ବାର ଆତ୍ମହତ୍ୟା ଧମକ ଦେବା ସ୍ୱାମୀଙ୍କ ମାନସିକ ସ୍ଥିତି ଉପରେ ପ୍ରଭାବ ପକାଇବ। ଏଣୁ ପରିବାର ଅଦାଲତ ପ୍ରଦାନ କରିଥିବା ରାୟକୁ କାଏମ ରଖିଛନ୍ତି ହାଇକୋର୍ଟ। ସେହିପରି ଆର୍ଥିକ ସହାୟତା ସମ୍ପର୍କରେ, ପରିବାର ଅଦାଲତ, ପତ୍ନୀଙ୍କୁ ପ୍ରଦାନ କରାଯାଇଥିବା ୬୩ ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣକୁ ନ୍ୟାୟପୂର୍ଣ୍ଣ କହିଛନ୍ତି କୋର୍ଟ।

# ଓଡ଼ିଆ ଭାଷା ବାଧ୍ୟତାମୂଳକ ଆଦେଶର ହେଉନି ପାଳନ

ପଟ୍ଟାମୁଣ୍ଡାଇ,୨୬।୩ (ସମିସ):

ପୁଲିସ ଷ୍ଟେସନରେ ସରକାରୀ ଡକ୍ୟୁମେଣ୍ଟ ଏବଂ ରିପୋର୍ଟ ଲେଖାଯିବା ପାଇଁ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏହି ଆଦେଶ କାର୍ଯ୍ୟକାରୀ କରାଯାଉନାହିଁ। ଓଡିଆ ଭାଷା ବାଧ୍ୟତାମୂଳକ କରାଯିବା ନେଇ ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟ, କଟକଙ୍କର ଚିଠି ସଂଖ୍ୟା ଭି-୦୫-୨୦୨୪/୩୮୪୯/ ତାରିଖ ୦୫.୦୯.୨୦୨୪ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ଅଗ୍ରଣୀ ସାମାଜିକ ସଂଗଠନ ଉତ୍କଳମଣି ଯୁବକ ସଂଘ ଦ୍ୱାରା ପୁଲିସ ପ୍ରଥମ ସୂଚନା ରିପୋର୍ଟ (ଏଫଆଇଆର) ଏବଂ ସରକାରୀ ରେକର୍ଡରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କରେ ଏକ ଦୃଢ଼ ଦାବି ଉଠାଯାଇଥିଲା। ଓଡିଆ ଭାଷା ବ୍ୟବହାର ବାଧ୍ୟତାମୂଳକ ବୋଲି ଏହି ନିର୍ଦ୍ଦେଶ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପତ୍ର ସଂଖ୍ୟା ୨୬୭୦୧ ତାରିଖ ୨୭.୦୭.୨୦୨୪, ଯାହାକୁ ରାଜ୍ୟ ପୁଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା ୩୩୬୫୪/ ନୀତି ତାରିଖ ୩୧.୦୭.୨୦୨୪ ଦ୍ୱାରା ଅନୁମୋଦନ କରାଯାଇଛି। ଉପରୋକ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ଏବଂ ସେହି ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ ସମସ୍ତ ସମ୍ପୃକ୍ତଙ୍କୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଗତ ୨୫.୭.୨୦୨୪ ତାରିଖରେ ୟୁଓଆଇ ନଂ-୫୭/ ସିଏମ ଅନୁଯାୟୀ ଓଡିଆ ଭାଷାକୁ ବାଧ୍ୟତାମୂଳକ କରିବା ପାଇଁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସମସ୍ତ ପ୍ରମୁଖ ଶାସନ ସଚିବ ଏବଂ ସମସ୍ତ କମିଶନର ତଥା ଶାସନ ସଚିବଙ୍କୁ ଅବଗତ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣୀ ଯୁବକ ସଂଘର ସଭାପତି ଗୌତମ ବେହେରା ଏହି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ଯେ, ଏନସିଆରବି ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ତ୍ତମାନର ଦ୍ୱିଭାଷୀ ଏଫଆଇଆର ବ୍ୟବସ୍ଥା (ଇଂରାଜୀ ଏବଂ ହିନ୍ଦୀ) ଓଡ଼ିଶାର ସାଧାରଣ ଲୋକଙ୍କ ପାଇଁ ବିଶେଷକରି ଗ୍ରାମାଞ୍ଚଳରେ ବୁଝିବା କଷ୍ଟକର। ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ର ଧାରା ୧୫୪(୧) ଅନୁଯାୟୀ, ଏଫଆଇଆର ଅଭିଯୋଗକାରୀଙ୍କ ପାଇଁ ବୁଝିବାଯୋଗ୍ୟ ହେବା ଉଚିତ। କିନ୍ତୁ ପ୍ରକ୍ରିୟାରେ ଓଡ଼ିଆ ଭାଷାର ଅନୁପସ୍ଥିତି ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ପ୍ରଭାବିତ କରୁଛି ଏବଂ ଓଡ଼ିଶା ସରକାରୀ ଭାଷା ଆଇନ, ୧୯୫୪ର ଉଲ୍ଲଂଘନ କରୁଛି। ଏହି ସମ୍ପର୍କରେ ସଂଗଠନ ଏକ ସ୍ମାରକପତ୍ର ପ୍ରଦାନ କରି ଏଫଆଇଆରରେ ଓଡ଼ିଆ ଭାଷାର ବାଧ୍ୟତାମୂଳକ ବ୍ୟବହାର ଦାବି କରି ଗୃହ ବିଭାଗ, ମୁଖ୍ୟ ସଚିବ ଏବଂ ଓଡ଼ିଶା ହାଇକୋର୍ଟଙ୍କୁ ଚିଠି ଲେଖିଥିଲା। "ଓଡ଼ିଆ ଅସ୍ମିତା" ମିଶନ ଅଧୀନରେ ନ୍ୟାୟ ପାଇବାକୁ ସହଜରେ ପହଞ୍ଚିବା ଏବଂ ଓଡ଼ିଆ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଏହି ପଦକ୍ଷେପର ଲକ୍ଷ୍ୟ ରଖାଯାଇଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସଂଗଠନ ପକ୍ଷରୁ ୧୩.୧୧.୨୦୨୪ ତାରିଖ ପତ୍ର ସଂଖ୍ୟା ୬୫୩୩ ମାଧ୍ୟମରେ ଗୃହ ବିଭାଗର ଯୁଗ୍ମ ଶାସନ ସଚିବଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହି ଅଭିଯୋଗ ଉପରେ କାର୍ଯ୍ୟ କରି, ଓଡ଼ିଶା ପୁଲିସ ରାଜ୍ୟ ମୁଖ୍ୟାଳୟ, କଟକ ପତ୍ର ସଂଖ୍ୟା ଭି-୦୫-୨୦୨୪/୩୮୪୯/ମିନ ତାରିଖ ୦୫.୦୯.୨୦୨୪ ମାଧ୍ୟମରେ ଏକ ସରକାରୀ ନିର୍ଦ୍ଦେଶନାମା ଜାରି କରିଥିଲେ। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୃହ ବିଭାଗ ପତ୍ର ସଂଖ୍ୟା ୨୬୭୦୧ ତାରିଖ ୨୭.୦୭.୨୦୨୪, ଓଡ଼ିଶାର ସମସ୍ତ ପୁଲିସ ଜିଲ୍ଲା ଏବଂ ପ୍ରତିଷ୍ଠାନ ଗୁଡ଼ିକୁ ଏଫଆଇଆର, ସୂଚନା ରିପୋର୍ଟ ଏବଂ ପୁଲିସ ଷ୍ଟେସନରେ ସରକାରୀ ଚିଠି ସମେତ ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ରାଜ୍ୟ ପୁଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା ୩୩୬୫୪/ ନୀତି ତାରିଖ ୩୧.୦୭.୨୦୨୪ ମାଧ୍ୟମରେ ପ୍ରସାରିତ କରାଯାଇଥିଲା। ଏସବୁ ସତ୍ତ୍ୱେ ତେବେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ପୁଲିସ ମୁଖ୍ୟାଳୟ ପକ୍ଷରୁ ଆଦେଶ ଜାରି କରାଯିବା ପରେ ମଧ୍ୟ ଏବେ ବି ଥାନା, ଫାଣ୍ଡି ଓ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ବ୍ୟବହାର ବାଧ୍ୟତାମୂଳକ ହେଉନଥିବାରୁ ସରକାରୀ ନିର୍ଦ୍ଦେଶନାମା ପ୍ରହସନରେ ପରିଣତ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

■ କେନାଲ ଥାଇ ବି ଚାଷୀଙ୍କ କାମରେ ଲାଗୁନି

## ଡାଲୁଅ ଚାଷ କରି ଚାଷୀ ହତାଶ

କୁଜଙ୍ଗ,୨୬।୩ (ସମିସ): ଚାଷ ପାଇଁ କେନାଲ ଖୋଳାଯାଇଛି। ମାତ୍ର ଦୀର୍ଘ ବର୍ଷ ହେବ ରବି ଫସଲ ପାଇଁ ତାଳଦଣ୍ଡା କେନାଲର କେତେକ ଉପ କେନାଲରେ ପାଣି ଆସୁନଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଗତ ଖରିଫ ଫସଲରେ ଅଦିନିଆ ଲଘୁଚାପ ବର୍ଷା ବହୁ ଚାଷୀଙ୍କ ଧାନ ଉଜାଡିଥିବା ବେଳେ କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତର କିଛି ଚାଷୀ କେନାଲ ପାଣିକୁ ଭରସା କରି ନାଳ କଡ଼ରେ ଡାଲୁଅ ଚାଷ କରିଥିଲେ। ମାତ୍ର କେନାଲରେ ପାଣି ଆସୁନଥିବାରୁ



ଡାଲୁଅ ତଳି ମଧ୍ୟ ମରିଯାଇଥିଲା। ଯେଉଁ କିଛି ଅଞ୍ଚଳରେ ତଳି ଘେରା ଉପୁରି ଯାଇଥିଲା, ସେଥିରେ କେନାଲ ପାଣି ଅଭାବରୁ ଏବେ ଡାଲୁଅ ଫସଲ ମରିବାକୁ ବସିଲାଣି। ଫଳରେ କିରାସିନି ତେଲ ୧୦୦ ଟଙ୍କା ଦେଇ ଚାଷୀ ଉଠାପମ୍ପରେ ପାଣି ମଡ଼ାଇବା କଷ୍ଟକର ହୋଇପଡିଛି। ଏହି ସମସ୍ୟା ଭୋଗୁଛନ୍ତି ଜଣାଶୁଣା ଶିକ୍ଷିତ ଚାଷୀ ପ୍ରଭାକର ସାହୁ ଓ ଅଭୟ ସାମଲ। ପ୍ରଭାକର ସାହୁ ନିଜ ଜମିରେ ସବୁବେଳେ ରବି ଫସଲ କରନ୍ତି। ମାତ୍ର ବିଗତ କିଛି ବର୍ଷ ହେବ ରୋଗ ପୋକ ସମସ୍ୟା ସହ ଜଳାଭାବ ଯୋଗୁ ରବି ଫସଲ ଉପରେ ଅଧିକ ଧ୍ୟାନ ନଦେଇ ଡାଲୁଅ ଚାଷରେ ମନ ଦେଇଥିଲେ। ପ୍ରାୟ ଦୁଇ ଏକର ଚାଷ କରିବା ଆଶାରେ ତଳି କରିଥିଲେ, ମାତ୍ର ପାଣି ସମସ୍ୟା ଯୋଗୁ ଏବେ ତଳି ମରିବା ସହ ଚାଷ ମଧ୍ୟ ପ୍ରଭାବିତ ହେଲାଣି। ଏହି ସମସ୍ୟା ପ୍ରଭାକରଙ୍କ ଭଳି ଅନେକ ଚାଷୀଙ୍କର। ବରିଷ୍ଠ ଚାଷୀ ଅଭୟ ସାମଲ ମଧ୍ୟ ନିଜର ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ କରି ଡାଲୁଅ କରିଛନ୍ତି। ଏବେ ଡାଲୁଅ ରୋଗ ପୋକ କବଳରେ। ଏହା ସାଙ୍ଗକୁ ଉତ୍କଟ ଜଳାଭାବ ତାଙ୍କୁ କ୍ଷତି ପହଞ୍ଚାଇଥିବା ଅଭିଯୋଗ ହୋଇଛି। ତାଳଦଣ୍ଡା କେନାଲର ୧୩ ଉପ କେନାଲ କଡ଼ରେ ଏକଦା ଶହ ଶହ ଏକର ତରଭୁଜ ଚାଷ ସହ ରବି ଫସଲ ଓ କେତେକ ଅଞ୍ଚଳରେ ଡାଲୁଅ ଚାଷ ମଧ୍ୟ କରାଯାଉଥିଲା। ମାତ୍ର ବିଗତ ୧୦ ବର୍ଷ କେନାଲରେ ପାଣି ଆସୁନଥିବା ଯୋଗୁ ଚାଷୀ କେବଳ ଧାନ ଚାଷଟି କରି ଘରେ ବସୁଛି। ଅନ୍ୟ କେତେକ ଚାଷୀ ଉର୍ବର ଜମିରେ ଧାନ ରବି ଫସଲ ପରିବର୍ତ୍ତେ ଏବେ ପୋଖରୀ ଖୋଳି ମାଛ ଚାଷ କରିବାକୁ ପସନ୍ଦ କରୁଥିବା ଅଭିଯୋଗ କରିଛନ୍ତି ଯୁବ ଚାଷୀ ତଥା ପ୍ରାକ୍ତନ ନାଏବ ସରପଞ୍ଚ କିଶୋର ପରିଡ଼ା। ତୁରନ୍ତ ତାଳଦଣ୍ଡା ଉପ କେନାଲରେ ପାଣି ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ବିଏସ୍ଏନ୍ଏଲ୍ ସେବା ଅଚଳ

ପଟ୍ଟାମୁଣ୍ଡାଇ,୨୬।୩ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୩ ଦିନ ହେଲା ବିଏସ୍ଏନ୍ଏଲ ସେବା ଅଚଳ ହୋଇପଡ଼ିଛି। ଫଳରେ ଉପଭୋକ୍ତା ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଏସ୍ଏନ୍ଏଲ ନମ୍ବର ଥିବା କୌଣସି ମୋବାଇଲ କାମ କରୁନଥିବା ବେଳେ ଫୋନ କଲ ଯାଉନଥିବା ଅଭିଯୋଗ ହୋଇଛି। ସେହିପରି ବିଏସ୍ଏନ୍ଏଲର ଇଣ୍ଟରନେଟ ସେବା ମଧ୍ୟ ଅଚଳ ହୋଇପଡ଼ିଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଗଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ପଟ୍ଟାମୁଣ୍ଡାଇରେ ଅବସ୍ଥାପିତ ବିଏସ୍ଏନ୍ଏଲର ଜେଟିଓଙ୍କର ମଧ୍ୟ କାର୍ଯ୍ୟାଳୟରେ ଦେଖା ମିଳୁନଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ବିଏସଏନଏଲ ଏକ ଭରସା ଯୋଗ୍ୟ ସଂସ୍ଥା ହୋଇଥିଲେ ହେଁ ଗତ ୩ ଦିନ ଧରି ଏହା ଅଚଳ ଅବସ୍ଥାରେ ଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଇଣ୍ଟରନେଟ ସେବା ଅଚଳ ହୋଇପଡିଥିବାରୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକମାନେ ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

## ବିଶ୍ୱ ଜଳ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୨୬ ।୩(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଜଳ ସଂରକ୍ଷଣ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଜଳ ଦିବସ-୨୦୨୫ ଉପଲକ୍ଷେ ମୋ ଭାରତ, କେନ୍ଦ୍ରାପଡ଼ା ନେହେରୁ ଯୁବ କେନ୍ଦ୍ର ଏବଂ ଉତ୍କଳମଣି ଯୁବକ ସଂଘ ମିଳିତ ଉଦ୍ୟମରେ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। "ଜଳ ହେଉଛି ଜୀବନ' ବିଷୟ ଉପରେ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଚିତ୍ରାଙ୍କନରେ ଭାଗ ନେଇଥିଲେ। ଗୁଣ୍ଡୁପୁର ସରସ୍ୱତୀ ସେବା ସଙ୍ଗଠନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା, ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ସତ୍ୟବ୍ରତ ପ୍ରଧାନ, ସଞ୍ଜୀବ କୁମାର ତରାଇ, ନିମାଇଁ ଚରଣ ଦାଶ, ଅମୀୟ ସାହୁ, ବିକ୍ରମ ଦାସ , ମୋନାଲିସା ରାଉତ,ମଳୟ ରଞ୍ଜନ ବାରିକ୍, ସତ୍ୟ ରଞ୍ଜନ ସାହୁ, ଉତ୍କଳମଣି ଯୁବକ ସଂଘର ସମ୍ପାଦକ ବୈଷ୍ଣବ ବେହେରା ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣର ଅବଶ୍ୟକତା ଏବଂ ଏହି ମୂଲ୍ୟବାନ ସମ୍ପଦର ଉପଯୋଗୀ ବ୍ୟବହାର ବିଷୟରେ ଭାଷଣ ଦେଇଥିଲେ। ଚିତ୍ରକଳା ପ୍ରତିଯୋଗୀତାରେ ପ୍ରଜ୍ଞା ପରମିତା ସାହୁ ପ୍ରଥମ, ଶ୍ରୀୟା ସୋନମ୍ ସାହୁ ଦ୍ୱିତୀୟ, ପୂର୍ଣ୍ଣଚନ୍ଦ୍ର ଜେନା ଓ ପ୍ରିତିସମ୍ପୂର୍ଣ୍ଣା ତରାଇ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଭୂତି ପ୍ରଧାନ ସ୍ୱାଗତ ଭାଷଣ ଓ ମଦନ ଦାସ ଧନ୍ୟବାଦ୍ ଦେଇଥିଲେ।

## ଏସ୍‌ଭିଏମ୍ କଲେଜର ନୂଆ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ସୁଜାତା ଓତା

ଜଗତସିଂହପୁର,୨୬।୩ (ସମିସ): ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଡଃ.ସୁଜାତା ଓତା ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତଙ୍କ କାର୍ଯ୍ୟାଳୟରେ ବିଧିବଧ ଭାବେ ଡଃ ଓତା ଦାୟିତ୍ୱ ନେଇଥିଲେ। ଡଃ ସୁଜାତା ଓତା ଏହାପୂର୍ବରୁ ଯାଜପୁର ଜିଲ୍ଲା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ



ପ୍ରାଧ୍ୟାପକ ଭାବେ ଦାୟିତ୍ୱ ତୁଲାଉଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ମହାବିଦ୍ୟାଳୟ ପରିଚାଳନା କମିଟି ସମେତ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀମାନେ ନୂଆ ଅଧ୍ୟକ୍ଷାଙ୍କୁ ସ୍ୱାଗତ କରିଛନ୍ତି। ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ଶୈକ୍ଷିକ ଅଧିକାରୀ ଅଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ବିତ୍ତୀୟ ଅଧିକାରୀ ନୃସିଂହ ଚରଣ ସାମନ୍ତରାୟ, ପରୀକ୍ଷା ନିୟନ୍ତ୍ରକ ଡଃ. ମନୋଜା ମଞ୍ଜରୀ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷା ବନ୍ଦିତା ଦାସ ଏବଂ ମିଡିଆ ବିଭାଗ ମୁଖ୍ୟ ଶୁଭେନ୍ଦୁ ମୌଳିନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

● କାମ କରିବାକୁ ଯାଇ ମୃତ

## ସାଉଥ୍ ଆଫ୍ରିକାରୁ ଶବ ଫେରାଇ ଆଣିବାକୁ ନିବେଦନ



ପଟ୍ଟାମୁଣ୍ଡାଇ,୨୬।୩ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଓ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର କ୍ଷୀରୋଦ ମଲ୍ଲିକଙ୍କ ପୁଅ ପ୍ରତାପ ମଲ୍ଲିକ ସାଉଥ ଆଫ୍ରିକାରେ କାମ କରିବାକୁ ଯାଇଥଲେ। ମାର୍ଚ୍ଚ ୨୫ ତାରିଖ ରାତି ୯ଘଟିକାରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଛି। ଏହି ଖବର ପାଇଁ ପ୍ରତାପଙ୍କ ପରିବାର ଲୋକମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି। ସାଉଥ ଆଫ୍ରିକାରୁ ତାଙ୍କ ମୃତଦେହ ଶ୍ରୀରାମପୁର ଗାଁକୁ ଆଣିବା ପାଇଁ ଶ୍ରୀରାମପୁର ପଞ୍ଚାୟତବାସୀ ଓ ମୃତ ପ୍ରତାପଙ୍କ ପରିବାର ଲୋକମାନେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିବେଦନ କରିଛନ୍ତି।

## ଶାସନ ପଞ୍ଚାୟତରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଳିପୁର,୨୬ ।୩(ସମିସ):ରାଜନଗର ବ୍ଲକ ଚିକିତ୍ସାଳୟର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମିକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ



ଶାସନ ଗ୍ରାମ ପଞ୍ଚାୟତ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜନଗର ଚିକିତ୍ସାଳୟର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିକାନ୍ତ ମହାନ୍ତି, ଏବଂ ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିରାକାର ପରିଡ଼ା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଏବଂ ବିପିନ ରାଉତ ଯୋଗ ଦେଇଥିଲେ। ଶାସନ ସତ୍ୟସାଇ ସେବା ସଙ୍ଗଠନ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ନିମପୁର ଶାସନ ହାଇସ୍କୁଲର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ,ଉତୀକଣ ସଂଗ୍ରାମ ପରିଷଦ ଏବଂ ବସନ୍ତ ସେନା ପରି ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗ କରିଥିଲେ। ୧୭୩ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲା। ସତ୍ୟସାଇ ସେବା ସଂଗଠନର ଗୋପବନ୍ଧୁ ନାୟକ, ସୁଷମା ନାୟକ, ରମେଶ ଜେନା, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ଡ଼ାମରପୁର ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ନାଥ, ନିମପୁର ଶାସନ ହାଇସ୍କୁଲ ର ପ୍ରଧାନଶିକ୍ଷକ ତପନ ରାୟ, ସ୍କୁଲ କମିଟି ଚେୟାରମ୍ୟାନ ବାସୁଦେବ ସେଠୀ, ଉତୀକଣ ସଂଗ୍ରାମ ପରିଷଦ ସଭାପତି ପ୍ରଶାନ୍ତ ମହାନ୍ତି, ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ, ସ୍ୱେଚ୍ଛସେବୀ ତୀର୍ଥ ପରିଡ଼ା, ଅମିୟ ଦାସ, ଶୁକଦେବ ଦାସ, ପଞ୍ଚାନନ ଧଳ, ନାରାୟଣ ଦାସ, କସ୍ତୁରି ଚରଣ ମହାନ୍ତି, ରମାକାନ୍ତ ଦାସ, ଶଶଧର ବେହୁରା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।ଶେଷରେ ଡାକ୍ତର ରଶ୍ମିକାନ୍ତ ମହାନ୍ତି କାର୍ଯ୍ୟକ୍ରମ ଉଦଯାପନ କରିଥିଲେ।

## ଫସଲରେ ଘାସ ନିୟନ୍ତ୍ରଣ ସଚେତନତା ଶିବିର



ଜଗତସିଂହପୁର,୨୬।୩(ସମିସ): ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ର ଓ ସର୍ବଭାରତୀୟ ସମନ୍ୱିତ ତୃଣକ ଦମନ ଗବେଷଣା ପ୍ରକଳ୍ପ, ଓୟୁଏଟି ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିରେ ଧାନ ଓ ମୁଗ ଫସଲରେ ଘାସ ନିୟନ୍ତ୍ରଣ ସମ୍ପର୍କରେ ଏକ ସଚେତନତା ଶିବିରର କୁଜଙ୍ଗ ବ୍ଲକ ଅଧିନସ୍ଥ ବାଗୋଇ ଗ୍ରାମରେ ଆୟୋଜିତ ହୋଇଯାଇଛି। ଏଥିରେ ତୃଣକ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଡ. ରବିରନ୍ଦ୍ର ଦାଶ ଯୋଗଦେଇ ବିଭିନ୍ନ ଫସଲରେ ଘାସ ନିୟନ୍ତ୍ରଣର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେହିପରି ଡ. ମହମ୍ମଦ ଅବଦୁଲ ଆଲିମ ଏଥିରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଅନ୍ୟାନ୍ୟ ଫସଲରେ ଘାସର ଭୟାବହତା, ପ୍ରାଦୁର୍ଭାବ ଓ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ସମନ୍ୱିତ ପଦ୍ଧତିରେ ଫସଲରେ କିପରି ଘାସର ପରିଚାଳନା କରିହେବ ସେ ସମ୍ପର୍କରେ ମଧ୍ୟ ଚାଷୀ ଭାଇ ମାନଙ୍କୁ ଅବଗତ କରାଇଥିଲେ। ଏଥିରେ ଗାଜର ଘାସ ସମ୍ବନ୍ଧିତ ତିନି ଗୋଟି ପୁସ୍ତିକା ଓ ଧାନ ଫସଲରେ ଘାସ ନିୟନ୍ତ୍ରଣ ପୁସ୍ତିକା ଚାଷୀ ଭାଇ ମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ହରିଜନ ଚାଷୀ ମାନଙ୍କୁ କୋଦାଳ ବଣ୍ଟନ କରାଯାଇଥିଲା। ଏହି ସଭାକୁ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର,ଜଗତସିଂହପୁର ବୈଜ୍ଞାନିକ ଡ. ଜୀବନ୍ ଜିତ୍ ସେନ ପରିଚାଳନା କରିଥିଲେ। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର,ଜଗତସିଂହପୁରର ବୈଜ୍ଞାନିକ ଗଣ ଓ ପାଖାପାଖି ଗ୍ରାମର ଚାଷୀ ଭାଇ ମାନେ ଯୋଗ ଦେଇଥିଲେ।

## ବିଶ୍ୱଶାନ୍ତି କୈବଲ୍ୟ ମହାଯଜ୍ଞରେ ଯୋଗଦେଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କେନ୍ଦ୍ରାପଡା,୨୬।୩(ସମିସ): କେନ୍ଦ୍ରାପଡା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମପଞ୍ଚାୟତର ଇନ୍ଦୁପୁରଠାରେ ଇନ୍ଦୁପୁର ବାରୁଣୀ ତୀର୍ଥସ୍ନାନ ମହୋତ୍ସବର ୨୩ତମ ବାର୍ଷିକଉତ୍ସବ ଅବସରରେ କ୍ଷତିଜ୍ୟୋତି ଆଶ୍ରମ, ଇନ୍ଦୁପୁର ଶାଖା ଏବଂ ଅନ୍ତର୍ରାଷ୍ଟ୍ରୀୟ ଆଧ୍ୟାତ୍ମିକ ସାମାଜିକ ବିକାଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱଶାନ୍ତି କୈବଲ୍ୟ ମହାଯଜ୍ଞ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଧର୍ମପତ୍ନୀ ଡ. ପ୍ରିୟଙ୍କା ମାରାଣ୍ଡି ଯୋଗଦେଇ ଆର୍ଶିବଚନ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀମତୀ ମାରାଣ୍ଡୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ଏକଘଣ୍ଟାକାଳ ଶ୍ରୀମତୀ ମାରାଣ୍ଡି ଯଜ୍ଞସ୍ଥଳରେ ଉପସ୍ଥିତ ରହି ଅର୍ଶିବଚନ ଗ୍ରହଣ କରିଥିଲେ।



ଏହାପରେ ଶ୍ରୀମତୀ ମାରାଣ୍ଡି ଇନ୍ଦୁପୁର ଜଳସେଚନ ଡାକବଙ୍ଗଳାରେ କିଛି ସମୟ ବିଶ୍ରାମ ନେଇ ଭୁବନେଶ୍ୱର ଫେରିଯାଇଥିଲେ। ଏହି ଯଜ୍ଞରେ ଶ୍ରୀମତୀ ମାରାଣ୍ଡିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷତିଜ୍ୟୋତି ଆଶ୍ରମ, ମାହାଙ୍ଗାର ବିଶିଷ୍ଟ ପ୍ରବଚକ ସତ୍ୟଚୈତନ୍ୟ ଦାସ(ସୁନିଲବାବା), ଗୁପ୍ତବ୍ରହ୍ମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗାର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚିନାରାୟଣ ଦାସ, ବାରୁଣୀ ତୀର୍ଥସ୍ନାନ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ପ୍ରକାଶ କୁମାର ଜେନା, ସ୍ଥାନୀୟ ସରପଞ୍ଚ ପ୍ରଦୀପ୍ତରଞ୍ଜନ ସୂତାର, ସମିତିସଭ୍ୟା ସୁନନ୍ଦା ମଳିକ, ସମାଜସେବୀ ଦେବାଶିଷ ସାମଲ, ଇନ୍ଦୁପୁର ଶାଖାର ଶାଖାପରିଚାଳକ ବଂଶୀଧର ମଳିକ, ସମ୍ପାଦକ ଗନ୍ଧର୍ବ ମଳିକ, ଆଶ୍ରମର ପୂଜକ ଆଚାର୍ଯ୍ୟ ଅନିଲ କୁମାର ଦାସ ଓ ସୁନିଲ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଭେନାଇଲ୍ ଜଷ୍ଟିସ ଆକ୍ଟ ସଚେତନତା ଶିବିର



ପଟ୍ଟାମୁଣ୍ଡାଇ,୨୬ ।୩(ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ତାଲୁକ ଆଇନ ସେବା ସମିତି ପକ୍ଷରୁ ଜୁଭେନାଇଲ ଜଷ୍ଟିସ ଆକ୍ଟ ବିଷୟ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର କୁରୁଣ୍ଟି କଞ୍ଚନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ କୋର୍ଟ ଅତିରିକ୍ତ ଜିଲ୍ଲା ଦୌରା ଜଜ ବିଦ୍ୟାଧର ପୃଷ୍ଟି ପୌରହିତ୍ୟ କରିଥିଲେ। ସିନିୟର୍ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତିର ଅଧ୍ୟକ୍ଷା ସୁଶ୍ରୀ ସଙ୍ଗୀତା ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରି ଜୁଭେନାଇଲ ଜଷ୍ଟିସ ଆକ୍ଟ ବିଷୟରେ ସଚେତନ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ବିଚାରପତି ତଥା ଜେଏମଏଫସି. ବିଦ୍ୟୁତ ଲତା ପ୍ରଧାନ, ଅତିରିକ୍ତ ସିଭିଲ ଜଜ୍ ଡିକେ ବାଲକ୍ରିଷ୍ଣନ୍ ଜୁଭେନାଇଲ ଆକ୍ଟ ବିଷୟରେ ଆଲୋଚନା କରିବା ସହିତ ସମଗ୍ର ଭାରତ ବର୍ଷରେ ଶିଶୁମାନେ କିପରି ନିଜ ସମ୍ପର୍କୀୟମାନଙ୍କ ଦ୍ୱାରା ପୀଡ଼ିତ ହେଉଛନ୍ତି ତାହା ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୮ ବର୍ଷରୁ କମ ଶିଶୁ ମାନଙ୍କ ପ୍ରତି ହେଉଥିବା ଯୌନ ଅତ୍ୟାଚାରକୁ ରୋକିବା ପାଇଁ, ପିଲାମାନେ ସଚେତନ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ସଚେତନତା ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ର ଯୋଗ ଦେଇ ଜୁଭେନାଇଲ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନ କୋଷାଧ୍ୟକ୍ଷ ତଥା ଫ୍ରଣ୍ଟ ଅଫିସ ରିଟେନର ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଶିବିରରେ ସିଭିଲ କୋର୍ଟର ଲିଗାଲଏଡ଼ର ସମସ୍ତ କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ସମସ୍ତ ପିଏଲଭି ସଭ୍ୟ ଓ ସଭ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। କଞ୍ଚନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଜେନା ଧନ୍ୟବାଦ ଦେଇଥିଲେ।

ଜାତୀୟ ନାଟ୍ୟ ମହୋତ୍ସବର ଉଦ୍‌ଯାପିତ

# ମଞ୍ଚସ୍ଥ ହେଲା ନାଟକ 'ଶତ୍ରୁ - ଦ ଏନ୍‌ମି ୱିଦିନ'

ପାରାଦୀପ,୨୬ ।୩(ସମିସ):

ବନ୍ଦର ନଗରୀ ପାରାଦୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆଠ ଦିନ ଧରି ଆୟୋଜିତ 'କ୍ୟାନଫେଷ୍ଟ - ୨୦୨୫' ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆ ଦିଲ୍ଲୀର କଳାକାରମାନେ ସୁନିଲ ରାୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ 'ଶତ୍ରୁ - ଦ ଏନ୍ମି ଉଇଦିନ'ମଞ୍ଚସ୍ଥ କରିଥିଲେ। ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ। ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି। ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ। ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ। ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି। ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ





ହୁଅନ୍ତି । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି। ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ୍ଣ ଏକା ପାଆନ୍ତି। ନିର୍ବାସକୁ ଯିବା ପୂର୍ବରୁ ଦେବଦତ୍ତ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି। କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚନ ଦେଉଛନ୍ତି। ସେଠାରେ ସେ ତାଙ୍କର ଘୋର ପାପରୁ ମୁକ୍ତି ପାଆନ୍ତି ଏବଂ ଶେଷରେ ଦଶନ୍ଧି ଧରି ମଗଧର ଜଣେ ଶାନ୍ତିପ୍ରିୟ ଏବଂ ଦକ୍ଷ ଶାସକ ହୋଇଯାଆନ୍ତି। ଗ୍ରୀକ୍ ପୌରାଣିକ ନାଟକରେ ଓଡ଼ିପସ ତାଙ୍କ ପିତାଙ୍କୁ ହତ୍ୟା କରନ୍ତି ଏବଂ ଏହି ଭୟଙ୍କର ଅପରାଧର ପରିଣାମ ସ୍ୱରୂପ ଏକ ଦୁଃଖଦ ପରିଣାମ ପାଆନ୍ତି। କୁଣେକ ସମାନ ଅପରାଧ କରନ୍ତି, କିନ୍ତୁ ବୌଦ୍ଧ ଧର୍ମର ଦର୍ପଣରେ ସେ ସତ୍ୟର ସାମ୍ନା କରନ୍ତି, ନିଜର ଭୁଲକୁ ଗ୍ରହଣ କରନ୍ତି ଏବଂ ସଂଘର୍ଷ ମାଧ୍ୟମରେ ନିଜକୁ ମୁକ୍ତି ଦିଅନ୍ତି। ଶେଷରେ ସେ ଇତିହାସରେ ଅଜାତଶତ୍ରୁ ଭାବରେ ପରିଚିତ ହୁଅନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ପଲିଟିକାଲ ବିଜନେସ ଡେଲିର ରେସିଡେଣ୍ଟ ଏଡିଟର ବିଜୟ ମିଶ୍ର, ପାରାଦୀପ ମୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପି ପି ଏଲ ୟୁନିଟ ହେଡ ପାଳନିସମୀ ଭେଲୁସମୀ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥି ନିଲାଭ୍ର ଦାସଗୁପ୍ତା ଜୀବନ ବ୍ୟାପି ସାଧନା ପାଇଁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ, ବନ୍ଦରର ଅର୍ଥ ପରାମର୍ଶଦାତା ଡି ଏନ ଶୋଣ୍ଡି, ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ତଥା କାନ୍‌ମାସର ମିଡ଼ିଆ ସଂଯୋଜକ ନୀରୋଜ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ। ଶେଷରେ କାନମାସର ସମ୍ପାଦକ ନାରାୟଣ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରାଦେଶିକ ମେଧା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା



ଓଡ଼ାପଡ଼ା, ୨୬ ।୩(ସମିସ): ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ପ୍ରାଦେଶିକ ମେଧା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାକୁ ସୁଚାରୁରୂପେ ପରିଚାଳନା ପାଇଁ କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ମଧ ସମ୍ବାଗର ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା ପ୍ରମୁଖ ତଥା ଓଡ଼ିଶ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ମଙ୍ଗୁଲୁ ଚରଣ ସାହୁ ଯୋଗଦେଇଥିଲେ। ପ୍ରଥମ ଦିନ ପ୍ରାଦେଶିକ ମେଧା ପରୀକ୍ଷା ହୋଇଥିଲା। ପରଦିନ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ପରିଚାଳକ ଭାବେ ସ୍ଥାନୀୟବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ଦାୟିତ୍ୱ ତୁଲାଇଥିଲେ। ପ୍ରାଦେଶିକ ମେଧା ପରୀକ୍ଷାରେ ୭୦ ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୫୫ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଓଡ଼ାପଡ଼ା ସଂକୁଳର ଓଡ଼ାପଡ଼ା, ଇନ୍ଦିପୁର, କାଶିଆଡ଼ି, ସିମିନଇ, ଧଳପୁର, ମୋଟଙ୍ଗା ଓ ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପରୀକ୍ଷା ପ୍ରମୁଖ କ୍ଷୀରାବ୍ଧି ତନୟା ମହାପାତ୍ର ପରୀକ୍ଷା ସଂଯୋଜନା କରିଥିଲେ। ଓଡ଼ାପଡ଼ା ସଂକୁଳର ପ୍ରମୁଖ ଅଶୋକ କୁମାର ମହାରଣା ପରୀକ୍ଷା ପରିଦର୍ଶନ କରିଥିଲେ। ପରିଚାଳନା ସମିତି ସଭାପତି ବୈକୁଣ୍ଠନାଥ ବେହେରା, ସମ୍ପାଦିକା ବନଲତା ମହାପାତ୍ର, ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାଭୋଇ, ରଞ୍ଜନ କୁମାର ପୃଷ୍ଟି, ସଦସ୍ୟ ଅମିତା ବେହେରା, ସଂଘମିତ୍ରା ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ନିର୍ମଳ କୁମାର ବେହେରା, ରଞ୍ଜନ କୁମାର ବେହେରା, ଗଗନ ବିହାରୀ ନାୟକ ଏବଂ ଆଚାର୍ଯ୍ୟା ଅଶାନ୍ତି ସାହୁ, ମୋନାଲିସା ପଟ୍ଟନାୟକ, ସସ୍ମିତା ସାହୁ କକ୍ଷ ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ।

# କଂଗ୍ରେସ ପକ୍ଷରୁ 'ଘଣ୍ଟ ଧ୍ୱନି' ପ୍ରତିବାଦ ସଭା

ଢେଙ୍କାନାଳ, ୨୬ ।୩(ସମିସ)



ରାଜ୍ୟରେ ନାରୀ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଘଣ୍ଟଧ୍ୱନି ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ନାରୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର, ବଳାତ୍କାର, ଗଣଦୁଷ୍କର୍ମ, ହତ୍ୟା, କିଶୋରୀ ଗର୍ଭବତୀ ହେବା, ରାଜ୍ୟରୁ ୪୦ ହଜାର ମହିଳା ନିଖୋଜ ହେବା ପ୍ରତିବାଦରେ ଓଡ଼ିଶା କଂଗ୍ରେସ ମୋହନ ମାଝି ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟରେ କଂଗ୍ରେସ ବିକ୍ଷୋଭ ସମାବେଶ ଆୟୋଜନ କରିବା ସହ ବିଧାନସଭାରେ ଗୃହ କମିଟି ଗଠନ କରି ସମସ୍ୟା ସମାଧାନ ନିମନ୍ତେ ଦାବି ଉପସ୍ଥାପନ କରିଛି। କିନ୍ତୁ ଏପରି ସ୍ପର୍ଶକାତର ପ୍ରସଙ୍ଗରେ ସହଯୋଗ କରିବା ପରିବର୍ତ୍ତେ ଶାସକ ଦଳ ସଭ୍ୟମାନେ କଂଗ୍ରେସ ବିଧାୟକଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବାସହ ଆକ୍ରମଣ କରିବା ଏବଂ ପରେ କଂଗ୍ରେସ ତରଫରୁ ଘଣ୍ଟବାଦ୍ୟ କରି ପ୍ରତିବାଦ କରିବା ପରେ ୧୨ ବିଧାୟକଙ୍କୁ ଗୃହରୁ ୭ଦିନ ନିଲମ୍ବନ କରିବା ଗଣତନ୍ତ୍ର ପ୍ରତି କୁଠାରାଘାତ। ଏହା ମାଝି ସରକାରର ଏକଛତ୍ରବାଦ ତଥା ବାଚସ୍ପତିଙ୍କ ପକ୍ଷପାତ ବିଚାର ବୋଲି ଜିଲ୍ଲା କଂଗ୍ରେସ ସମାଲୋଚନା କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଅଭିନବ ଢଙ୍ଗରେ ଘଣ୍ଟ ବଜାଇ ପ୍ରତିବାଦ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପୂର୍ବତନ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ବିପ୍ରବର ସାହୁ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ସରୋଜ ଶତପଥୀ, ଫକୀର ବେହେରା, ଉର୍ମିଳା ଦାଶ, ଗୟାରାମ ସେଠୀ, ସର୍ବେଶ୍ୱର ବ୍ରହ୍ମ ପ୍ରମୁଖ ଯୋଗଦେଇ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ତୀବ୍ର ସମାଲୋଚନା କରିଥିଲେ। ଗୁରୁବାର କଂଗ୍ରେସ ପକ୍ଷରୁ ହେବାକୁ ଥିବା ବିଧାନସଭା ଘେରଉ କାର୍ଯ୍ୟକ୍ରମକୁ ଡରି ତାକୁ ଭଣ୍ଡୁର କରିବା ପାଇଁ ମାଝି ସରକାର ପିସିସି ସଭାପତି ଦାସଙ୍କ ସମେତ ପୂର୍ବତନ ସଭାପତି ଜୟଦେବ ଜେନା ଓ ଛାତ୍ରନେତାମାନଙ୍କୁ ଗିରଫ କରି, ଜିଲ୍ଲା ସ୍ତରରେ ନେତାମାନଙ୍କୁ ଗିରଫ କରିବା ପାଇଁ ଚକ୍ରାନ୍ତ କରୁଛି। ଏପରି ଦମନମୂଳକ କାର୍ଯ୍ୟ କରି ଗଣତାନ୍ତ୍ରିକ ସ୍ୱରର କଣ୍ଠରୋଧ କରିବା ପାଇଁ ଚେଷ୍ଟାକଲେ କଂଗ୍ରେସ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ନେତାଗଣ ସରକାର ଏବଂ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବାମପନ୍ଥୀ ଦଳ ତରଫରୁ ଏହି ଆନ୍ଦୋଳନକୁ ସମର୍ଥନ କରାଯାଇଥିବା ସରୋଜ ଶତପଥୀ ଜଣାଇଛନ୍ତି।

■ ଦୁର୍ଘଟଣାରେ କର୍ମଚାରୀଙ୍କ ମୃତ୍ୟୁ

# ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଶୋକସଭା



କାମାକ୍ଷାନଗର, ୨୬ ।୩(ସମିସ): କାମାକ୍ଷାନଗର ପୂର୍ତ୍ତ ବିଭାଗ କର୍ମଚାରୀ କ୍ଷୀରୋଦ କୁମାର ସାହୁଙ୍କ ବିୟୋଗରେ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ପ୍ରଦୀପ କୁମାର ଦଳେଇ, ଅଚ୍ୟୁତ ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ସୂଚନାଯୋଗ୍ୟ, କ୍ଷୀରୋଦ ଦୀର୍ଘବର୍ଷ ହେବ ଏହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ସୋମବାର ବିଳମ୍ବିତ ରାତିରେ ରେକୁଲାଠାରେ ରାସ୍ତା କାମ ଚାଲୁଥିବାରୁ କ୍ଷୀରୋଦ ସେଠାରେ ତଦାରଖ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମୟରେ ଏକ ହାଇୱା ଧକ୍କା ଦେବା ଯୋଗୁଁରୁ ରାସ୍ତା କାମରେ ନିୟୋଜିତ ପିଚୁ ରୋଲର ମେସିନରେ ଚାପିହୋଇ କ୍ଷୀରୋଦଙ୍କ ସମେତ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା।

# ପୂଜା ସାମଗ୍ରୀ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ



● ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

କାମାକ୍ଷାନଗର, ୨୬ ।୩(ସମିସ): କାମାକ୍ଷାନଗର ସହର ମୁଣ୍ଡିଦେଉଳିସ୍ଥିତ ଏକ ପୂଜାସାମଗ୍ରୀ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଛି। ସୂଚନା ଅନୁସାରେ କାମାକ୍ଷାନଗର ସହରରେ ଅଯୋଧ୍ୟା ପୂଜାଭଣ୍ଡାର କରିଥିବା ଗଗନବିହାରୀ ପାଳ ମୁଣ୍ଡିଦେଉଳିଠାରେ ପୂଜାସାମଗ୍ରୀ ରଖିବା ପାଇଁ ଏକ ଗୋଦାମ ଗୃହ କରିଥିଲେ। ବୁଧବାର ହଠାତ କୌଣସି କାରଣରୁ ଗୋଦାମରେ ଅଗ୍ନିକାଣ୍ଡ ହୋଇଥିଲା। ଫଳରେ ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ପୂଜାସାମଗ୍ରୀ ନଷ୍ଟ ହୋଇଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ବିଦ୍ୟୁତ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# କୁନୁଆଁରେ ଅଗ୍ନିକାଣ୍ଡ; ୨ ବଖରା ଭସ୍ମୀଭୂତ

ହିନ୍ଦୋଳ, ୨୬ ।୩(ସମିସ): ବୁଧବାର ପୂର୍ବାହ୍ନରେ ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା କୁନୁଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ବଖରା ଭସ୍ମୀଭୂତ ହୋଇଛି। ଗ୍ରାମର ସାବିତ୍ରୀ ରାଉତଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର, ଖାଦ୍ୟଶସ୍ୟ ଓ ଘରୋଇ ଉପକରଣ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଛି। ଅଗ୍ନିକାଣ୍ଡରେ ଗ୍ରାମର ଗୋବିନ୍ଦ ରାଉତ, ସୁଷମା ବେୱା ଓ ଜିତ ରାଉତଙ୍କ ଘର ଆଂଶିକ ଭାବେ ପୋଡ଼ିଛି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେମିନାର



ଢେଙ୍କାନାଳ, ୨୬ ।୩(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସ୍ନାତକୋତ୍ତର ବିଭାଗରେ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡସ ଆଣ୍ଡ ରେଗୁଲେସନ ଫର ଫାଇନାନ୍ସିଆଲ ରିପୋର୍ଟିଂ ଦି କି' ଟୁ ଇନଫର୍ମଡ ଫାଇନାନ୍ସିଆଲ ଡିସିସନ୍ସ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଚିତ୍ତରଞ୍ଜନ ସାହୁ ଅଧକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରବୀନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗର ବାର୍ଷିକ ପୁସ୍ତିକା ଏକ୍ସପାୟର ଏବଂ ପ୍ରାଚୀର ପତ୍ରିକା ଦି ଇନୋଭେସନ ଉନ୍ମୋଚିତ ହୋଇଥିଲା। ବାଣିଜ୍ୟ ବିଭାଗ ଅଧାପକ ଓ ଅଧାପିକା ସୌମ୍ୟା ନନ୍ଦ, ଡ. ସମ୍ବିତ କୁମାର ସାହୁ, ଶକ୍ତିପ୍ରସାଦ କବି ଶତପଥୀ, ଆଦିତ୍ୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ମନୋବିଜ୍ଞାନ ବିଭାଗର ସେମିନାର ଦି ନିୟୁ ଆଭେନ୍ୟୁ ଇନ ସାଇକୋଲୋଜି ସମ୍ପର୍କିତ ପାଠଚକ୍ର ଅଧକ୍ଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ଜାଭିୟର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନାଜିଆ ଆରିଫ ଯୋଗଦେଇ ଆଲୋଚନା କରିବା ସହିତ ମନୋବିଜ୍ଞାନ କିପରି ଭାବେ ସମାଜ ଏବଂ ଦୈନିକ ଜୀବନଶୈଳୀକୁ ପ୍ରଭାବିତ କରେ ଓ ଏକ ନୂଆ ଦିଶା ଦେଖାଏ ସେ ଦିଗରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ସୁନନ୍ଦା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା



ହିନ୍ଦୋଳ, ୨୬ ।୩(ସମିସ): ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତ ନବପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇତୀଶ କୁମାର ବରାଳ ଅଧକ୍ଷତା କରିଥିଲେ। ବିଜ୍ଞାନ ଶିକ୍ଷକ ମଦନ ମୋହନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ 'ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର କରିବା ନାହିଁ' ଶୀର୍ଷକ ଶୋଭାଯାତ୍ରାରେ ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରଛତ୍ରୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ବାଲିକିଆରି, ମାଳତୀମୁଣ୍ଡିଆ ଏବଂ ଆମ୍ବଲୁଣ୍ଡି ଗ୍ରାମ ପରିକ୍ରମା କରି ଲୋକଙ୍କୁ ପ୍ଲାଷ୍ଟିକମୁକ୍ତ ଜୀବନଯାପନ ପାଇଁ ସଚେତନ କରାଯାଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଅଞ୍ଜଳି ମଲ୍ଲିକ ପ୍ଲାଷ୍ଟିକ ବିରୋଧୀ ସଚେତନତା ସ୍ୱରୂପ ଚିତ୍ତାକର୍ଷକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସେହିପରି ହିନ୍ଦୀ ଶିକ୍ଷୟିତ୍ରୀ ରଶ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ ସରକାରଙ୍କ ତରଫରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ କରାଯାଇଥିଲା। ଉଭୟ କାର୍ଯ୍ୟକରମରେ ସହକାରୀ ଶିକ୍ଷୟିତ୍ରୀ ଧରିତ୍ରୀ ଜଗଦେବ, ପ୍ରଦୀପ୍ତ କୁମାର ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ଜୀବନଜ୍ୟୋତି ବିଶ୍ୱାଳ, ଅଞ୍ଜଳି ବେହେରା, ପ୍ରଦୀପ ସାହୁ, ସବ୍ୟସାଚୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ

ପରଜଙ୍ଗ, ୨୬ ।୩(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁମୁସି କ୍ଲଷ୍ଟର ଅଧୀନ ବସନ୍ତପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ରୁକ୍ମିଣୀ ଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କୁମୁସି ସରପଞ୍ଚ ବଳରାମ ନାଏକ ମୁଖ୍ୟଅତିଥି, ସିଆରସିସି ପ୍ରଦୀପ କୁମାର ବେହେରା ମୁଖ୍ୟବକ୍ତା, ଅଁଳାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁତ ପଣ୍ଡା, ବିଦ୍ୟାଳୟର ଶିକ୍ଷା କମିଟି ସଭାନେତ୍ରୀ ସ୍ନିଗ୍ଧାରାଣୀ ସାହୁ ଓ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଆରସିସି ପ୍ରଦୀପ କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ଜନାର୍ଦ୍ଦନ ସେଠୀ, ଶିକ୍ଷୟିତ୍ରୀ ଚିତ୍ରକଳା ସିଂ, ସୁଭଦ୍ରା ଦେବତା ସହଯୋଗ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଧର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

କାମାକ୍ଷାନଗର, ୨୬ ।୩(ସମିସ): କାମାକ୍ଷାନଗର ଥାନା ବାଇସିଙ୍ଗା ଗାଁ ନିକଟରେ ଥିବା ଅନୁଗୋଳ-ସୁକିନ୍ଦା ରେଳପଥରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାମାକ୍ଷାନଗର ଥାନା ମାଳପୁରା ଶବର ସାହିର ଛୋଟା ଦେହୁରୀଙ୍କ ପୁଅ ବାପି ଦେହୁରୀ। ବୁଧବାର ସକାଳେ ବାପିଙ୍କ ମୃତଦେହ ରେଳଧାରଣାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୁଲିସ ସହାୟତାରେ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

# ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଲାଗି ଶିକ୍ଷା ବିଭାଗ ତତ୍ପର



ପରଜଙ୍ଗ, ୨୬ ।୩(ସମିସ): ସାରା ରାଜ୍ୟରେ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ସ୍ତରରେ 'ଶିଶୁ ବାଟିକା' ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ ୨ ତାରିଖ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହେବ। ଏଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଯୋଗ୍ୟ ପିଲା ଏହି ନାମଲେଖାରେ କିପରି ଅନ୍ତର୍ଭୁକ୍ତ ହୋଇପାରିବେ ସେ ନେଇ ବିଡିଓ ସୌଭାଗ୍ୟ କୁମାର ବେହେରା, ବିଇଓ ପ୍ରିୟଦର୍ଶିନୀ ନାୟକ, ବିଆରସିସି ସତ୍ୟବ୍ରତ ସାହୁ, ଏବିଇଓ ତରଣୀ ସିଂହ, ସିଆରସିସି ଦିଲୀପ ବେହେରା ପ୍ରମୁଖ ବ୍ଲକର କେତେକ ସ୍କୁଲକୁ ପରିଦର୍ଶନରେ ଯାଇ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପିଲାମାନଙ୍କ ଘରକୁ ଯାଇ ଅଭିଭାବକଙ୍କୁ ସଚେତନ କରିଛନ୍ତି।

# ବଳାରାମଜୀଉ ମନ୍ଦିରରେ ପାପମୋଚନ ଏକାଦଶୀ

ଢେଙ୍କାନାଳ, ୨୬ ।୩(ସମିସ): ସ୍ଥାନୀୟ କୈବଲ୍ୟବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଚୈତ୍ର ମାସର ପାପ ମୋଚନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତ୍ରଧୂପ ଆଦି ପରେ ଏକାଦଶୀ ବେଢ଼ା ଓ ମହାଦୀପ ଉଠିଥିଲା। ପୂଜକ ମନସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା।



# ସରକାରୀ ସହାୟତାରୁ ବଞ୍ଚିତ ଭିନ୍ନକ୍ଷମ କାହ୍ନୁ

ଢେଙ୍କାନାଳ, ୨୬ ।୩(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ହାଣ୍ଡିଫୁଟା ଗ୍ରାମ ହରିଜନ ସାହିର ଅସହାୟ ଭିନ୍ନକ୍ଷମ କାହ୍ନୁ ନାଏକ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ ମାସିକ କେବଳ ୫ କେଜି ଚାଉଳ ମିଳୁଛି। କାହ୍ନୁ ଜଣେ ଶାରୀରିକ ଭିନ୍ନକ୍ଷମ ତଥା ଗରିବ ବ୍ୟକ୍ତି ହୋଇଥିବା ବେଳେ ଅନ୍ୟାନ୍ୟ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ଗରିବ, ଭିନ୍ନକ୍ଷମ ତଥା ଅସହାୟଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ସେହି ସବୁ ଯୋଜନାରୁ ହିତାଧିକାରୀ କେତେ ଉପକୃତ ହେଉଛନ୍ତି ତାହା ତଦାରଖ କରିବାକୁ କେହି ନାହାଁ। ଫଳରେ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ଗ୍ରାମାଞ୍ଚଳର ଅନେକ ବସ୍ତିରେ ରହୁଥିବା ଅସହାୟ ପରିବାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ନାନା ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି। ସେମାନଙ୍କ ମଧ୍ୟରୁ କାହ୍ନୁ ନାଏକ ଅନ୍ୟତମ। କାହ୍ନୁଙ୍କ ପରିବାର କହିଲେ କାହ୍ନୁ ତାଙ୍କ ସ୍ତ୍ରୀ, ୫ ବର୍ଷର ପୁଅ, ୭ ବର୍ଷର ଝିଅ ଏବଂ ୭୦ ବର୍ଷର ବିଧବା ମାଆ। କାହ୍ନୁ ଗତ ୫ ବର୍ଷ ଧରି ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଭଙ୍ଗାଦଦରା ଘରେ ପଡ଼ିରହିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଭାବେ ମାସକୁ କେବଳ ଚାଉଳ ମିଳୁଛି। ଅନ୍ୟାନ୍ୟ ସରକାରୀ ଯୋଜନା ଯେମିତି ସେମାନଙ୍କ ଭାଗ୍ୟରେ ନାହିଁ। ସବୁ କଛାଘରକୁ ପକ୍କା କରିବା ଲକ୍ଷ୍ୟରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ବାବୁମାନେ ଘର ଘର ବୁଲି ସର୍ଭେ କରୁଛନ୍ତି। କିନ୍ତୁ କାହ୍ନୁଙ୍କ ଭଙ୍ଗାଦଦରା ଘରକୁ କେହି ଆଡ଼ ଆଖିରେ ଚାହୁଁ ନ ଥିବା ସେ ଅଭିଯୋଗ କରିଛନ୍ତି। ଗତ ୧ ମାସ ତଳେ କାହ୍ନୁଙ୍କ କଚ୍ଚା ଘରକୁ ବଣୁଆ ହାତୀ କିଛି ଅଂଶ ଭାଙ୍ଗି ଦେଇଥିଲେ। ଅର୍ଥାଭାବରୁ କାହ୍ନୁ ତାହାକୁ ମରାମତି କରିପାରୁ ନାହାନ୍ତି। ଘର ଖଣ୍ଡିଏ କରିବା ପାଇଁ ଆର୍ଥିକ ସହାୟତା ନିମନ୍ତେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆଜିପର୍ଯ୍ୟନ୍ତ ତାଙ୍କ ଆବେଦନକୁ ବିଚାର କରାଯାଇ ନାହିଁ। ଏ ସମ୍ପର୍କରେ ବଦାଲୁ ସରପଞ୍ଚ କ୍ରୀଷ୍ଣା ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ତାଙ୍କ ସମୟରେ କୌଣସି ଆବାସ ଯୋଜନା ଘର ଆସି ନ ଥିଲା। ଏବେ ଅନଲାଇନରେ ଆବେଦନ କରିବା ପାଇଁ କହିଛନ୍ତି। ଗରିବ ଲୋକଙ୍କ ପାଇଁ ଆସୁଥିବା ଯୋଜନା ସ୍ୱଚ୍ଛଳ ବର୍ଗର ଲୋକେ ହାତଉଥିବା ବେଳେ ଗରିବ ହିତାଧିକାରୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। କାହ୍ନୁଙ୍କୁ ଆବାସ ଗୃହ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ



ପରଜଙ୍ଗ, ୨୬ ।୩(ସମିସ): ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଇଓସିଏଲ୍ ପକ୍ଷରୁ ବ୍ଲକର ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ଯୋଗାଇଦେବା ନିମନ୍ତେ ଏକ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଉପାଧକ୍ଷା ଯଶସ୍ୱିନୀ ରାଉତ, ସମିତି ସଭ୍ୟ ବୈଷ୍ଣବ ନାଥ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ଉପକରଣ ପ୍ରଦାନ କରିଥିଲେ। ଶିବିରରେ ୩୦ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ୧୬ ଜଣଙ୍କୁ ବ୍ୟାଟେରୀଚାଳିତ ୩ ଚକିଆ ସାଇକଲ ଓ ଅନ୍ୟମାନଙ୍କୁ ହୁଇଲ ଚେୟାର, ଆଶାବାଡ଼ି ଆଦି ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସାମନ୍ତସିଂହାରଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବା ବେଳେ କମ୍ପାନୀର ପି ଆଣ୍ଡ ଓ ଡା. ଗୌରୀଶଙ୍କର ବେହେରା ଓ ଇଡିପି ଅରୁଣ କୁମାର ଦାସ ସହଯୋଗ କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୮୪ • ପାଉଣ୍ଡ ୧୧୦.୯୮
- ୟୁରୋ ୯୨.୨୪ • ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୧,୯୫୦ (ଭୁବନେଶ୍ୱର)
- ରୁପା : ୧,୦୩,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୦୧୭.୦୦
- ନିଫ୍ଟି ୨୩,୬୬୮.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## କୋଟାକ୍-ଇଆଣ୍ଡୱାଇ ସର୍ଭେରେ ଖୁଲାସା | ସହଜ ହେଉନି ବ୍ୟବସାୟ କାରବାର

# ଦେଶ ଛାଡ଼ିବେ ୨୨% ଅରବପତି

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):**

ଦେଶରେ ଠିକ୍ ଠାକ୍ ନାହିଁ ବ୍ୟବସାୟିକ ପରିବେଶ। ସରକାରଙ୍କ ଶିଳ୍ପ ଓ ବାଣିଜ୍ୟ ନୀତି ସେମାନଙ୍କ ଲାଗି ଅନୁକୂଳ ହେଉନାହିଁ। ଏଥିପାଇଁ ଦେଶ ଛାଡିବାକୁ ଚାହୁଁଛନ୍ତି ଭାରତୀୟ ଅରବପତି ବା ଅତିଧନୀ। ବିଦେଶରେ ଉନ୍ନତ ଜୀବନଶୈଳୀ ସହ ସହଜ ବ୍ୟବସାୟିକ ପରିବେଶ ଭଳି କେତେକ କାରଣ ସେମାନଙ୍କୁ ଦେଶରେ ବାହାରେ ବସବାସ କରିବାକୁ ଆକୃଷ୍ଟ କରୁଛି। ଏଥିପାଇଁ ଦେଶର ୨୨% ଅରବପତି ଏବେ ବିଦେଶରେ ରହିବାକୁ ଚାହୁଁଛନ୍ତି। କୋଟାକ୍-ଇଆଣ୍ଡୱାଇ ସର୍ଭେରେ ଏହି ଚାଞ୍ଚଲ୍ୟକର ଖବରର ଖୁଲାସା ହୋଇଛି। ଅଗ୍ରଣୀ ସମ୍ପତ୍ତି ପରିଚାଳକ କୋଟାକ୍ ପ୍ରାଇଭେଟ୍ ଲିମିଟେଡ୍ ପରାମର୍ଶଦାତା ଫାର୍ମ ଇଆଣ୍ଡୱାଇ ସହ ମିଳିତ ଭାବରେ କରିଥିବା ଏହି ସର୍ଭେରେ କୁହାଯାଇଛି ଯେ ଦେଶର ପ୍ରତି ୧୦୦ ଜଣ ଅରବପତି ଲୋକଙ୍କ ମଧ୍ୟରୁ ୨୨ ଜଣ ଦେଶ ଛାଡି ବିଦେଶରେ ବସବାସ କରିବାକୁ ଚାହୁଁଛନ୍ତି। ଏହି ସର୍ଭେ ଦେଶର ୧୫୦ ଜଣ ଅତି-ଧନୀ ବ୍ୟକ୍ତି (ୟୁଏଚ୍‌ଏନ୍‌ଆଇ)ଙ୍କୁ ନେଇ କରାଯାଇଥିଲା। ସର୍ଭେ ଅନୁଯାୟୀ, ଏହି ଅରବପତିମାନେ ଭାରତ ଛାଡି ଆମେରିକା, ୟୁକେ, ଅଷ୍ଟ୍ରେଲିଆ, କାନାଡା ଏବଂ ଏପରିକି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଦେଶକୁ ଚାଲିବାକୁ ପସନ୍ଦ କରୁଛନ୍ତି। ଅପରପକ୍ଷେ ୩୬-୪୦ ଏବଂ ୬୧ ବର୍ଷରୁ ଅଧିକ ବୟସର ଅତି ଧନୀ ଦେଶ ଛାଡିବାକୁ ଅଧିକ ଇଚ୍ଛୁକ ଥିବା ସର୍ଭେରୁ ଜଣାପଡିଛି। ଏହି ଅରବପତିମାନେ ଦେଶ ଛାଡି ଚାଲିଯିବାର ଅନେକ କାରଣ ରହିଛି। ସେମାନଙ୍କ ମଧ୍ୟରୁ କିଛି ଅରବପତିଙ୍କର ବିଶ୍ୱାସ ହେଉଛି ଯେ ବିଦେଶରେ ଜୀବନଶୈଳୀ ବେଶ ଭଲ। ସେଠାରେ ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ସ୍ଥିତି ମଧ୍ୟ ଉତ୍ତମ। ଆଉ କିଛି ଅରବପତି ସହଜ ଓ ଅନୁକୂଳ ବ୍ୟବସାୟ ନୀତି ପାଇଁ ବିଦେଶ ଯିବାକୁ ଚାହାଁନ୍ତି। ଏହାବାଦ୍ ୟୁଏଇ ଭଳି ଦେଶ 'ଗୋଲ୍ଡେନ ଭିସା' ଯୋଜନା ଚଳାଉଛି। ଏହା ଧନୀ ଲୋକଙ୍କ ପାଇଁ ସେଠାରେ ବସବାସ କରିବା ସହଜ କରିଥାଏ। ତେଣୁ, ଏହି ଦେଶଗୁଡ଼ିକ ଧନୀ ଲୋକଙ୍କ ପ୍ରଥମ ପସନ୍ଦ ସ୍ଥଳ ପାଲଟିଛି। ସର୍ଭେରେ ଦୁଇ-ତୃତୀୟାଂଶରୁ ଅଧିକ ଅରବପତି କହିଛନ୍ତି ଯେ ବ୍ୟବସାୟିକ କାର୍ଯ୍ୟକୁ ସୁଗମ କରିବା ସେମାନଙ୍କର ସର୍ବାଧିକ ପ୍ରାଥମିକତା। କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୨୫ ଲକ୍ଷ ଭାରତୀୟ ଅନ୍ୟ ଦେଶକୁ ପ୍ରବାସ କରିଥାନ୍ତି। ଏହା ଏକ ବଡ଼ ସଂଖ୍ୟା। ଏହା ଦର୍ଶାଉଛି ଯେ ଅନେକ ଲୋକ ଭାରତ ବାହାରେ ଭଲ ସୁଯୋଗ ଖୋଜୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ରହୁଥିବା ଜଣେ ଭାରତୀୟ ନାଗରିକ ପ୍ରତିବର୍ଷ କେବଳ ୨୫୦,୦୦୦ ଆମେରିକୀୟ ଡଲାର ଦେଶ ବାହାରକୁ ନେଇପାରିବେ। ଯେତେବେଳେ କି ଜଣେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ଙ୍କୁ ୧ ନିୟୁତ ଡଲାର ନେବାକୁ ଅନୁମତି ରହିଛି। ସର୍ଭେରରୁ ଆହୁରି ମଧ୍ୟ ଜଣାପଡିଛି ଯେ ଉଦ୍ୟୋଗୀ କିମ୍ବା ସେମାନଙ୍କ ଉତ୍ତରାଧିକାରୀଙ୍କ ତୁଳନାରେ ବୃତ୍ତିଧାରୀମାନେ ଦେଶ ଛାଡିବାର ସମ୍ଭାବନା ବର୍ତ୍ତମାନ ଅଧିକ। ୨୦୨୩ରେ ୨.୮୩ ଲକ୍ଷ ଭାରତୀୟଙ୍କୁ ୟୁଏଚ୍‌ଏନ୍‌ଆଇ ଭାବରେ ଅଭିହିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ସମ୍ପତ୍ତି ୨୫ କୋଟି ଟଙ୍କାରୁ ଅଧିକ ଏବଂ ସେମାନଙ୍କର ମୋଟ ସମ୍ପତ୍ତି ୨.୮୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସର୍ଭେ ଅନୁଯାୟୀ, ୨୦୨୮ ସୁଦ୍ଧା ୟୁଏଚ୍‌ଏନ୍‌ଆଇଙ୍କ ସଂଖ୍ୟା ୪.୩ ଲକ୍ଷକୁ ବୃଦ୍ଧି ପାଇବ ଏବଂ ସମ୍ପତ୍ତି ୩୫୯ ଲକ୍ଷ କୋଟି ଟଙ୍କା ଛୁଇଁବ।




- ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ,କାନାଡା, ୟୁଏଇ ପ୍ରଥମ ପ୍ରସନ୍ଦ
- ୩୬-୪୦ ଏବଂ ୬୧ ବର୍ଷରୁ ଅଧିକ ଲୋକଙ୍କ ମଧ୍ୟରେ ଦେଶ ଛାଡ଼ିବା ଇଚ୍ଛା ଅଧିକ

## ବନ୍ଦହେଲା ଗୋଲ୍ଡ ମନିଟାଇଜେସନ୍ ସ୍କିମ୍




### ଜମା ଆସିଛି ୩୧,୧୬୪ କିଲୋ ସୁନା

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ସୁନା ନିବେଶକୁ ନେଇ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବନ୍ଦ ହୋଇଛି ସରକାରଙ୍କ ୯ ବର୍ଷ ପୁରୁଣା ଗୋଲ୍ଡ ମନିଟାଇଜେସନ୍ ସ୍କିମ୍। ବଜାର ପରିସ୍ଥିତିରେ ଉନ୍ନତିକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି। ମାର୍ଚ୍ଚ ୨୬ ମାର୍ଚ୍ଚରୁ ଗୋଲ୍ଡ ମନିଟାଇଜେସନ୍ ସ୍କିମ୍‌କୁ ବନ୍ଦ କରିଦିଆଯାଇଛି। ତଥାପି, ୧ ରୁ ୩ ବର୍ଷ ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିବା ସ୍ୱଳ୍ପ କାଳୀନ ଜମା ଯୋଜନା ଜାରି ରହିବ। ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୫ ସେପ୍ଟେମ୍ବର ୧୫ରେ ଗୋଲ୍ଡ ମନିଟାଇଜେସନ୍ ସ୍କିମ୍‌ଆରମ୍ଭ କରାଯାଇଥିଲା। ସୁନା ଆମଦାନୀ ହ୍ରାସ କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏହାସହିତ, ସରକାରଙ୍କ ଉଦ୍ଦେଶ୍ୟ ଥିଲା ଦେଶର ପରିବାର ଏବଂ ଅନୁଷ୍ଠାନମାନଙ୍କ ପାଖରେ ଥିବା ସୁନାକୁ ସଂଗ୍ରହ କରିବା। ଯାହା ଦ୍ୱାରା ଏହାକୁ ଉତ୍ପାଦକତା ବୃଦ୍ଧି କରିବା ପାଇଁ ବ୍ୟବହାର କରାଯାଇପାରିବ। ଗୋଲ୍ଡ ମନିଟାଇଜେସନ୍ ସ୍କିମ୍ ଅଧୀନରେ,କେନ୍ଦ୍ର ସରକାର ୨୦୨୪ ନଭେମ୍ବର ସୁଦ୍ଧା ୩୧,୧୬୪ କିଲୋଗ୍ରାମ ସୁନା ସଂଗ୍ରହ କରିଛନ୍ତି। ଏହି ଯୋଜନା ଅଧୀନରେ, ସ୍ୱଳ୍ପକାଳୀନ ଜମା ୧ ରୁ ୩ ବର୍ଷ ପାଇଁ, ମଧ୍ୟମକାଳୀନ ଜମା ୧ ରୁ ୭ ବର୍ଷ ପାଇଁ ଏବଂ ଦୀର୍ଘକାଳୀନ ଜମା ୧୨ ରୁ ୧୫ ବର୍ଷ ପାଇଁ ଥିଲା। ୨୦୨୪ ଜାନୁଆରୀ ପହିଲାରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୬୩,୯୨୦ ଟଙ୍କା ଥିଲା,ଯାହା ଏବେ ପ୍ରତି ୧୦ ଗ୍ରାମ ପିଛା ୯୦,୦୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି। ଏହି ଯୋଜନାରେ ୨୬ ମାର୍ଚ୍ଚ, ୨୦୨୫ ଠାରୁ କୌଣସି ନୂତନ ସୁନା ଜମା କରାଯିବ ନାହିଁ, କିନ୍ତୁ ପୂର୍ବରୁ କରାଯାଇଥିବା ଜମା ଅବଧି ସମାପ୍ତ ହେବା ପର୍ଯ୍ୟନ୍ତ ବିଦ୍ୟମାନ ନିର୍ଦ୍ଦେଶାବଳୀ ଅନୁସାରେ ଜାରି ରହିବ ବୋଲି କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଦେଶର ପରିବାରଗୁଡିକରେ ୨୧ ହଜାର କୋଟି ଟନ୍ ସୁନା ଥିବା ଜଣାପଡିଛି।

## ୟୁପିଆଇ ସର୍ଭର ଡାଉନ୍

- ଗୁଗଲ-ପେ', ଫୋନ-ପେ' ଅଚଳ

ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ଦେଶରେ ହଠାତ୍ ବନ୍ଦ ହୋଇଯାଇଛି ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ସେବା। ଏଥିଯୋଗୁ ଅଚଳ ହୋଇଯାଇଛି ପେମେଣ୍ଟ ଆପ୍ଲିକେସନ୍। ସର୍ଭର ଡାଉନ୍ ଯୋଗୁଁ ଅନଲାଇନ୍ କାରବାରରେ ସମସ୍ୟା ଉପୁଜୁଛି। ବିଶେଷକରି ବୁଧବାର ରାତି ପର୍ଯ୍ୟନ୍ତ ୟୁପିଆଇରେ ଏହି ସମସ୍ୟା ଦେଖାଦେଇଛି। ଯାହା ଫଳରେ ଲୋକପ୍ରିୟ ପେମେଣ୍ଟ ଆପ୍ ଗୁଗଲ ପେ', ଫୋନ ପେ', ପେ-ଟିଏମ୍ ସହ ଅନ୍ୟ ଆପ୍ଲିକେସନଗୁଡିକରେ କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ୟୁପିଆଇ ସର୍ଭର ଡାଉନ୍ ହେବା ଯୋଗୁ ୟୁଜର୍ସଙ୍କୁ କାରବାରରେ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଅନଲାଇନ ସେବାର ଡାଉନ ଟାଇମ୍‌କୁ ମନିଟରିଂ କରୁଥିବା ପ୍ଲାଟ୍‌ଫର୍ମ ଡାଉନ୍‌ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ବୁଧବାର ସଂଧ୍ୟା ୭ଟା ୫୦ ମିନିଟ୍ ପର୍ଯ୍ୟନ୍ତ ୟୁପିଆଇକୁ ନେଇ ମୋଟ୍ ୩୧୦୦ରୁ ଅଧିକ ଅଭିଯୋଗ ଆସିଛି। ଏଥିମଧ୍ୟରୁ ଗୁଗଲ ପେ' ୟୁଜର୍ସଙ୍କ ୨୯୬ଟି ଅଭିଯୋଗ ରହିଛି, ଯେଉଁଥିରେ ସର୍ବାଧିକ ମାମଲା ଅନଲାଇନ ପେମେଣ୍ଟ, ଓ୍ବେବ ସାଇଟ୍ ଆକ୍ସେସ ଏବଂ ଅପ୍ଲିକେସନକୁ ନେଇ ଆସିଛି। କାରବାରରେ ସମସ୍ୟା ଉପୁଜୁଛି ଥିବାରୁ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ୟୁପିଆଇ ସେବାରେ ଏହି ସମସ୍ୟା ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ,ବ୍ୟାଙ୍କ ଅଫ୍ ବରୋଦା, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ଏବଂ ଇଣ୍ଡିଆନ୍ ବ୍ୟାଙ୍କ ଆଦିରେ ଦେଖାଯାଇଥିବା ଜଣାପଡିଛି।




## ରେଳ ଭିତ୍ତିଭୂମିକୁ ବିସ୍ତାର କରିଛି ବେଦାନ୍ତ ଲାଞ୍ଜିଗଡ଼



ଭୁବନେଶ୍ୱର, ୨୬।୩(ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ ଏକ ନୂତନ ରେଳ ଲାଇନକୁ ସଫଳତାର ସହ ଉଦଘାଟନ କରିଛି, ଯାହା ଏହାର ଯୋଗାଣ ଶୃଙ୍ଖଳ କ୍ଷମତାକୁ ଆହୁରି ମଜବୁତ କରିଛି। ରେଳ ଭିତ୍ତିଭୂମି ସମ୍ପ୍ରସାରଣ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ଏହାର ୫ ଏମଟିପିଏ ଆଲୁମିନା ରିଫାଇନାରୀର କାର୍ଯ୍ୟକ୍ଷମ ସହିତ ସମନ୍ୱିତ। ଏହା କଞ୍ଚାମାଲ ଏବଂ ସାମଗ୍ରୀର ନିର୍ବିଘ୍ନ ଅନ୍ତ ଏବଂ ବାହ୍ୟ ପରିବହନ ସୁନିଶ୍ଚିତ କରିବ। ଏହା ସହିତ, ଏହା ୨୦୫୦ ସୁଦ୍ଧା କିମ୍ବା ତା' ପୂର୍ବରୁ ନେଟ୍ ଜିରୋ କାର୍ବନ, କମ୍ପାନୀର ଲକ୍ଷ୍ୟ ପୂରଣ ସହିତ ସଙ୍ଗତ, କାରଣ ନୂତନ ରେଳ ଲାଇନ ଗୋଟିଏ ବର୍ଷ ମଧ୍ୟରେ ୨୬୨ ଟନ୍ କାର୍ବନ ଡାଇଅକ୍ସାଇଡ୍ (ଟିସିଓ୨) କାର୍ବନ ନିର୍ଗମନକୁ ହ୍ରାସ କରିବ। ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିବା ୧୩.୪ କିଲୋମିଟର ରେଳ ଲାଇନ ବେଦାନ୍ତ ଲାଞ୍ଜିଗଡ଼ର ଲଜିଷ୍ଟିକ୍ସ କାର୍ଯ୍ୟ ପାଇଁ ୧୦୦% ରେଳ ସହ-ଦକ୍ଷତା ଆଡକୁ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ, ଯାହା ନିଶ୍ଚିତ କରେ ଯେ ସମସ୍ତ ସାମଗ୍ରୀର ପରିବହନ ରେଳ ମାଧ୍ୟମରେ ହେଉଛି। ଏହା ସହିତ, ପ୍ଲାଣ୍ଟ ୟାର୍ଡ ମଧ୍ୟରେ ଛଅଟି ନୂତନ ଲୁପ୍ ଲାଇନ ପ୍ରଚଳନ କରାଯାଇଛି ଯାହା ଏକ ଉନ୍ନତ ଇଲେକ୍ଟ୍ରୋନିକ୍ ସିଗନାଲିଂ ସିଷ୍ଟମ ଦ୍ୱାରା ସମର୍ଥିତ।

## ଫୋନ୍ ପେ'ର ନୂଆ ଗାଡ଼ି ଇନସ୍ୟୁରାନ୍ସ

**ନୂଆଦିଲ୍ଲୀ, ୨୬।୩ :** ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ପାଇଁ ଫୋନ ପେ' ନୂଆ ଗାଡ଼ି ଇନସ୍ୟୁରାନ୍ସ ଅଫର ସମ୍ପର୍କରେ ଘୋଷଣା କରିଛି। ଏହି ଶୁଭାରମ୍ଭର ଲକ୍ଷ୍ୟ ହେଉଛି ପ୍ରଚଳିତ ଡିଲରସିପ ଇନସ୍ୟୁରାନ୍ସ ପ୍ଲାନଗୁଡ଼ିକ ତୁଳନାରେ ସମସ୍ତ ନୂତନ ଯାନବାହନ କ୍ରେତାଙ୍କ ପାଇଁ କମ ଖର୍ଚ୍ଚରେ ଗୋଟିଏ ଅନଲାଇନ ବିକଳ୍ପ ପ୍ରଦାନ କରିବା। ଏହି ଇନସ୍ୟୁରାନ୍ସର ଶୁଭାରମ୍ଭ ଫଳରେ ୟୁଜରମାନେ ବର୍ତ୍ତମାନ ଏକାଧିକ ଇନସ୍ୟୁରାନ୍ସ ପ୍ରଦାନକାରୀଙ୍କ ପଲିସିଗୁଡ଼ିକର ତୁଳନା କରିପାରିବେ ଏବଂ ଫୋନ୍ ପେ' ଆପ ମାଧ୍ୟମରେ ସେଗୁଡ଼ିକ ଅନ୍‌ଲାଇନରେ କିଣିପାରିବେ।ଡିଲରସିପ ଇନସ୍ୟୁରାନ୍ସରେ ଯାନବାହାନ କ୍ରେତାମାନେ ପ୍ରାୟତଃ ଅଧିକ ପ୍ରିମିୟମ, ସୀମିତ ପସନ୍ଦ, ପକ୍ଷପାତପୂର୍ଣ୍ଣ ସୁପାରିଶ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି। ତେବେ ଏହି ଇନସ୍ୟୁରାନ୍ସର ଶୁଭାରମ୍ଭ ମାଧ୍ୟମରେ ୟୁଜରମାନଙ୍କୁ ଏକ ବିଶ୍ୱସ୍ତ ଏବଂ ପ୍ରତିଯୋଗିତାମୂଳକ ଇନସ୍ୟୁରାନ୍ସର ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରମୁଖ ଇନସ୍ୟୁରାନ୍ସ ପ୍ରଦାନକାରୀମାନଙ୍କ ସହିତ ଫୋନ୍ ପେ' ସହଯୋଗିତା କରୁଛି। ପ୍ଲାନର ମୁଖ୍ୟ ଆକର୍ଷଣ ହେଉଛି ଡିଲରସିପ ମୂଲ୍ୟ ତୁଳନାରେ ଦୁଇ ଚକିଆ ଗାଡ଼ି ଇନସ୍ୟୁରାନ୍ସରେ ୪୦୦୦ଟଙ୍କା ପର୍ଯ୍ୟନ୍ତ ଏବଂ ଚାରି ଚକିଆ ଗାଡ଼ି ଇନସ୍ୟୁରାନ୍ସରେ ୪୦,୦୦୦ଟଙ୍କା ପର୍ଯ୍ୟନ୍ତ ସଂଚୟ କରିପାରିବେ।

## ସେଣ୍ଟ୍ରମ୍ ଇନଷ୍ଟିଚ୍ୟୁସନାଲ୍ ରିସର୍ଚ୍ଚର ରିପୋର୍ଟ | ମୋବାଇଲ ଗ୍ରାହକଙ୍କୁ ନିସ୍ତାର ନାହିଁ

# ଆହୁରି ମହଙ୍ଗା ହେବ ଟେଲିକମ୍ ସେବା; ବଢ଼ିବ କଲ୍ ଦର

**ନୂଆଦିଲ୍ଲୀ,୨୬।୩(ଏଜେନ୍ସି):** ମୋବାଇଲ ଗ୍ରାହକଙ୍କୁ ମହଙ୍ଗା କଲ୍ ଦରରୁ ନିସ୍ତାର ମିଳିବା ସମ୍ଭାବନା କମ୍। କାରଣ ଆଗାମୀ ଦିନରେ ଟେଲିକମ୍ କମ୍ପାନୀଗୁଡ଼ିକ ନିୟମିତ ଭାବରେ ଟାରିଫ୍ ବା ଶୁଳ୍କ ବୃଦ୍ଧି ଜାରି ରଖିବେ। ତେଣୁ ଦେଶରେ ଟେଲିକମ୍ ସେବା ମହଙ୍ଗା ହୋଇଯିବ। ତେଣୁ ମୋବାଇଲ କଲ୍ ଦର ବଢ଼ିଯିବ। ଏହି ପଦକ୍ଷେପ ଟେଲିକମ୍ କମ୍ପାନୀଗୁଡ଼ିକୁ ସେମାନଙ୍କର ରାଜସ୍ୱ ବୃଦ୍ଧି କରାଇବାରେ କରିବାରେ ସାହାଯ୍ୟ କରିବ। ୨୦୧୯ ଠାରୁ ଟେଲିକମ୍ ଅପରେଟରମାନେ ତିନିଥର ଶୁଳ୍କ ବୃଦ୍ଧି କରିସାରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଟେଲିକମ୍ କମ୍ପାନୀଗୁଡ଼ିକ ୨୦୧୯ ଡିସେମ୍ବର, ୨୦୨୧ ନଭେମ୍ବର ଏବଂ ୨୦୨୪ ଜୁଲାଇରେ ତିନିଥର ଶୁଳ୍କ ବୃଦ୍ଧି କରିସାରିଛନ୍ତି। ସେଣ୍ଟ୍ରମ ଇନଷ୍ଟିଚ୍ୟୁସନାଲ୍ ରିସର୍ଚ୍ଚର ରିପୋର୍ଟରେ ଦାବି କରାଯାଇଛି ଯେ ଟେଲିକମ୍ କମ୍ପାନୀଗୁଡ଼ିକ ଉପଭୋକ୍ତା ପିଛା ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ମୂଲ୍ୟ ବୃଦ୍ଧି ଅଧିକାଂଶ ଗ୍ରାହକଙ୍କୁ ପ୍ରିମିୟମ୍ ଯୋଜନା ଆଡ଼କୁ ଟାଣି ନେବ, ଯାହା ଫଳରେ ଉପଭୋକ୍ତା ପିଛା ଖର୍ଚ୍ଚ ବୃଦ୍ଧି ପାଇ ଏବଂ କମ୍ପାନୀଗୁଡ଼ିକର ରାଜସ୍ୱ ବୃଦ୍ଧି ଘଟିବ। ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ଟେଲିକମ୍ କ୍ଷେତ୍ର ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। କ୍ଷେତ୍ରରେ ପ୍ରତିଯୋଗିତାମୂଳକ ତୀବ୍ରତା ହ୍ରାସ ପାଇଛି। ପୂର୍ବରୁ ମୋତିଲାଲ ଓସୱାଲ ପକ୍ଷରୁ କୁହାଯାଇଥିଲା ଯେ, ନିବେଶ ଏବଂ ଗ୍ରାହକଙ୍କ ଡାଟା ବ୍ୟବହାରକୁ ବିଚାରକୁ ନେଇ ଶିଳ୍ପରେ ବର୍ତ୍ତମାନ ରିଟର୍ଣ୍ଣ ଏବେ ବି ବହୁତ କମ୍। ତେଣୁ, ଆଗାମୀ ବର୍ଷଗୁଡ଼ିକରେ କମ୍ପାନୀଗୁଡ଼ିକ ଅଧିକ ଥର ଶୁଳ୍କ ବୃଦ୍ଧି କରିବେ ବୋଲି ଏବେଠୁ ଜଣାପଡିସାରିଲାଣି।



- ନିୟମିତ ଟାରିଫ୍ ବୃଦ୍ଧି ଜାରି ରଖିବେ ଟେଲିକମ୍ କମ୍ପାନୀ
- ୨୦୧୯ ଠାରୁ ହୋଇଛି ତିନିଥର ଶୁଳ୍କ ବୃଦ୍ଧି

### ଭାରତରେ ପ୍ରବେଶ କରିବା ଷ୍ଟାରଲିଙ୍କ୍ ପାଇଁ ସହଜ ନୁହେଁ

ଭାରତରେ ଏୟାରଟେଲ୍ ଏବଂ ରିଲାଏନ୍ସ ଜିଓ ସହିତ ଚୁକ୍ତି ସ୍ୱାକ୍ଷର କରିବା ପରେ, ଏଲନ୍ ମସ୍କଙ୍କ ସାଟେଲାଇଟ୍ ଇଣ୍ଟରନେଟ୍ କମ୍ପାନୀ ଷ୍ଟାରଲିଙ୍କ୍ ମଧ୍ୟ ଭୋଡାଫୋନ୍ ଆଇଡିଆ ସହିତ ଆଲୋଚନା କରୁଛି। ରିପୋର୍ଟରେ କୁହାଯାଇଛି ଯେ, ନିୟାମକ ବାଧା, ଉଚ୍ଚ ଆମଦାନୀ ଟିକସ ଏବଂ କମ୍ ମୂଲ୍ୟର ବ୍ରଡବ୍ୟାଣ୍ଡ ସେବା ପାଇଁ ଜଣାଶୁଣା ବଜାରରେ ପ୍ରତିଯୋଗିତାମୂଳକ ମୂଲ୍ୟର ଆବଶ୍ୟକତା ଯୋଗୁଁ ଷ୍ଟାରଲିଙ୍କ ଭାରତରେ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇପାରେ।

### ପାଞ୍ଚ ବର୍ଷ ମଧ୍ୟରେ କମ୍ପାନୀଗୁଡ଼ିକର ରାଜସ୍ୱ ଦ୍ୱିଗୁଣିତ ହୋଇଛି

ରିପୋର୍ଟରେ କୁହାଯାଇଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଟେଲିକମ୍ କମ୍ପାନୀଗୁଡ଼ିକର ରାଜସ୍ୱ ପ୍ରାୟ ଦ୍ୱିଗୁଣିତ ହୋଇଛି। ସେମାନଙ୍କର ଲାଭ ଆୟ ମଧ୍ୟ ଉନ୍ନତ ହେଉଛି। ପରିଚାଳନା ଖର୍ଚ୍ଚ ସ୍ଥିର ହେଉଛି ଏବଂ ମାର୍ଜିନ୍ ସୁଦୃଢ଼ ହେଉଛି। ୫ଜି ସେବା ଆସିବା ସହିତ କମ୍ପାନୀଗୁଡ଼ିକ ସେମାନଙ୍କର ପୁଞ୍ଜି ଖର୍ଚ୍ଚର ଗତିକୁ ଧୀର କରିଦେଇଛନ୍ତି, ଯାହା ଫଳରେ ୨୦୨୫-୨୬ ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ମୁକ୍ତ ନଗଦ ପ୍ରବାହ ବୃଦ୍ଧି ପାଇପାରେ।

### ୨ଜି ଗ୍ରାହକଙ୍କ ସଂଖ୍ୟାରେ ନିରନ୍ତର ହ୍ରାସ

ରିପୋର୍ଟ ଅନୁଯାୟୀ, ୪ଜି ଏବଂ ୫ଜିର ବର୍ଦ୍ଧିତ ବ୍ୟବହାର ସହିତ ଭାରତରେ ୨ଜି ଗ୍ରାହକଙ୍କ ସଂଖ୍ୟା ନିରନ୍ତର ହ୍ରାସ ପାଉଛି। ଆଗାମୀ ୫-୬ ବର୍ଷ ମଧ୍ୟରେ ଏହି ସଂଖ୍ୟା ନଗଣ୍ୟ ହୋଇଯିବ। ବର୍ତ୍ତମାନ ୨୫ କୋଟି ଗ୍ରାହକ ୨ଜି ସେବା ବ୍ୟବହାର କରୁଛନ୍ତି। ଏଥିମଧ୍ୟରୁ ଭୋଡାଫୋନ୍ ଆଇଡିଆର ସର୍ବାଧିକ ୪୦ ପ୍ରତିଶତ ଅଂଶ ରହିଛି। ଏୟାରଟେଲର ୨୩ ପ୍ରତିଶତ ୨ଜି ଗ୍ରାହକ ଅଛନ୍ତି।

### ଅଧିକ ମୂଲ୍ୟର ଡାଟା ପ୍ଲାନ୍‌ର ଚାହିଦା

ଟେଲିକମ୍ ଗ୍ରାହକମାନେ ୨ଜି ପରିତ୍ୟାଗ କରି ୪ଜି ସେବା ଗ୍ରହଣ କରୁଛନ୍ତି। ଏହାସହିତ, ପୋଷ୍ଟପେଡ୍ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏହି ପରିବର୍ତ୍ତନ ପ୍ରତି ଉପଭୋକ୍ତା ମୋଟ ରାଜସ୍ୱକୁ ଉନ୍ନତ କରୁଛି। ଏହା ସହିତ, ଡାଟା ବ୍ୟବହାର ବୃଦ୍ଧି ପାଉଛି। ଗ୍ରାହକମାନେ ଅଧିକ ମୂଲ୍ୟର ଡାଟା ପ୍ଲାନ୍ ବାଛିଛନ୍ତି। ଆନ୍ତର୍ଜାତୀୟ ରୋମିଂ ଏବଂ ଓଟିଟି ସବସ୍କ୍ରିପସନ ଭଳି ସେବାରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି।

## ରିଫାଇନ୍ଡ ତେଲ, ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ଉପରେ କଠୋର ଆଇନ ଆବଶ୍ୟକ: ନବୀନ ଜିନ୍ଦଲ

**ନୂଆଦିଲ୍ଲୀ,୨୬।୩ (ଏଜେନ୍ସି):** ଜନସାଧାରଣଙ୍କ ସୁସ୍ଥ ଜୀବନଯାପନ ପାଇଁ ସେ ଅଧିକ ସ୍ୱଚ୍ଛତା, କଠୋର ନିୟମ ଏବଂ ଗ୍ରାହକ ସଚେତନତାର ଆବଶ୍ୟକତା ରହିଛି। ରିଫାଇନ୍ଡ ତେଲ, ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ଉପରେ କଠୋର ଆଇନ ହେବା ଆବଶ୍ୟକ ବୋଲି ଆଜି ସଂସଦରେ ରିଫାଇନ୍ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ (ଅଲ୍ଟ୍ରା ପ୍ରୋସେସ୍ଡ ଫୁଡ) ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠାଇଛନ୍ତି ସାଂସଦ ନବୀନ ଜିନ୍ଦଲ। ଅଧ୍ୟୟନରୁ ଜଣାପଡିଛି ଯେ ବାରମ୍ବାର ରିଫାଇନ୍ ପ୍ରକ୍ରିୟା ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ ଏବଂ କ୍ଷତିକାରକ ଟ୍ରାନ୍ସ ଫ୍ୟାଟ୍ ସୃଷ୍ଟି କରେ, ଯାହା ହୃଦରୋଗ, ମଧୁମେହ ଏବଂ ମେଦବହୁଳତା ପରି ଜୀବନଶୈଳୀ ଜନିତ ରୋଗର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରିଥାଏ। ଏହି ଖାଦ୍ୟ ପଦାର୍ଥରେ ଅତ୍ୟଧିକ ରାସାୟନିକ ପ୍ରିଜର୍ଭେଟିଭ୍ ଏବଂ କ୍ଷତିକାରକ ଫ୍ୟାଟ୍ ରହିଥାଏ, ଯାହା ସ୍ୱାସ୍ଥ୍ୟ ସମସ୍ୟା କୁ ବଢ଼ାଇଥାଏ। ଭ୍ରମାତ୍ମକ ପ୍ୟାକେଜିଂ ଯୋଗୁଁ ଅନେକ ଉପଭୋକ୍ତା କ'ଣ ଖାଉଛନ୍ତି ସେ ବିଷୟରେ ଅଜ୍ଞ ଥା'ନ୍ତି। ଶ୍ରୀ ଜିନ୍ଦଲ ସରକାରଙ୍କୁ କଠୋର ଖାଦ୍ୟ ଲେବଲିଂ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରିଛନ୍ତି, ଯେଉଁଥିପାଇଁ ଉତ୍ପାଦନକାରୀମାନେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଉତ୍ପାଦରେ ରିଫାଇଣ୍ଡ ତେଲ ବ୍ୟବହାର ହୋଇଛି କି ନାହିଁ ଏବଂ ଏହା ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ବର୍ଗରେ ଆସୁଛି କି ନାହିଁ।

ରିଫାଇଣ୍ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟର ସ୍ୱାସ୍ଥ୍ୟ ପ୍ରଭାବ ଉପରେ ଏକ ଶ୍ୱେତପତ୍ର ଜାରି କରିବାକୁ ସେ ଅନୁରୋଧ କରିଛନ୍ତି, ଯାହା ଦ୍ୱାରା ଏହାର ଅଧିକ ବୈଜ୍ଞାନିକ ଅଧ୍ୟୟନ କରାଯାଇପାରିବ। ପାରମ୍ପାରିକ ଏବଂ କୋଲ୍ଡ ପ୍ରେସ୍ଡ ତେଲ, ପ୍ରାକୃତିକ ଏବଂ ଜୈବିକ ଖାଦ୍ୟକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଶ୍ରୀ ଜିନ୍ଦଲ ଗୁରୁତ୍ୱାରୋପ କରିଛନ୍ତି।



## ଜିନ୍ଦଲ ଷ୍ଟେନ୍‌ଲେସ୍ ଓ ଏମ୍‌୧ଏକ୍ସଚେଞ୍ଜ ମଧ୍ୟରେ ଭାଗୀଦାରୀ

ଭୁବନେଶ୍ୱର,୨୬।୩(ସମିସ): ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ଏବଂ ଏହାର ସହାୟକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ ଷ୍ଟିଲୱେ ଲିମିଟେଡ୍ ଭାରତର ଅଗ୍ରଣୀ ଆରବିଆଇ ଲାଇସେନ୍ସ ପ୍ରାପ୍ତ ଟ୍ରେଡ ରିସିଭେବଲ୍ ଡିସକାଉଂଟିଙ୍ଗ ସିଷ୍ଟମ ଏମ୍‌୧ଏକ୍ସଚେଞ୍ଜର ୯.୬୨% ଅଂଶଧନ ଅଧିଗ୍ରହଣ କରିଛି। ଏହି ଚୁକ୍ତିରେ ପ୍ରାଥମିକ ପୁଞ୍ଜି ଏବଂ ବର୍ତମାନ ଅଂଶୀଦାରଙ୍କ ଅଂଶଧନର ସେକେଣ୍ଡାରୀ କ୍ରୟ ଅନ୍ତର୍ଭୁକ୍ତ। ଏହି ନିବେଶ ପରେ ଏମ୍‌୧ଏକ୍ସଚେଞ୍ଜକୁ ଏମଏସଏମଇ ଏବଂ କର୍ପୋରେଟ ପାଇଁ ପୁଞ୍ଜି ଯୋଗାଣରେ ସହାୟକ ହୋଇପାରିବ। ଯାହା ଫଳରେ ଭାରତର ଡିଜିଟାଲ ଯୋଗାଣ ଶୃଙ୍ଖଳା ଫାଇନାନ୍ସିଂ ବ୍ୟବସ୍ଥା ସୁଦୃଢ଼ ହେବ। ଜିନ୍ଦଲ ଷ୍ଟେନଲେସର ସହାୟତା ଇକୋସିଷ୍ଟମରେ ପୁଞ୍ଜି ପ୍ରବାହକୁ ବୃଦ୍ଧି କରିବ, ଯାହା ବିକ୍ରେତା ଏବଂ ଗ୍ରାହକଙ୍କୁ ସୁଲଭ ଋଣ ଶୀଘ୍ର ଉପଲବ୍ଧ କରାଇବାରେ ସାହାଯ୍ୟ କରିବ। ଏହାବ୍ୟତୀତ, ଏହି ଭାଗିଦାରୀ ଜିନ୍ଦଲ ଷ୍ଟେନଲେସର ଫାଇନାନ୍ସିଂ କାର୍ଯ୍ୟକୁ ଡିଜିଟାଇଜ୍ କରିବା, ଦେୟ ପ୍ରକ୍ରିୟାକୁ ସରଳ କରିବା, ଏହାର ବ୍ୟାପକ ଡିଜିଟାଲାଇଜେସନ୍ ପ୍ରୟାସକୁ ତ୍ୱରାନ୍ୱିତ କରିବା ସହିତ ସାମଗ୍ରିକ ପୁଞ୍ଜି ଚକ୍ରକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଯାହା ଦ୍ୱାରା ଯୋଗାଣ ଶୃଙ୍ଖଳା ଢାଂଚାରେ ପରିଚାଳନା ଦକ୍ଷତା ବୃଦ୍ଧି ପାଇବ ବୋଲି ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି।



# "ଭଲ କଳାକାର ହେବା ପାଇଁ ପରିଶ୍ରମ ଆବଶ୍ୟକ"



## ଅଭିଷେକ ପଣ୍ଡା
ଅଭିନେତା

ପିଲାଟି ଦିନରୁ ମଞ୍ଚରେ ଅଭିନୟ କରୁଥିଲେ । ପରେ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାର ସୁଯୋଗ ମିଳିଲା । ଏହି ଧାରାରେ 'ତେଲୁଗୁ ସୁନ୍ଦରୀ', 'ଲକ୍ଷେ ଟଙ୍କିଆ ହସ' ଆଦି ପରି ଅନେକ ହିଟ୍ ଗୀତ ସେ ଦର୍ଶକଙ୍କୁ ଭେଟି ଦେଇଛନ୍ତି । କ୍ଷୁଦ୍ର ଚଳଚ୍ଚିତ୍ର ଓ ଟେଲି ସିନେମାରେ ମଧ୍ୟ ସେ କାମ କରିଛନ୍ତି । ନିକଟରେ ରିଲିଜ୍ ହୋଇଥିବା 'ଘମାଘୋଟ' ଫିଲ୍ମରେ ଦମଦାର୍ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିବା ସେହି ଅଭିନେତା ଜଣକ ହେଉଛନ୍ତି ବ୍ରହ୍ମପୁର ହିଲପାଟନାର ଅଭିଷେକ ପଣ୍ଡା । ୮୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଥିବା ଅଭିଷେକଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ ଜୀବନ ସଂପର୍କରେ ।

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା । ସ୍କୁଲ ଫଙ୍କସନ୍ ଓ ଡ୍ରାମାରେ ନାଚ, ଗୀତ, ଅଭିନୟ ଆଦିରେ ଭାଗ ନେଉଥିଲି । ଯୁକ୍ତ ତିନି (ଇଂରାଜୀ ସମ୍ମାନ) ପଢ଼ିବା ପରେ, ସାହିତ୍ୟ ଲେଖାଲେଖି ଓ ପଢ଼ାପଢ଼ି ପ୍ରତି ରୁଚି ବଢ଼ିଲା । ମୁଁ ଏମ୍‌ଫିଲ୍ କରିଛି । ଏବେ ପିଏଚ୍‌ଡି କରୁଛି । ହେଲେ ଅଭିନେତା ହେବି ବୋଲି କେବେ ମୁଁ ଭାବିନଥିଲି । ମୋ ଭିତରେ ସୃଜନାତ୍ମକ କଳା ଥିଲା । ତେଣୁ ସୁଯୋଗ ଖୋଜୁଥିଲି । ଆଉ ରାଜା ଡି. ଭାଇ ତାଙ୍କ ମ୍ୟୁଜିକ୍ ଭିଡିଓ ଜରିଆରେ ମୋତେ ପ୍ରଥମେ ସୁଯୋଗ ଦେଇଥିଲେ । 'ମୋତେ ବୋଧେ ହେଲା ପ୍ରେମ' ଥିଲା ମୋର ପ୍ରଥମ ମ୍ୟୁଜକ୍ ଭିଡିଓ । ଏହାପରେ ୮୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ, ୫ଟି କ୍ଷୁଦ୍ର ସିନେମା, ୨ ଟେଲି ଫିଲ୍ମରେ କାମ କରିଛି । ଅନେକ ପ୍ରଡକ୍ସନ୍ ହାଉସ୍‌ରେ ମୁଁ ଅଡିସନ୍ ଦେଇଛି । ତେଣୁ ଅଭିଜ୍ଞ କଳାକାରଙ୍କ ସହ କାମ କରିବା ଦ୍ୱାରା ଅନେକ କିଛି ଶିଖିବାର ସୁଯୋଗ ମିଳିଥିଲା । ତା'ଛଡ଼ା ଅନଲାଇନ୍‌ରେ ୬ ମାସିଆ ଅଭିନୟ କୋର୍ସ କରିଛି ।

**ମ୍ୟୁଜିକ୍ ଭିଡିଓକୁ ଦର୍ଶକେ କେତେ ଭଲପାଇବା ଦେଇଥିଲେ ?**

● 'ଲକ୍ଷେ ଟଙ୍କିଆ ହସ', 'ତେଲୁଗୁ ସୁନ୍ଦରୀ', 'ଭଲ ପାଏ ତୋତେରେ', 'ସ୍ୱିଟ୍‌ନେସ୍ ମିଶା ନଖରା', 'ଏଥର ଫଗୁଣେ' ଆଦି ମ୍ୟୁଜିକ୍ ଭିଡିଓ ମୋର ୧୦ ମିଲିୟନ୍, ୧୫ ମିଲିୟନ୍ ଦର୍ଶକ ଦେଖିଛନ୍ତି । ଦର୍ଶକ ଏହି ଗୀତକୁ ବହୁତ ଭଲ ପାଇବା ଦେଇଥିଲେ । ତାଙ୍କ ସ୍ନେହ ଶ୍ରଦ୍ଧା ମୋତେ ଆଗକୁ ବଢ଼ିବାକୁ ଉତ୍ସାହ ଦେଇଥିଲା । ଏହାଦ୍ୱାରା ମୋତେ 'ଘମାଘୋଟ' ପରି ଏକ ଆକ୍ସନ୍ ଭିତ୍ତିକ ଫିଲ୍ମରେ କାମ କରିବାର ସୁଯୋଗ ମିଳିଥିଲା ବୋଲି ମୁଁ ଭାବେ ।

**ଫିଲ୍ମର ପ୍ରଥମ ସୁଟିଂ ସମୟର କ'ଣ ଥିଲା ଅନୁଭବ?**

● ସବୁବେଳେ ନୂଆ କାମ କରିବା ସମୟରେ ଟିକେ ଭୟ ଲାଗେ । ଯେତେ କାମ କରିଥିଲେ ବି 'ଘମାଘୋଟ' ଥିଲା ମୋ ଅଭିନୀତ ପ୍ରଥମ ସିନେମା । ତେଣୁ ଏହାର ସୁଟିଂ ସମୟରେ ମନ ଭିତରେ ଟିକେ ଭୟ ରହିଥିଲା । ସଂଳାପଠାରୁ ଆରମ୍ଭ କରି ଫାଇଟିଂ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ମୁଁ କିପରି ପରଫେକ୍ଟ ରହିବି, ତାହାକୁ ଗୁରୁତ୍ୱ ଦେଉଥିଲି । ଏହି ଫିଲ୍ମରେ ଯେଉଁ ଅନୁଭୂତି ମିଳିଛି ତାହା ଆଉ କେଉଁଠି ମିଳିନି ।




**କେତେ ପରିଶ୍ରମ କରିବାକୁ ପଡ଼ିଥିଲା?**

● 'ଘମାଘୋଟ' ଏକ ଆକ୍ସନ୍ ଭିତ୍ତିକ ସିନେମା । ବହୁ କଳାକାରଙ୍କୁ ନେଇ ହୋଇଥିବା ଏହି ଫିଲ୍ମ ପାଇଁ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ହେବାକୁ ପଡୁଥିଲା । ଗୋଟିଏ ମାସ ଜିମ୍‌ରେ ବକ୍ସିଂ, ମାର୍ସଲଆର୍ଟ ସବୁଥିରେ ତାଲିମ ନେବାକୁ ପଡ଼ିଛି । ଏହା ପରେ ସୁଟିଂକୁ ଓହ୍ଲାଇଥିଲୁ । ତେବେ ଖୁବ୍ କମ୍ ସମୟ ମଧ୍ୟରେ ଜଣ ଜଣକ ଷ୍ଟୋରୀ ସରୁଥିବାରୁ ଏହି ଫିଲ୍ମ ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ତେବେ ଜଣେ ଭଲ କଳାକାର ହେବା ପାଇଁ ଶୃଙ୍ଖଳିତ, ଏକାଗ୍ରତା ଓ ପରିଶ୍ରମୀ ହେବା ନିହାତି ଆବଶ୍ୟକ ।

**ସୁଟିଂ ବେଳର କିଛି ସ୍ମରଣୀୟ ମୁହୂର୍ତ୍ତ?**

● 'ଘମାଘୋଟ' ଫିଲ୍ମରେ ବିଭାସଙ୍କ ସହ ମୋ ଫାଇଟିଂ ସିନ୍ ଥାଏ । ଏଥିରେ ତାଙ୍କର ଚରିତ୍ର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲା । ହାତରେ ସେ ଗୁଡ଼ାଏ ମୁଦି ପିନ୍ଧୁଥିଲେ । ତେଣୁ ଗୋଟିଏ ସିନ୍‌ରେ ତାଙ୍କ ହାତର ମୁଦି ଆଉ ଚେନ୍ ମାଡ଼ ବାଜି ମୋର ଆଇବ୍ରୋ ଉପର ଫାଟି ଯାଇଥିଲା । କାଚ ବୋତଲ ଭଙ୍ଗା ଯାଉଥିଲେ ବି କେମିତି କ'ଣ ମୋ ହାତ ବି କଟିଯାଇଥିଲା । ତେଣୁ ଭଲ ଅଭିନୟ କରିବାକୁ ମୋତେ ଅନେକ କିଛି ସହିବାକୁ ପଡ଼ିଛି ।

**ଅଭିଷେକଙ୍କ ଫିଟ୍‌ର ରାଜ୍ କ'ଣ?**

● ଏବେ ସୁଟିଂ, ପ୍ରମୋସନ୍, ଇଭେଣ୍ଟ ଆଦି ପାଇଁ ବ୍ୟସ୍ତ ରହିବାକୁ ପଡୁଛି । ସମୟ ଫିକ୍ସ ନ ଥିଲେ ବି ସପ୍ତାହକୁ ୪ ଦିନ ଜିମ୍ ଯାଇ ବ୍ୟାୟାମ କରେ । ଏମିତି ନ କଲେ ସପ୍ତାହ ସାରା ମୋତେ ଭଲ ଲାଗେନା । ତେଣୁ ମୁଁ ଦୈନିକ ବ୍ୟାୟାମ ଓ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ଆପଣଙ୍କ ଆଗାମୀ ଯୋଜନା କ'ଣ ରହିଛି?**

● ରାଜେନ୍ଦ୍ର ମହନ୍ତଙ୍କ 'ଦ ମିଲେଟ୍ ଡାଏରୀ' ଓ ରମେଶ ଭାଇଙ୍କ ନିର୍ଦ୍ଦେଶିତ 'କାନତରାଟି' ଫିଲ୍ମରେ ଦର୍ଶକ ଦେଖିବାକୁ ପାଇବେ । ଏଥିରେ ମୋ' ବିପକ୍ଷରେ ବହୁ ଲୋକପ୍ରିୟ କଳାକାର ରହିଛନ୍ତି । ଗୋଟେ କଥା କହିବି ଏଯାବତ୍ ଯେଉଁ ତିନିଟି ଫିଲ୍ମରେ କାମ କଲିଣି, ସେଥିରୁ ମୁଁ ବହୁତ କିଛି କଥା ଶିଖିବାକୁ ପାଉଛି, ଆଗକୁ ବି ଶିଖିବାର ମନୋବୃତ୍ତି ରହିବ ।

## ଏପ୍ରିଲ୍ ୧୧ରେ 'ଡଷ୍ଟବିନ୍'

ଏପ୍ରିଲ୍ ୧୧ରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଡଷ୍ଟବିନ୍' । ଏହାର କାହାଣୀ, ଚିତ୍ରନାଟ୍ୟ, ନିର୍ଦ୍ଦେଶନା ଏବଂ ସଙ୍ଗୀତ ନିର୍ଦ୍ଦେଶନା ସହିତ ନାୟକ ଭୂମିକାରେ ଅଭିନୟ କରିଛନ୍ତି ପପୁ ପମ୍‌ପମ୍ । କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ । ଡ. ଦୀପକ ଜେନା ସଂଳାପ ରଚନା କରିଛନ୍ତି । ଏଥିରେ ପପୁ ପମ୍‌ପମ୍‌ଙ୍କର ନାୟିକା ସାଜିଛନ୍ତି ପ୍ରାଚୀ । ପ୍ରାଚୀ ଜଣେ ଓଡ଼ିଆ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତୀୟ ରିଏଲିଟି ଶୋ', ଧାରାବାହିକ ଓ ଚଳଚ୍ଚିତ୍ରରେ ବେଶ ସୁନାମ ଅର୍ଜନ କରିଛନ୍ତି । ଅନ୍ୟପକ୍ଷରେ ସୁକୁମାର ଟୁଡୁ, ଦ୍ୱୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ପୁଷ୍ପାଞ୍ଜଳି ସାହୁ, ଟୁକୁନା ଷ୍ଟାଇଲିସ, ମନୋଜ ସ୍ୱାଇଁ ଓ ଶିଶୁ କଳାକାର ଏସ୍. କ୍ରିତିକା ପ୍ରମୁଖଙ୍କ ଦମ୍‌ଦାର ଅଭିନୟ ଦେଖିବାକୁ ମିଳିଛି । ତେବେ 'ଡଷ୍ଟବିନ୍' ଏକ ସସ୍ପେନ୍ସ ଥ୍ରୀଲର ଓ ମର୍ଡର ମିଷ୍ଟ୍ରି ହୋଇଥିବା ବେଳେ ଏଥିରେ ଲଭ୍, ରୋମାନ୍ସ, ଆକ୍ସନ୍, ଇମୋସନ୍ ସବୁକିଛି ଭରି ରହିଛି । ସେହିପରି ସାଧାରଣ ପ୍ରେମ କାହାଣୀରେ 'ଡଷ୍ଟବିନ୍' କେମିତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରେ, ତା'ର ନିଆରା ନଜିର ରହିଛି ଏହି ଚଳଚ୍ଚିତ୍ରରେ । ଏଥିରେ ୪ଟି ଗୀତ ରହିଛି । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶପତି ପ୍ରମୁଖ । ଗୀତିକାର ଡ. ନିର୍ମଳ ନାୟକ, ଡ. ଦୀପକ ଜେନା ଓ ରଞ୍ଜନ ନାୟକଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପପୁ ପମ୍‌ପମ୍ । ପ୍ରତ୍ୟେକଟି ଗୀତ ଭିନ୍ନ ସ୍ୱାଦର ଓ ମନଛୁଆଁ ହୋଇପାରିଛି ।



## ରିତେଶଙ୍କ ନେତାଗିରି



ବଲିଉଡ୍ ଫିଲ୍ମ ରେଡ୍-୨ରୁ ଅଜୟ ଦେବଗନଙ୍କ ପରେ ଏବେ ରିତେଶ ଦେଶମୁଖଙ୍କ ପ୍ରଥମ ଲୁକ୍ ସାମ୍ନାକୁ ଆସିଛି । ଏଥିରେ ସେ ନେତାଗିରି କରୁଥିବା ଦେଖାଯାଇଛି । ତେବେ ରିତେଶଙ୍କ ଏହି ନୂଆ ଲୁକ୍‌ରେ ଅଜୟ ତାଙ୍କ ଚରିତ୍ର ବାବଦରେ କହିଛନ୍ତି । ଅଜୟ ଏହିକଥା ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ସେୟାର୍ କରିଛନ୍ତି । ଏହି ଚରିତ୍ରରେ ରିତେଶ ଦାଦା ଭାଇ ଚରିତ୍ରରେ ନଜର ଆସିବେ । ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜକୁମାର ଗୁପ୍ତା ଅଛନ୍ତି । ଏଥିରେ ବାଣୀ କପୁର ଏବଂ ସୌରଭ ଶୁକ୍ଳା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ । ତେବେ 'ରେଡ୍ ୨' ହେଉଛି ୨୦୧୮ ମସିହାରେ ଆସିଥିବା ରେଡ୍‌ର ସିକ୍ୱେଲ । ଅନ୍ୟପକ୍ଷରେ ସିନେମାଟି ମେ ୧ ତାରିଖରେ ମୁକ୍ତିଲାଭ କରିବ ।



## ଆସିଲା 'ଛୋରି-୨'ର ଟିଜର୍

୨୦୨୧ ମସିହାରେ ନୁସରତ୍ ଭରୁଚାଙ୍କ ଅଭିନୀତ ସିନେମାକୁ ଦର୍ଶକୀୟ ଆଦୃତି ମିଳିଥିଲା । ଏହା ସହିତ ଦର୍ଶକେ ଏହାର ସିକ୍ୱେଲକୁ ଅପେକ୍ଷା କରି ରହିଥିଲେ । ଏବେ ନିର୍ମାତା ଏହି ସିନେମାର ଦ୍ୱିତୀୟ ଭାଗ ଘୋଷଣା କରିଛନ୍ତି । ଏଥିରେ ନୁସରତ୍ ଅଭିନୟ କରିଥିବା ବେଳେ ଏହି ସିନେମାର ଟିଜର୍ ରିଲିଜ୍ କରିଛନ୍ତି । ସେହିପରି ଏହାର ଟିଜର୍‌କୁ ଦେଖି ବୁଝାପଡୁଛି ପ୍ରଥମ ଭାଗଠାରୁ ଏହା ଅତ୍ୟନ୍ତ ଭୟାନକ । ସୋହା ଅଲୀ ଖାନଙ୍କ ଭୟାନକ ରୂପ ମଧ୍ୟ ଏହାର ଟିଜରରୁ ଦେଖିବାକୁ ମିଳିଛି । ଗୋଟିଏ ମିନିଟ୍ ୨୮ ସେକେଣ୍ଡର ଟିଜରରୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ଟିଜର ପ୍ରାରମ୍ଭରୁ ଦେଖିବାକୁ ମିଳୁଛି ଗୋଟିଏ ଛୋଟ ପିଲା ତା' ମା' ସାକ୍ଷୀ (ନୁସରତ୍ ଭରୁଚା)କୁ ଖୋଜୁଛି । ଏହାରି ଭିତରେ ଭୟାନକ ଛାୟା ସଂସ୍ପର୍ଶରେ ଆସୁଛି । ଏହାପରେ ସାକ୍ଷୀର ସଂଘର୍ଷ ଆରମ୍ଭ ହୋଇଛି ଏବଂ ସେହି ଛାୟାରୁ ସେ ନିଜ ଝିଅକୁ ବଞ୍ଚାଇବାକୁ ପ୍ରୟାସ କରିଛି । ସେହିପରି ଏହି ଟିଜରରେ ନିର୍ମାତା ସୋହା ଅଲିଙ୍କୁ ମଧ୍ୟ ପରିଚିତ କରାଇଛନ୍ତି ।

ପରଦା ପଛର କାହାଣୀ

## ଗୋଟିଏ ଗୀତର ସୁଟିଂ ପାଇଁ ୧୯ ଦିନ ଅଭ୍ୟାସ

୧୯୯୪ ମସିହାରେ ମୁକ୍ତିଲାଭ କରିଥିଲା ଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର 'ହମ୍ ଆପକେ ହେଁ କୌନ' । ସୁରଜ ବଡ଼ଜାତ୍ୟାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲା । ଏହି ଫିଲ୍ମରେ ସଲମାନ ଖାନ୍ 'ପ୍ରେମ୍' ଓ ମାଧୁରୀ ଦୀକ୍ଷିତ 'ନିଶା' ଚରିତ୍ରରେ ଅଭିନୟ କରିଥିଲେ । ନିକଟରେ ସୁରଜ ବଡ଼ଜାତ୍ୟା ଏହି ଫିଲ୍ମ ସହ ଜଡ଼ିତ କିଛି ରୋଚକ କଥା ପ୍ରକାଶ କରିଛନ୍ତି । ଯାହା ବିଷୟରେ ହୁଏତ ଅନେକେ ଜାଣିନଥିବେ! 'ମିଡ୍ – ଡେ' ସହ ବାର୍ତ୍ତାଳାପ କରି ସୁରଜ ବଡ଼ଜାତ୍ୟା କହିଛନ୍ତି, "ଫିଲ୍ମରେ ଥିବା 'ଦିଦି ତେରା ଦେବର ଦିୱାନା' ଗୀତ ପାଇଁ ୧୯ ଦିନ ଧରି ପୂର୍ବାଭ୍ୟାସ ବା ରିହର୍‌ସେଲ୍ କରିବାକୁ ପଡ଼ିଥିଲା ।" ମାଧୁରୀ ଦୀକ୍ଷିତ ଏହି ଗୀତରେ ଗୋଟିଏ ବାଇଗଣୀ ରଙ୍ଗର ଶାଢ଼ି ପିନ୍ଧି ଗର୍ଭବତୀ ଥିବାର ନାଟକ କରୁଥିଲେ । ଏହି ଗୀତର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ଥିଲା ମାଧୁରୀଙ୍କ ପେଟ ଉପରେ ଏକ କପ୍ ରଖାଯିବା । ଠିକ୍ ଜାଗାରେ କପ୍‌ଟି ରଖିବାକୁ ଗୋଟିଏ ଦିନ ସମୟ ଲାଗିଥିଲା । ସେହିପରି 'ସମଧି ସମଧନ୍...' ଗୀତରେ ଆଲୋକ ନାଥ ଓ ରୀମା ଲାଗୁ ମୁଖ୍ୟ ଚରିତ୍ରରେ ଥିଲେ । ତେବେ ସଲମାନ୍ ଏବଂ ମାଧୁରୀ ପୃଷ୍ଠଭୂମିରେ ବା ବ୍ୟାକ୍‌ଗ୍ରାଉଣ୍ଡରେ ଥିଲେ । ସେଟ୍‌ରେ ପାଞ୍ଚ ଦିନ ଧରି ମାଧୁରୀ ପଛରେ ରହି କେବଳ ତାଳି ମାରୁଥିଲେ । ଫିଲ୍ମର ସଫଳତାକୁ ନେଇ ସମସ୍ତଙ୍କର ବିଶ୍ୱାସ ରହିଥିଲା । ଥରେ ହେଲେ ଏନେଇ ମାଧୁରୀ ମୋତେ ପ୍ରଶ୍ନ କରି ନଥିଲେ ବୋଲି ସୁରଜ୍ କହିଥିଲେ । 'ହମ୍ ଆପକେ ହେଁ କୌନ' ଫିଲ୍ମକୁ ବେଶ୍ ଦର୍ଶକୀୟ ଆଦୃତି ମିଳିଥିଲା । ତେବେ 'ଦିଦି ତେରା ଦେବର ଦିୱାନା' ଗୀତର ଅଭୂତପୂର୍ବ ସଫଳତା ପଛରେ କେତେ ସମୟ ଦେବାକୁ ପଡ଼ିଥିଲା, ତାହା ନିର୍ଦ୍ଦେଶକ ସୁରଜ ବଡ଼ଜାତ୍ୟା ପ୍ରକାଶ କରିଥିଲେ ।



## ଟେଲିଭିଜନ ପ୍ରିମିୟର୍

## 'ଅଜବ ଏ ପ୍ରେମ କାହାଣୀ'

ମାର୍ଚ୍ଚ ୩୦ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ପ୍ରସାରିତ ହେବ ନୂଆ ସିନେମା 'ଅଜବ ଏ ପ୍ରେମ କାହାଣୀ' । ଏସ୍.ପି.ପି ପ୍ରଡକ୍ସନ୍ ବ୍ୟାନରରେ ନିର୍ମିତ କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜିତ ଓ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଶ୍ରୀଜିତ ମହାପାତ୍ର ଓ ଭକ୍ତି ପଟ୍ଟନାୟକ । ସିନେମାରେ ସଂଗୀତ ଦାୟିତ୍ୱ ଗୁଡ୍‌ଲି ରଥ ସମ୍ଭାଳିଥିବା ବେଳେ ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୂପେଶ ପାତ୍ର କଣ୍ଠଦାନ କରିଛନ୍ତି । ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା । ତେବେ ଚଳଚ୍ଚିତ୍ରର କାହାଣୀ ନାୟକ ଗୌରବଠୁ ଆରମ୍ଭ । ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇଁ ସେ ଭୁବନେଶ୍ୱର ଚାଲି ଆସେ ଓ ଏମିତି ଏକ ଘର ଭଡ଼ା ନିଏ, ଯାହା ୪ ବର୍ଷ ହେବ ବନ୍ଦ ପଡ଼ିଛି । ସେହି ଘରେ ରହିବା ଭିତରେ ଗୌରବର ଦେଖା ହୁଏ ସ୍ମିତା ସହ । ତା'ସହ ଗୌରବର ଜୀବନରେ ଘଟେ କିଛି ଅଲୌକିକ ଘଟଣାଂ ଧୀରେ ଧୀରେ ଘରେ ଘଟୁଥିବା ଏମିତି କିଛି ଘଟଣାରୁ ଗୌରବକୁ ସ୍ମିତାର ଅତୀତ ବିଷୟରେ ଜଣାପଡ଼େ । ଗୌରବ ଓ ସ୍ମିତାର ଏହି ଯାତ୍ରାରେ କ'ଣ କ'ଣ ସବୁ ରୋଚକ ଘଟଣା ଘଟୁଛି, ତାହା ସମ୍ପୂର୍ଣ୍ଣ ଫିଲ୍ମ ଦେଖିଲେ ହିଁ ଜଣାପଡ଼ିବ ।





## ଏକାଠି ଅଲ୍ଲୁ-ଅର୍ଜୁନ

ଅଲ୍ଲୁ-ଅର୍ଜୁନ ଏଟ୍‌ଲିଙ୍କ ଫିଲ୍ମରେ କାମ କରିବେ । ସନ୍ ପିକଚର୍ସ ସହିତ ଅଲ୍ଲୁ 'ଏ୬'ରେ ନଜର ଆସିବେ । ଏ ଲାଗି ସେ ଏଥିରେ ୧୭୫ କୋଟି ଟଙ୍କାର ଚୁକ୍ତି କରିଛନ୍ତି । ଏହା ସହିତ ସିନେମାର ଲାଭାଂଶର ୧୫ ପ୍ରତିଶତ ନେବେ । ଏପରିକି ଦୁହେଁ ଏହା ଉପରେ କାମ କରିବା ଆରମ୍ଭ କରିଛନ୍ତି । ଏଥିରେ ଅଲ୍ଲୁଙ୍କ ଦ୍ୱୈତ ଚରିତ୍ର ହୋଇପାରେ । ତା'ସହ ଏଟ୍‌ଲି ତାଙ୍କ ଷ୍ଟାଇଲରେ ଅଲ୍ଲୁଙ୍କୁ ଏହି ସିନେମାରେ ପରିଚିତ କରାଇବେ । କହିବାକୁ ଗଲେ, ଏଥିରେ ସେ ନାୟକ ଓ ଖଳନାୟକ ଚରିତ୍ରରେ ନଜର ଆସିବେ । ଅବଶ୍ୟ ପ୍ରଥମ ଥର ପାଇଁ ଅଲ୍ଲୁ ଦୁଇଟି ଚରିତ୍ରରେ ଅଭିନୟ କରିବେ । ଏହି ସିନେମାଟି ଦୁଇଟି ଟାଇମ୍ ଲାଇନ୍‌ରେ ଚାଲିବ । ଅବଶ୍ୟ ଏହାକୁ ନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି ପ୍ରକାଶ କରାଯାଇ ନାହିଁ । ତେବେ ଏହି ସିନେମାର କାହାଣୀ ଉପରେ ଏବେ କାମ ଚାଲିଛି ।

## ଶେଷ ଟି-୨୦ରେ ଜିତିଲା ନ୍ୟୁଜିଲାଣ୍ଡ

# ପାକିସ୍ତାନର ଶୋଚନୀୟ ପରାଜୟ




ୱେଲିଂଟନ,୨୬ ।୩(ଏଜେନ୍ସି): ପାକିସ୍ତାନ ବିପକ୍ଷ ୫ମ ଟି-୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ୧୦ ଓଭର ବାକିଥାଇଁ ୮ ୱିକେଟରେ ବିଜୟୀ ହୋଇଛି । ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୪-୧ରେ ବିଜୟ ହାସଲ କରିଛି । ବୁଧବାର ସ୍ଥାନୀୟ ସ୍କାଏ ଷ୍ଟାଡିୟମରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୯ ୱିକେଟ ହରାଇ ୧୨୮ ରନରେ ସୀମିତ ରହିଥିଲା । ଏଥିସହ ପାକିସ୍ତାନ ଆଉ ଏକ ଲଜ୍ଜାଜନକ ପରାଜୟବରଣ କରିଛି । ଜବାବରେ ନ୍ୟୁଜିଲାଣ୍ଡ ଧୂଆଁଧାର ବ୍ୟାଟିଂକରି ୧୦ ଓଭରରେ ୨ ୱିକେଟ ହରାଇ ୧୩୧ ରନକରି ବିଜୟ ହାସଲ କରିଥିଲା । ୪ ଓଭର ବୋଲିଂ କରି ୨୨ ରନ ଦେଇ ୫ ୱିକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ସାରା ସିରିଜରେ ୨୪୯ ରନ କରି ନ୍ୟୁଜିଲାଣ୍ଡ ଓପନର ଟିମ୍ ସିଫର୍ଟ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମ ଟି-୨୦ରେ ୯ ୱିକେଟରେ, ଦ୍ୱିତୀୟରେ ୫ ୱିକେଟରେ, ଚତୁର୍ଥରେ ୧୧୫ ରନରେ ବିଜୟ ହାସଲ କରିଥିଲା । ତେବେ ପାକିସ୍ତାନ ତୃତୀୟ ଟି-୨୦ରେ ୯ ୱିକେଟରେ ବିଜୟୀ ହୋଇଥିଲା ।

## ଗୌହାଟୀରେ ବୋଲରଙ୍କ କମାଲ ପରେ ଡି କକ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

# ରାଜସ୍ଥାନକୁ ସହଜରେ ହରାଇଲା କୋଲକାତା

ଗୌହାଟୀ,୨୬।୩ (ଏଜେନ୍ସି):

ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଓ କ୍ୱିଣ୍ଟନ ଡି କକ୍ (୬୧ ବଲ୍‌ରେ ଅପରାଜିତ ୯୭ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଆଇପିଏଲ୍‌ର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୮ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି । ଏହା ଫଳରେ ଚଳିତ ସିଜନରେ ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ଦ୍ୱିତୀୟ ମ୍ୟାଚ୍‌ରୁ ପ୍ରଥମ ବିଜୟ ହାସଲ କରିଥିଲାବେଳେ ରାଜସ୍ଥାନ ୨ଟିଯାକ ମ୍ୟାଚ୍ ହାରିଯାଇଛି । ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ବୁଧବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୧ ରନ୍ କରିଥିଲା । ଜବାବରେ କୋଲକାତା ୧୭.୩ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ବିଜୟୀ ଦଳ ପକ୍ଷରୁ କ୍ୱିଣ୍ଟନ ଡି କକ୍ ସର୍ବାଧିକ ୯୭ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଏଥିଲାଗି ସେ ୬୧ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୬ଛକା ମାରିଥିଲେ । ତାଙ୍କ ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ଅଙ୍ଗକ୍ରିସ୍ ରଘୁବଂଶୀ । ସେ ୧୭ ବଲ୍‌ରୁ ୨ ଚୌକା ସହ ୨୨ ରନ୍ କରିଥିଲେ । ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୮ ଓ ମୋଇନ ଅଲି ୫ ରନ୍ କରିଥିଲେ । ଅଲି ରନ୍‌ଆଉଟ ହୋଇଥିଲାବେଳେ ରାହାଣେଙ୍କୁ ଆଉଟ କରିଥିଲେ ହାସରଙ୍ଗା ।




| କ୍ୱିଣ୍ଟନ ଡି କକ୍ |
|---|
| ବଲ୍- ୬୧ |
| ରନ୍- ୯୭* |
| ଚୌକା- ୮ |
| ଛକା- ୬ |

### ସବୁ ବୋଲରଙ୍କୁ ମିଳିଲା ୱିକେଟ

ଏଠାରେ କୋଲକାତା ଟସ୍ ଜିତିଲା ପରେ ରାଜସ୍ଥାନକୁ ପ୍ରଥମେ ବ୍ୟାଟିଂ ଲାଗି ସୁଯୋଗ ଦେଇଥିଲା । ଦଳର ଦୁଇ ଓପନର ସଞ୍ଜୁ ସାମସନ ଓ ଯଶସ୍ୱୀ ଜୟସ୍ୱାଲ ଭଲ ଖେଳି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ । ସାମସନ ୧୩ ରନ୍‌ରେ ବୈଭବ ଅରୋରାଙ୍କ ଦ୍ୱାରା ଆଉଟ ହେବା ପରେ ଜୟସ୍ୱାଲ ଓ କାମଚଳା ଅଧିନାୟକ ରିୟାନ ପରାଗ ଦଳୀୟ ସ୍କୋରକୁ ୬୭ରେ ପହଞ୍ଚାଇଥିଲେ । ୧୫ବଲରୁ ୩ ଛକା ସହ ୨୫ ରନ୍ କରିବା ପରେ ପରାଗ ଆଉଟ ହୋଇଯାଇଥିଲେ । ଏହା ପରେ ଦଳର ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟି ସ୍କୋର ୫ ୱିକେଟରେ ୮୨ ରନ୍‌ରେ ପହଞ୍ଚିଥିଲା । ତୃତୀୟ ଖେଳାଳିଭାବେ ଜୟସ୍ୱାଲ ୨୯, ନୀତୀଶ ରାଣା ୮, ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଥିବା ୱାନିନ୍ଦୁ ହାସରଙ୍ଗା ୪, ଇମ୍ପାକ୍ଟ ଖେଳାଳିଭାବେ ଆସିଥିବା ଶୁଭମ ଦୁବେ ୯, ସିମରନ ହେଟମାୟର ୭ ରନ୍‌ରେ ଆଉଟ ହୋଇଥିଲେ । କେବଳ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ୨୮ ବଲ୍‌ରେ ୩୩ ରନ୍ କରି ତିଷ୍ଠି ରହିଥିଲେ । କିନ୍ତୁ ଜୋଫ୍ରା ଆର୍ଚର ୭ ବଲ୍‌ରୁ ୨ ଛକା ସହ ୧୬ ରନ୍ କରିବା ଫଳରେ ରାଜସ୍ଥାନ ଦେଢଶ' ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା ।

ଏହି ମ୍ୟାଚ୍‌ରେ କୋଲକାତା ଅଧିନାୟକ ମାତ୍ର ୫ଜଣ ବୋଲରଙ୍କୁ ବ୍ୟବହାର କରିଥିଲା ଏବଂ ସମସ୍ତେ ୱିକେଟ ପାଇଥିଲେ । ସ୍ପେନସର ଜନସନଙ୍କୁ ଗୋଟିଏ ୱିକେଟ ମିଳିଥିଲା । ଅନ୍ୟ ୪ଜଣ ଯଥା ବୈଭବ ଅରୋରା, ହର୍ଷିତ ରାଣା, ମୋଇନ୍ ଅଲି ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା । ସୁନିଲ ନାରାୟଣ ଏହି ମ୍ୟାଚ୍ ଖେଳି ନଥିଲେ ।

### ଆଇପିଏଲ୍‌ରେ ଆଜି

ହାଇଦ୍ରାବାଦ୍ ବନାମ ଲକ୍ଷ୍ନୌ
ହାଇଦରାବାଦ୍ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍ସ / ଜିଓ ହଟଷ୍ଟାର

### ସଂକ୍ଷିପ୍ତ ସ୍କୋର

**ରାଜସ୍ଥାନ ରୟାଲ୍ସ**
**୧୫୧/ ୯, ୨୦ ଓଭର**
(ଜୁରେଲ-୩୩, ଜୟସ୍ୱାଲ-୨୯, ଚକ୍ରବର୍ତ୍ତୀ-୨/୧୭, ମୋଇନ୍-୨/୨୩) ।

**କୋଲକାତା ନାଇଟ୍ ରାଇଡର୍ସ**
**୧୫୩/୨,୧୭.୩ ଓଭର**
(ଡି କକ୍- ୯୭*, ରଘୁବଂଶୀ-୨୨*, ରାହାଣେ-୧୮ ହସରଙ୍ଗା-୧/୩୪) ।



ରାଜସ୍ଥାନ ଡ୍ରେସିଂ ରୁମ୍‌ରେ ୧୪ ବର୍ଷୀୟ ଖେଳାଳି ବୈଭବ ସୂର୍ଯ୍ୟବଂଶୀ

## ପ୍ରଭାତ ସ୍ମାରକୀ କ୍ରିକେଟ

# ସେମିଫାଇନାଲରେ ଗଙ୍ଗପଡ଼ା




ଭୁବନେଶ୍ୱର, ୨୬।୩ (ସମିସ): ଶୁଭେନ୍ଦୁ ପ୍ରଧାନ (୧୧୪ ରନ୍ ଓ ୨ ୱିକେଟ)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଗଙ୍ଗପଡ଼ା କ୍ରିକେଟ କ୍ଲବ୍ ୯୨ ରନ୍‌ରେ କଲ୍ୟାଣପୁର କ୍ରିକେଟ ଟିମ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ପ୍ରଭାତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ମେଣ୍ଢାଶାଳ ମଧ୍ୟରେ ଗ୍ରୁପ୍-ବି'ର ଦ୍ୱିତୀୟ ଏବଂ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ସହ ଗଙ୍ଗପଡ଼ା ଦ୍ୱିତୀୟ ସେମିଫାଇନାଲ ମୁକାବିଲା କରିବ । ପୂର୍ବରୁ ଯଦୁପୁର କ୍ରିକେଟ କ୍ଲବ୍ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିସାରିଛି । ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବିଜୟୀ ଗଙ୍ଗପଡ଼ା ଦଳର ଶୁଭେନ୍ଦୁ ପ୍ରଧାନଙ୍କୁ ସାମାଜିକ କର୍ମୀ ତଥା ଆଜିର ଅତିଥି ଗୁଣ ବେହେରା ପୁରସ୍କାର ପ୍ରଦାନ କରିଥିଲେ ।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗଙ୍ଗପଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୯୨ ରନ୍ କରିଥିଲା । ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୪୫ ବଲ୍‌ରେ ୧୧୪ ଓ ଶୁଭେନ୍ଦୁ ଶ୍ରୀଚନ୍ଦନ ୧୮ ବଲ୍‌ରେ ୫୨ ରନ୍ କରିଥିଲେ । ପ୍ରତିପକ୍ଷ ଦଳର ସୂର୍ଯ୍ୟକାନ୍ତ ମଲିକ ୩ଟି ଓ ଜଗତପ୍ରିୟ ରାଉତରାୟ ୨ଟି ୱିକେଟ ନେଇଥିଲେ । ଜବାବରେ କଲ୍ୟାଣପୁର ସମାନ ସଂଖ୍ୟକ ଓଭର ଖେଳି ୯ ୱିକେଟରେ ୨୦୦ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ବସନ୍ତ ସାହୁ ୨୩ ବଲ୍‌ରେ ୫୧ ଓ ଗୀରିଶ ନାୟକ ୧୭ ବଲ୍‌ରେ ୩୯ ରନ୍ କରିଥିଲେ ମଧ୍ୟ ତାହା ଦଳ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା । ବିଜୟୀ ଦଳର ରଶ୍ମିରଞ୍ଜନ ଜେନାଙ୍କୁ ୩ଟି ଓ ଶୁଭେନ୍ଦୁ ପ୍ରଧାନଙ୍କୁ ୨ଟି ୱିକେଟ ମିଳିଥିଲା । ଅମ୍ପାୟାର ସୁଶାନ୍ତ ପଟ୍ଟନାୟକ ଓ ଅକ୍ଷୟ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ ।

# ଭାରତରେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ହେଲେ ଖର୍ଚ୍ଚ ହେବ ୬୪ ହଜାର କୋଟି

ନୂଆଦିଲ୍ଲୀ,୨୬ ।୩(ଏଜେନ୍ସି): ୨୦୩୬ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ଅଣ୍ଟା ଭିଡିଛି । ଏଥିପାଇଁ ଗତ ଅକ୍ଟୋବରରେ ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ଏକ ଚିଠି ଲେଖି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)କୁ ଅବଗତ କରାଇଥିଲା । ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ଉତ୍ସାହିତ ଅଛି ବୋଲି ଆଇଓଏ ଜଣାଇଥିଲା । ଏହି ମେଗା ଇଭେଣ୍ଟ ଆୟୋଜନ କଲେ ଭାରତକୁ ୩୪, ୭୦୦ରୁ ୬୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଆୟୋଜନରେ ୩୨, ୭୬୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । କିନ୍ତୁ ଭାରତକୁ ଏହାଠାରୁ ଯଥେଷ୍ଟ ଅଧିକ ଖର୍ଚ୍ଚ କରିବାକୁ ହେବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଉଲ୍ଲେଖଥାଉ କି, ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ସମେତ ୧୦ଟି ଦେଶ ନିଜର ଇଚ୍ଛା ଜାହିର କରିଛନ୍ତି । ଏଗୁଡ଼ିକ ମଧ୍ୟରେ କତାର, ସାଉଦି ଆରବ ଭଳି ମଧ୍ୟପ୍ରାଚ୍ୟ ଦେଶ ସାମିଲ ରହିଛନ୍ତି । ୨୦୨୬ ଅଲିମ୍ପିକ୍ସ ପରେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ ।




# ଓଡ଼ିଶା ମହିଳା ପ୍ରିମିୟର ଲିଗ୍: ଟାଟା ଷ୍ଟିଲ, ଓଜିପି ବିଜୟୀ

ଭୁବନେଶ୍ୱର,୨୬।୩ (ସମିସ): ୟୁନିଟ୍-୧ ଖେଳ ପଡ଼ିଆରେ ଚାଲିଥିବା ଓଡ଼ିଶା ମହିଳା ପ୍ରିମିୟର ଲିଗ୍‌ରେ ବୁଧବାର ୩ଟି ମ୍ୟାଚ୍ ଖେଳାଯାଇଛି । ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଟାଟା ଷ୍ଟିଲ ୭-୦ରେ ବକ୍ସି ଜଗବନ୍ଧୁ କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ସୁନୀତା ସୋରେନ୍ ଓ ଗୀତା କିସାନ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ । ନୀତୁ ପାତ୍ର, ସାମୁକା ଦଳାଇ ଓ ବର୍ଷା ମହାକୁଡ଼ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଜିପି କ୍ଲବ୍ ୨-୧ ଗୋଲରେ କିଟ୍ ଓ କିସ୍‌କୁ ପରାସ୍ତ କରିଛି । ବିଜୟୀ ଦଳ ପକ୍ଷରୁ ପ୍ରିୟଦର୍ଶିନୀ ବେହେରା ଓ ପୂର୍ଣ୍ଣିମା ସ୍ୱାଇଁ ଗୋଲ ଦେଇଥିଲେ । ସୀମାରାଣୀ ଧାରୁଆ କିଟ୍ ଓ କିସ୍ ପକ୍ଷରୁ ଗୋଟିଏ ଗୋଲ ଶୁଝାଇଥିଲେ । ଶେଷରେ ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ନୀତା ଫୁଟବଲ ଏକାଡେମୀ ୩-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି । ବିଜୟୀ ଦଳର ଇପସିତା ରାଉତ ୨ଟି ଓ ରୁକମଣୀ ମୁର୍ମୁ ଗୋଟିଏ ଗୋଲ ଦେଇଥିଲେ ।

## ଜାତୀୟ ଉପକନିଷ୍ଠ ଅସିଚାଳନା

# ଓଡ଼ିଶା ଦଳର ଜୋରଦାର ପ୍ରସ୍ତୁତି



କଟକ,୨୬।୩(ସମିସ): ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆଜି ଠାରୁ ଜାତୀୟ ଉପକନିଷ୍ଠ ଅସିଚାଳନା ଚାମ୍ପିଅନସିପ୍ ଆରମ୍ଭ ହେବ । ଏଥି ନିମନ୍ତେ ଓଡ଼ିଶା ଅସିଚାଳନା ସଂଘ ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ଭୁବନେଶ୍ୱର ଅସିଚାଳନା ଏକାଡେମୀରେ ଗତ ୫ରୁ ୨୦ଦିନିଆ ଦଳ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷକ ସୁକାନ୍ତ ସେଠ, ନିତିନ ସ୍ୱାଇଁ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲର ପ୍ରଶିକ୍ଷିକା ଅନ୍ୱେଷା ରାଉତ, ରୋଶନ ସାହୁ, ଏନଆଇଏସ ପ୍ରଶିକ୍ଷିକା କରିଶ୍ମା ରାଉତ, ମଣିପୁର ଏସଏସବି ପ୍ରଶିକ୍ଷକ ଲେନିନ ମିତାଇ, ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ଠାକୁର ଶିବିର ପରିଚାଳନା କରିଥିଲେ । ଏଥିରେ ସାମିଲ ହୋଇଥିବା ୩୪ଜଣ ଖେଳାଳିଙ୍କ ମଧ୍ୟରୁ ୨୪ଜଣଙ୍କୁ ରାଜ୍ୟ ଦଳରେ ସ୍ଥାନ ମିଳିଛି ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ରାଜ୍ୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ରାଜ୍ୟ ସଭାପତି ଅନଙ୍ଗ ଉଦୟ ସିଂ ଦେଓ, ଉପସଭାପତି ରମେଶ ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

**ବାଳକ ଦଳ**

ଲିଖିତ ବିଶ୍ୱାଳ, ନିଶାଙ୍କ ପଟେଲ, ବିଭୂତି ପଟେଲ, ଓମ ଖୋରା, ସ୍ୱାଗତ ପଟେଲ, ପଦ୍ମଲୋଚନ ନାଏକ, ଓମଶଙ୍କର ପଟେଲ, ଶୁଭମ ଜେସିଂ, ପ୍ରେମଜିତ ବେସ୍ରା, ସୌମ୍ୟ ପ୍ରଧାନ, ମଣିକେଶ ନାଏକ, କାହ୍ନା ଗଡତିୟା ।

**ବାଳିକା ଦଳ**

ସ୍ମୃତି ପ୍ରଭା, ସଞ୍ଜନା ଜାଲ, ଡଲିରାଣୀ ମାଝୀ, ଆସ୍ଥା, ସ୍ମୃତି ପ୍ରଭା, ସାରିକା ପଟେଲ, ଶ୍ରୀୟାଶ୍ରୁତି ପଟେଲ, ପ୍ରଜ୍ଞା ମହାନ୍ତି, ଇଶ୍ରିତା ମିଶ୍ର, ନମ୍ରତା ପଟେଲ, ଅମ୍ରିତା ଯୁଆଡ,ମୁକ୍ତି ବିଶ୍ୱାଳ ।

## 'ଡିଫେଣ୍ଡର ଅଫ୍ ଦି ଇୟର' ପୁରସ୍କାର

# ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି

ନୂଆଦିଲ୍ଲୀ,୨୬ ।୩(ଏଜେନ୍ସି):

ଭାରତୀୟ ହକି ଦଳର ଅଭିଜ୍ଞ ତଥା ଶ୍ରେଷ୍ଠ ଡିଫେଣ୍ଡର ଅମିତ ରୋହିଦାସ ହକି ଇଣ୍ଡିଆର ସପ୍ତମ ବାର୍ଷିକ ଉତ୍ସବରେ ପରଗତ ସିଂହ ପୁରସ୍କାର 'ଡିଫେଣ୍ଡର ଅଫ୍ ଦି ଇୟର' ଭାବେ ପୁରସ୍କୃତ ହୋଇଛନ୍ତି । ଏହି ପୁରସ୍କାର ମୋତେ ଦଳ ଓ ଦେଶ ପାଇଁ ଆହୁରି ଭଲ ପ୍ରଦର୍ଶନ କରିବାକୁ ଶକ୍ତି ଯୋଗାଇବା ସହ ଉତ୍ସାହିତ କରିଛି ବୋଲି ଅମିତ କହିଛନ୍ତି । ପୁରସ୍କାର ବାବଦରେ ତାଙ୍କୁ ନଗଦ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । କଠିନ ପରିଶ୍ରମ, ଟିମ୍‌ୱାର୍କକୁ ସେ ନିଜ ସଫଳତାର ଶ୍ରେୟ ଦେଇଛନ୍ତି । ଏହି ପୁରସ୍କାର ପାଇଁ ଆହୁରି ୩ଜଣ ଡିଫେଣ୍ଡର ନୋମିନେଟ୍ ହୋଇଥିଲେ । ସଞ୍ଜୟ, ଅଧିନାୟକ ତଥା ଅଭିଜ୍ଞ ହରମନପ୍ରୀତ ସିଂହ ଓ ଉଦିତା ଦୁହାନଙ୍କ ଭଳି ଡିଫେଣ୍ଡର ଏହି ପୁରସ୍କାର ଦୌଡ଼ରେ ଥିଲେ । କିନ୍ତୁ ପୁରସ୍କାର ପାଇଁ ମୋତେ ଚୟନ କରାଯାଇଥିବାରୁ ଚକିତ ହୋଇଥିଲି ବୋଲି ସେ କହିଛନ୍ତି । ଏହି ୩ ଖେଳାଳି ଗତ ଏକବର୍ଷ ହେବ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି ଓ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି । ପୁରସ୍କାର ଦୌଡ଼ରେ ସାମିଲ ହୋଇଥିବାରୁ ଖୁସି ହୋଇଥିଲି । କିନ୍ତୁ ଯେତେବେଳେ ପୁରସ୍କାର ପାଇଁ ମୋ ନାମ ଘୋଷଣା କରାଯାଇଥିଲା ଆଶ୍ଚର୍ଯ୍ୟ ହେବା ସହ ଆନନ୍ଦିତ ହୋଇଥିଲି ।




### ପରିବାର, ବନ୍ଧୁ, ଦଳୀୟ ସାଥୀ, କୋଚିଂ ଷ୍ଟାଫ୍‌ଙ୍କଠାରେ କୃତଜ୍ଞ

ବିଶ୍ୱର ଅନ୍ୟତମ ଫାଷ୍ଟ- ରସର ଭାବେ ଖ୍ୟାତି ଲାଭ କରିଥିବା ଅମିତ ବନ୍ଧୁ ଓ ଶୁଭ ଚିନ୍ତକଙ୍କଠାରୁ ପାଇଥିବା ସମର୍ଥନ ଓ ଶୁଭେଚ୍ଛା ତାଙ୍କୁ ଉତ୍ସାହିତ କରିଛି ଓ ଏହି ପୁରସ୍କାର ଆହୁରି କଠିନ ପରିଶ୍ରମ କରିବାକ ମୋତେ ବିଶେଷ ଭାବେ ପ୍ରେରଣା ଦେଇଛି । ହକି ଖେଳୁ ନଥିବା ବୋର ବନ୍ଧୁମାନେ ପୁରସ୍କାର ଜିତିବି ବୋଲି ମେତେ ବାର୍ତ୍ତା ଦେଇଥିଲେ । କିନ୍ତୁ ପ୍ରତିଦ୍ୱନ୍ଦ୍ୱୀତା ଜବରଦସ୍ତ ରହିଥିଲା । ତେଣୁ ପୁରସ୍କାର ଜିତିବି ବୋଲି ଭାବି ନଥିଲି । କିନ୍ତୁ ଶେଷରେ ପୁରସ୍କୃତ ହୋଇଥିବାରୁ ସମସ୍ତଙ୍କ ନିକଟରେ କୃତଜ୍ଞ ବୋଲି ସେ କହିଛନ୍ତି । ମୋ ପରିବାର ସମେତ ଦଳୀୟ ସାଥି, କୋଚିଂ ଷ୍ଟାଫ୍ ସବୁବେଳେ ମୋତେ ସମର୍ଥନ କରିଆସିଛନ୍ତି । ଏମାନଙ୍କ ସମର୍ଥନ ବିନା କିଛି ହାସଲ କରିପାରି ନଥାନ୍ତି । ୟୁ ଟ୍ୟୁବ୍‌ରେ ମୋ ପରିବାରର ସଦସ୍ୟମାନେ ପୁରସ୍କାର ବିତରଣକୁ ଦେଖିଥିଲେ । ପୁରସ୍କାର ଗ୍ରହଣ କରିଥିବାର ଦେଖି ସେମାନେ ସମସ୍ତେ ଆନନ୍ଦିତ ହୋଇଥିଲେ ବୋଲି ୩୧ ବର୍ଷୀୟ ଅମିତ କହିଛନ୍ତି ।

### ପ୍ରୋ ଲିଗ୍ ଓ ଏସିଆ କପ୍ ଉପରେ ନଜର




ଆଗକୁ ଏସିଆ କପ୍ ଓ ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପ୍ରୋ ଲିଗ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ୨୦୨୬ ବିଶ୍ୱକପ୍ ପାଇଁ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ସିଧାସଳଖ ଯୋଗ୍ୟତା ହାସଲ କରିବାର ସୁଯୋଗ ସୃଷ୍ଟି କରିଛି । ତେଣୁ ଏହି ଦୁଇଟି ଇଭେଣ୍ଟ ମୋ ପାଇଁ ଏବେ ଗୁରୁତ୍ୱ ବହନ କରୁଛି । ଜୁନ୍‌ରେ ପ୍ରୋ ଲିଗ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ତେଣୁ ପ୍ରୋ ଲିଗ୍ ପାଇଁ ପସ୍ତୁତି ଉପରେ ମନୋନିବେଶ କରୁଛି । ଏହାପରେ ଅଗଷ୍ଟ- ସେପ୍ଟେମ୍ବରେ ଏସିଆକପ୍ ହକି ଖେଳାଯିବ । ଏହି ଦୁଇ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଶତ-ପ୍ରତିଶତ ପ୍ରୟାସ କରିବି ବୋଲି ସେ କହିଛନ୍ତି । ୨୦୨୦ରେ ଟୋକିଓ ଓ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସରେ କ୍ରମାଗତ କାଂସ୍ୟ ପଦକ ହାସଲ କରିବାର ମୋ କ୍ୟାରିୟରର ସବୁଠାରୁ ଉଲ୍ଲେଖନୀୟ ସଫଳତା । କିନ୍ତୁ ପ୍ୟାରିସ ଅଲିମ୍ପିକ୍ସ ସଫଳତ ଆମ ପାଇଁ ସ୍ୱତନ୍ତ୍ର । କାରଣ ଦୀର୍ଘ ୫୨ ବର୍ଷ ପରେ ଆମେ ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲୁ । ଏହା ମୋ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଅମିତ କହିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS